ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ...

ବାଲେଶ୍ୱର ❑ ରବିବାର ୨୪ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 24 May 2026
Vol.No. 36 ■ No.135 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା
ସାଗରିକା
(ବିଷୁବ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସନ୍ତଖଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net

## ଉପରମୁହାଁ ତେଲଦର : ୧୦ ଦିନରେ ୩ ଥର ବୃଦ୍ଧି




ନୂଆଦିଲ୍ଲୀ,୨୩/୫ : ମଧ୍ୟପ୍ରାଚ୍ୟ ଉତ୍ତେଜନାର ପ୍ରଭାବ ଭାରତ ଉପରେ ସିଧାସଳଖ ପଡ଼ିଛି। ବୈଶ୍ୱିକ ତୈଳର ଅଭାବର ପ୍ରଭାବରେ ଭାରତରେ ଉପରମୁହାଁ ହୋଇଛି ତେଲ ଦର। ଅନ୍ୟ ଦେଶ ମାନଙ୍କରେ ବହୁ ପୂର୍ବରୁ ପେଟ୍ରୋଲ, ଡିଜେଲ ଦର ବଢ଼ିଥିବାବେଳେ ଭାରତରେ ୧୦ ଦିନ ଭିତରେ ବଢ଼ିଲାଣି ତିନି ଥର। ଆଗକୁ ଆହୁରି ଦର ବଢ଼ିବା ଆଶଙ୍କା କରାଯାଉଛି। ଯାହାକୁ ନେଇ ଚିନ୍ତାରେ ପଡିଲେଣି ଲୋକେ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭରୁ ଯାହା ଆଶଙ୍କା କରାଯାଉଥିଲା ତାହା ସତ ହୋଇଛି। ନିର୍ବାଚନ ସମୟରେ ଭାରତରେ ଦୁଇ ମାସ ପେଟ୍ରୋଲ ଡିଜେଲ ଦାମ ସ୍ଥିର ରହିଥିଲେ ବି ଏବେ ହାତ ଟେକି ଦେଇଛନ୍ତି ସରକାର। ସ୍ଥିତିର ମୁକାବିଲା ପାଇଁ ଦର ବଢ଼ାଉଛନ୍ତି ତୈଳ କମ୍ପାନୀ। ୧୦ ଦିନରେ ତିନିଥର ବଢ଼ିଲାଣି ପେଟ୍ରୋଲ ଓ ଡିଜେଲ ଦାମ୍। ୩ ଥରରେ ପେଟ୍ରୋଲ ୫ ଟଙ୍କା ୭ ପଇସା, ଡିଜେଲ୍ ୫ ଟଙ୍କା ୧୨ ପଇସା ହୋଇଛି। ତେଲଦର ବୃଦ୍ଧି ଯୋଗୁ ଅନ୍ୟାନ୍ୟ ସାମଗ୍ରୀର ଦର ବୃଦ୍ଧି ପାଇଛି। ଏହାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ସାଧାରଣ ଲୋକ। ତେଲ ଦର ବୃଦ୍ଧି ଯୋଗୁଁ ସବୁ ସାମଗ୍ରୀର ଦର ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ସାର ସଂକଟ ଯୋଗୁ ଚାଷ ମଧ୍ୟ ପ୍ରଭାବିତ ହେବ। ଦର ବୃଦ୍ଧି ଯୋଗୁଁ ଲୋକଙ୍କ ପକେଟରୁ ଟଙ୍କା କମିବ। ଯାହାଫଳରେ ଗରିବ, ଶ୍ରମିକ, ନିମ୍ନ ମଧ୍ୟବିତ୍ତ ଶ୍ରେଣୀ ଅଧିକ ପ୍ରଭାବିତ ହେବେ। ଡିଲର ସଂଘ କହିଛି, ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଅଶୋଧିତ ତୈଳ ଦାମ୍ ବ୍ୟାରେଲ ପିଛା ଆଜି ୧୧୩ ଡଲାରରେ ପହଞ୍ଚିଛି। ହର୍ମୁଜ ଦେଇ ସ୍ୱାଭାବିକ ଭାବେ ତେଲ ଆସୁ ନ ଥିବାରୁ ୭ ଦିନ ବଦଳରେ ୧୫ ଦିନରେ ତେଲ ଆସି ପହଞ୍ଚୁଛି। ତୈଳ କମ୍ପାନୀ ଗୁଡ଼ିକ ପେଟ୍ରୋଲରେ ଲିଟର ପିଛା ୩୦ ଟଙ୍କା ଓ ଡିଜେଲରେ ୮୦ ଟଙ୍କା କ୍ଷତି ସହୁଛନ୍ତି। କେନ୍ଦ୍ର ସରକାର ମାସକୁ ୧୫ ହଜାର କୋଟି ଟଙ୍କା କ୍ଷତି ସହୁଛନ୍ତି। ତେଣୁ ଏବେ ତେଲ ରେଟ୍ ବୃଦ୍ଧି ପାଉଛି। ତେଲର ଅଭାବୀ ଦେଖା ଦେବ ନାହିଁ। କିନ୍ତୁ ଦାମ୍ ବଢ଼ିବ ଓ ଏହାକୁ ସହିବାକୁ ପଡ଼ିବ।

## ଟ୍ରମ୍ପଙ୍କ ଝିଅ ଇଭାଙ୍କାଙ୍କୁ ହତ୍ୟା ଷଡ଼ଯନ୍ତ୍ର ବିଫଳ



ନୂଆଦିଲ୍ଲୀ,୨୩/୫ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଝିଅ ଇଭାଙ୍କା ଟ୍ରମ୍ପଙ୍କୁ ହତ୍ୟା ଷଡ଼ଯନ୍ତ୍ର। ଅଳ୍ପକେ ବର୍ତ୍ତିଲେ ଇଭାଙ୍କା। ଇରାନର ସେନା ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ ଦ୍ୱାରା ପ୍ରଶିକ୍ଷିତ ଜଣେ ଆତଙ୍କବାଦୀ ଇଭାଙ୍କା ଟ୍ରମ୍ପଙ୍କ ଜୀବନ ନେବା ପାଇଁ ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରିଥିଲା। ଆତଙ୍କବାଦୀ ତାଙ୍କ ପରାମର୍ଶଦାତା ଏବଂ ଇରାନୀ ସାମରିକ କମାଣ୍ଡର କାସେମ ସୋଲେମାନୀଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ଚାହୁଁଥିଲା, ଯିଏ ଛଅ ବର୍ଷ ପୂର୍ବେ ଏକ ଆମେରିକାର ଡ୍ରୋନ୍ ଆକ୍ରମଣରେ ନିହତ ହୋଇଥିଲେ। ସୁରକ୍ଷା ଏଜେନ୍ସିଗୁଡ଼ିକ ଇଭାଙ୍କା ଟ୍ରମ୍ପଙ୍କ ହତ୍ୟାର ଷଡ଼ଯନ୍ତ୍ର କରୁଥିବା ଆତଙ୍କବାଦୀକୁ ଗିରଫ କରିଛନ୍ତି। ସେ ୩୨ ବର୍ଷୀୟ ମହମ୍ମଦ ବାକିର ସାଦ ଦାଉଦ ଅଲ-ସାଦି ଭାବରେ ଚିହ୍ନଟ କରାଯାଇଛି। ସେ ଜଣେ ଇରାକୀ ନାଗରିକ ବୋଲି ଜଣାପଡ଼ିଛି। ଛଅ ବର୍ଷ ପୂର୍ବେ ବାଗଦାଦରେ, ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରି ଆମେରିକା ଏକ ବଡ଼ ଅପରେସନ କରିଥିଲା ଯେଉଁଥିରେ ସେ ଇରାନର ଶୀର୍ଷ ସାମରିକ କମାଣ୍ଡର କାସେମ ସୋଲେମାନୀଙ୍କୁ ହତ୍ୟା କରିଥିଲା। ଅଲ-ସାଦି ଏହି ଆକ୍ରମଣକୁ ତାଙ୍କ ଗୁରୁଙ୍କ ହତ୍ୟା ଭାବରେ ଦେଖୁଥିଲେ। ସେବେଠାରୁ ଟ୍ରମ୍ପ ପରିବାରକୁ ଧ୍ୱଂସ କରିବାକୁ ଷଡ଼ଯନ୍ତ୍ର କରୁଥିଲେ। ଅଭିଯୁକ୍ତ ଅଲ-ସାଦି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରିବାରକୁ ହତ୍ୟା କରିବାକୁ ପ୍ରତିଜ୍ଞା କରିଥିଲେ। ବିଶେଷକରି ତାଙ୍କ ଝିଅ ଇଭାଙ୍କା ଟ୍ରମ୍ପ। ତଦନ୍ତ ସମୟରେ, ସୁରକ୍ଷା ବାହିନୀ ଅଲ-ସାଦିଙ୍କ କବଜାରୁ ଇଭାଙ୍କା ଟ୍ରମ୍ପଙ୍କ ଫ୍ଲୋରିଡାରେ ଥିବା ବିଳାସପୂର୍ଣ୍ଣ ଘରର ଏକ ସମ୍ପୂର୍ଣ୍ଣ ବ୍ଲୁପ୍ରିଣ୍ଟ ଉଦ୍ଧାର କରିଥିଲେ। ସେ ବହୁତ ସମୟ ଧରି ତାଙ୍କ ବାସଭବନରେ ଗୁଇନ୍ଦାଗିରି କରୁଥିଲେ। ◆◆ପୃଷ୍ଠା ୭

## ପଞ୍ଚାୟତ ନିର୍ବାଚନ କାଉଣ୍ଟଡାଉନ୍ : ସରକାର ପ୍ରସ୍ତୁତ, କିନ୍ତୁ ଜନତା ଅପ୍ରସ୍ତୁତ

ଭୁବନେଶ୍ୱର, ୨୩/୫ (ନି.ପ୍ର): ପଞ୍ଚାୟତ ନିର୍ବାଚନ ପାଇଁ ସରକାରୀ ସ୍ତରରେ ପ୍ରସ୍ତୁତି ଜୋରଦାର। ପଞ୍ଚାୟତ ଦଖଲ ପାଇଁ ରାଜନୈତିକ ଦଳ ନିଜ ନିଜର ରଣନୀତି ସହ ଶୀର୍ଷ ନେତୃତ୍ୱଙ୍କ ଠାରୁ ଟାର୍ଗେଟ ପାଇସାରିଲେଣି। କିନ୍ତୁ ପଂଚାୟତରେ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ହୋଇପାରିନି। ଗତ ପଞ୍ଚାୟତ ନିର୍ବାଚନ ଠାରୁ ଏଥର ପଞ୍ଚାୟତ ନିର୍ବାଚନ ଭିତରେ ସରକାର ବଦଳି ଯାଇଛି। ଅନେକ ପଞ୍ଚାୟତ ସ୍ତରୀୟ ନେତା ଦଳ ପରିବର୍ତ୍ତନ କରିଦେଇଛନ୍ତି। ହେଲେ ଗାଁ ଲୋକଙ୍କ ସମସ୍ୟା ଯେମିତି ଥିଲା ସେମିତି। ଦୀର୍ଘ ୧୦ ବର୍ଷ ହେଲା ଭୋଟ ଦେଇନି ଏହି ଗାଁ। ୨୦୧୭ ମସିହା ରେ ପଞ୍ଚାୟତ ବିଭାଜନ ପରଠୁ ବିବାଦ ଲାଗି ରହିଛି। ଗାଁ ରେ ହୋଇ ପାରିନି କୌଣସି ଉନ୍ନୟନ ମୂଳକ କାମ। ଆଗାମୀ ଦିନରେ ଯଦି କିଛି ସମାଧାନ ନହୁଏ ତେବେ ଆଗାମୀ ପଞ୍ଚାୟତ ନିର୍ବାଚନ ମଧ୍ୟ ବର୍ଜନ କରିବାକୁ ଧମକ ଦେଇଛନ୍ତି ଗ୍ରାମବାସୀ। କେବଳ ଏହି ଗାଁ ନୁହେଁ। ସୀମାନ୍ତ ଅଞ୍ଚଳ ସମସ୍ୟା ଆହୁରି ସାଙ୍ଘାତିକ। କୋଟିଆ ସହ ଦକ୍ଷିଣ ଓଡ଼ିଶାର ସୀମାନ୍ତ ଅଞ୍ଚଳରେ ଆନ୍ଧ୍ରର ପ୍ରଭାବ ଥିବାରୁ ପଞ୍ଚାୟତ ନିର୍ବାଚନ ପରିଚାଳନା ହୋଇପାରେ କଷ୍ଟକର। ସୀମା ବିବାଦ ଲାଗି ରହିଥିବାରୁ ଭୋଟର ତାଲିକା ପ୍ରସ୍ତୁତିରେ ସମସ୍ୟା ସୃଷ୍ଟି ହୋଇପାରେ। ◆◆ପୃଷ୍ଠା ୭

## ବିଦ୍ୟୁତ୍ କର୍ମଚାରୀଙ୍କ ଛୁଟି ବାତିଲ

ଭୁବନେଶ୍ୱର, ୨୩/୫ (ନି.ପ୍ର): ରାଜ୍ୟରେ ବଢୁଥିବା ବିଦ୍ୟୁତ ଚାହିଦା ଓ ଜରୁରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନ ଲିମିଟେଡ୍ (ଓପିଟିସିଏଲ) ପକ୍ଷରୁ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ୍ ସହ ମୁଖ୍ୟାଳୟ ନଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ବିଦ୍ୟୁତ୍ କର୍ମଚାରୀ ମୁଖ୍ୟାଳୟ ଛାଡ଼ିପାରିବେନି। ଏହାସହ ସବୁ ଅନୁମୋଦିତ ଛୁଟିକୁ ତତ୍କ୍ଷଣାତ ବାତିଲ କରିଛି ଓପିଟିସିଏଲ।

## ଆହୁରି ୫ ଦିନ ଜଳିବ ଓଡ଼ିଶା : ୪୫ ଡିଗ୍ରି ଛୁଇଁଲା ୫ ସହରର ତାତି



ଭୁବନେଶ୍ୱର, ୨୩/୫ (ନି.ପ୍ର): ଆହୁରି ୫ ଦିନ ଜଳିବ ଓଡ଼ିଶା। ଗୁଳୁଗୁଳିରେ ସନ୍ତୁଳି ହେବ ଉପକୂଳ। ପୂରା ରାଜ୍ୟ ଗରମ ଓ ଗୁଳୁଗୁଳିରେ ଆଉଟୁ ପାଉଟୁ ହେଉଥିବା ବେଳେ,୨୭ ତାରିଖ ଯାଏଁ ଏଭଳି ଗ୍ରୀଷ୍ମପ୍ରବାହ ସ୍ଥିତି ଲାଗି ରହିବ। ତା ପରେ ତାପମାତ୍ରାରେ ସାମାନ୍ୟ ହ୍ରାସ ଘଟିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ମୁଣ୍ଡ ଉପରେ ଖସୁଛି ନିଆଁହୁଳା ପାଦତଳେ ଜଳୁଛି ରଡ଼ ଅଙ୍ଗାର। ମଝିରେ ପୋଡ଼ପିଠା ଭଳି ସିଝିଚାଲିଛି ଜୀବଜଗତ। ସତେ ଯେମିତି ଗ୍ୟାସ୍ ଚାମ୍ବର୍ ଭିତରେ ସଢୁଛି ମଣିଷ। କେଇ ମିନିଟ୍ ଖରାରେ ରହିବା ମୁସ୍କିଲ। ମୁଣ୍ଡ ବୁଲାଇ ଦେଉଛି, ଦେହ ଝାଇଁ ମାରିଯାଉଛି। ବହୁଛି ତତଲା ପବନ। ନିଶ୍ୱାସ ପ୍ରଶ୍ୱାସରେ ବି ନିଆଁ ଧାସ। ଦିନ ତ ଦିନ, ରାତିରେ ବି ତ୍ରାହି ନାହିଁ। ଏସି କି ଫ୍ୟାନ୍ ନଥିଲେ, ଦେହରୁ ଗମ୍ ଗମ୍ ଝାଳ ବୋହି ଚାଲିଛି। ଏ ବର୍ଷ ଖରାଦିନ କେବେ ସରିବ, ମୌସୁମୀ କେବେ ଭିଜାଇବ, ତାକୁ ହିଁ ଚାତକ ଭଳି ଚାହିଁ ବସିଛନ୍ତି ସମସ୍ତେ। ପ୍ରାୟ ସପ୍ତାହେ ଧରି ରେକର୍ଡ ପରେ ରେକର୍ଡ ଭାଙ୍ଗୁଥିବା ତାତି, ଆହୁରି ୫ ଦିନ ଅର୍ଥାତ୍ ୨୭ ତାରିଖ ଯାଏଁ କଳବଲ କରିବ। ୨୮ରୁ ପାରଦ ଧିରେ ଧିରେ ଖସିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ୫ ଦିନ ଯାଏଁ ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଏହାପରେ ୨ରୁ ୩ ଡିଗ୍ରି କମିବ ତାତି। ଅତ୍ୟଧିକ ଗ୍ରୀଷ୍ମପ୍ରବାହ ସତର୍କତା ଭାବେ ଆସନ୍ତାକାଲି ପାଇଁ ଝାରସୁଗୁଡ଼ା, ସମ୍ବଲପୁର ଓ ବଲାଙ୍ଗିର ଜିଲ୍ଲା ପାଇଁ ଜାରି ହୋଇଛି ଅରେଞ୍ଜ ୱାର୍ଣ୍ଣିଂ। ◆◆ପୃଷ୍ଠା ୭

## ନୂଆ ବଦଳି ନୀତି ଆଣିଲେ ସରକାର: ଏଣିକି ମନଇଚ୍ଛା ହୋଇପାରିବନି ସରକାରୀ ଅଧିକାରୀଙ୍କ ବଦଳି




ଭୁବନେଶ୍ୱର, ୨୩/୫ (ନି.ପ୍ର): ବର୍ତ୍ତମାନ ଚାଲିଛି ଟ୍ରାନ୍ସଫର ସିଜିନ। ରାଜନୈତିକ ଓ ବଡ ବଡ଼ିଆଙ୍କ ଚାପ ବଡ ବାବୁଙ୍କ ଉପରେ ପଡୁଛି। ମନଇଚ୍ଛା ବଦଳି ପାଇଁ ସୁପାରିଶ ମଧ୍ୟ କରୁଛନ୍ତି। ଯାହା ନିୟମ ବାହାରେ। ତେଣୁ ବଦଳିନୀତିକୁ ଆହୁରି ସ୍ୱଚ୍ଛ କରିବାକୁ ଅଂଟା ଭିଡ଼ିଛନ୍ତି ସରକାର। ଏଥିପାଇଁ ନୂଆନୀତି ଆଣିଛି ସାଧାରଣ ପ୍ରଶାସନ ବିଭାଗ। ହେଲେ ଏହା କେତେଦୂର ପାଳନ ହେଉଛି ତାହା ବଡ଼ ପ୍ରଶ୍ନ। ଅଫିସରଙ୍କ ବଦଳି ପାଇଁ ରାଜନୈତିକ ଚାପ, ବଡ଼ ବଡ଼ିଆଙ୍କ ଲବି ହେଉଥିଲା। ଏହାକୁ ନେଇ ସେତବେଳେର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କଡା ନିର୍ଦ୍ଦେଶନାମା ଜାରି କହିଥିଲେ, ମନଇଚ୍ଛା ଆଉ ବଦଳି ହୋଇପାରିବନି, ନିୟମ ଆଧାରରେ ଏଣିକି ବଦଳି ହେବ। ହେଲେ ଏହି ନିୟମ ନାଲିଫିତା ତଳେ ରହିଗଲା। ଆଉ ଯେତେବେଳେ ଟ୍ରାନ୍ସଫର ସିଜିନ ଚାଲିଛି ସେତିକିବେଳେ ବଦଳି ସଂକ୍ରାନ୍ତରେ ଏକ କଡ଼ା ନୀତି ଆଣିଛନ୍ତି ସରକାର। ◆◆ପୃଷ୍ଠା ୭

## ଛୁଟିରେ ଅଫିସ୍ ଆସିଲେ : ଆଇନ ଶୃଙ୍ଖଳା ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୩/୫ (ନି.ପ୍ର): ମାତ୍ର ୧୫ଦିନ ମଧ୍ୟରେ ତୃତୀୟଥର ପାଇଁ ପୁଣିଥରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟରେ ଆଇନଶୃଙ୍ଖଳାର ସ୍ଥିତି ଦିନକୁ ଦିନ ବିଗୁଡ଼ିଥିବା ମଧ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଛୁଟିଦିନରେ ଖାରବେଳ ଭବନଠାରେ ଆଇନଶୃଙ୍ଖଳା ପରିସ୍ଥିତି ଓ ଶିଳ୍ପାୟନ ପ୍ରସଙ୍ଗରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। ସୂଚନା ଅନୁସାରେ, ଆଜି ଖାରବେଳ ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏକ ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟ ସରକାର ନିଜର ଦୁଇ ବର୍ଷ ପୂରଣ କରିବାକୁ ଯାଉଥିବାରୁ ରାଜ୍ୟବାସୀଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ ଓ ବିଭିନ୍ନ ସରକାରୀ ଯୋଜନାର ସଫଳ କ୍ରିୟାନ୍ୱୟନ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଏହା ସହିତ ରାଜ୍ୟରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ଶିଳ୍ପାୟନ ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ଏବଂ ଆଗାମୀ ଦିନ ପାଇଁ ଭବିଷ୍ୟତ କାର୍ଯ୍ୟପନ୍ଥା କିଭଳି ହେବ, ସେ ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ରାଜ୍ୟର ବିକାଶ ପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ଅତି ଜରୁରୀ। ତେଣୁ ପୁଲିସ ପ୍ରଶାସନ ଅଧିକ ଦକ୍ଷତା, ସ୍ୱଚ୍ଛତା ଓ ସତର୍କତାର ସହିତ କାର୍ଯ୍ୟ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଇଥିବା ବାସ୍ତବବାଦୀ ନିର୍ଦ୍ଦେଶାବଳୀର ଅନୁପାଳନ କେତେଦୂର ହୋଇଛି, ସେ ନେଇ ମଧ୍ୟ ଏହି ବୈଠକରେ ତର୍ଜମା କରାଯାଇଥିଲା। ଏହି ବୈଠକ ପ୍ରାୟ ୨ରୁ ଅଢ଼େଇ ଘଣ୍ଟା ଧରି ଚାଲିଥିବା ଜଣାପଡ଼ିଛି। ◆◆ପୃଷ୍ଠା ୭

## ନିଯୁକ୍ତ ହେବେ ଅତିଥି ଅଧ୍ୟାପକ

ଭୁବନେଶ୍ୱର, ୨୩/୫ (ନି.ପ୍ର): ଉଚ୍ଚ ଶିକ୍ଷାନୁଷ୍ଠାନରେ ନିଯୁକ୍ତ ହେବେ ଅତିଥି ଅଧ୍ୟାପକ। ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଅତିଥି ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଛି ନିର୍ଦ୍ଦେଶନାମା। ସମସ୍ତ ଟିଚର ଏଡ୍ୟୁକେସନ୍ ଇନଷ୍ଟିଚ୍ୟୁସନ୍ ଅଧକ୍ଷ ମାନଙ୍କୁ ଏନସିଟିଇ ନିୟମାବଳୀ ଅନୁଯାୟୀ ନୂଆ ପ୍ୟାନେଲ୍ ପ୍ରସ୍ତୁତ କରି ଚୁକ୍ତିଭିତ୍ତିକ ଭାବେ ଅଧ୍ୟାପକ ନିଯୁକ୍ତି କରିବାକୁ କୁହାଯାଇଛି। ଆସନ୍ତା ଜୁଲାଇ ୧ ତାରିଖରୁ କାର୍ଯ୍ୟରେ ଯୋଗଦେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ବିଏଡ୍ ଓ ଏମଏଡ୍ କୋର୍ସ ପାଇଁ ଯୋଗ୍ୟ ଶିକ୍ଷକମାନଙ୍କ ନୂଆ ପ୍ୟାନେଲ୍ ଗଠନ କରାଯିବ। ବିଶେଷ କରି ଏଡ୍ୟୁକେସନାଲ୍ ଷ୍ଟଡିଜ୍, ସାଇନ୍ସ, ସୋସିଆଲ୍ ସାଇନ୍ସ, ଭାଷା ଓ ଗଣିତ ଶିକ୍ଷା ପଦ୍ଧତି, ହେଲ୍ଥ ଏବଂ ଫିଜିକାଲ୍ ଏଡ୍ୟୁକେସନ୍, ଫାଇନ୍ ଆର୍ଟ୍ସ ଓ ପର୍ଫର୍ମିଂ ଆର୍ଟ୍ସ ଭଳି ବିଷୟ ପାଇଁ ଅଧ୍ୟାପକ ନିଯୁକ୍ତି ହେବ। ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ଗେଷ୍ଟ ଫ୍ୟାକଲ୍ଟିଙ୍କ ନିଯୁକ୍ତି ୯ ମାସ ପାଇଁ ରହିବ। ବିଏଡ୍ ପ୍ରୋଗ୍ରାମରେ ନିଯୁକ୍ତ ଅସିଷ୍ଟାଣ୍ଟ ପ୍ରୋଫେସରଙ୍କୁ ପ୍ରତିମାସ ୩୫ ହଜାର ଟଙ୍କା ପରିଶ୍ରମିକ ଦିଆଯିବ। ସେହିପରି ଏମଏଡ୍ ପ୍ରୋଗ୍ରାମ୍‌ରେ ଅସୋସିଏଟ୍ ପ୍ରୋଫେସରଙ୍କୁ ୪୦ ହଜାର ଓ ପ୍ରଫେସରଙ୍କୁ ୫୦ ହଜାର ଟଙ୍କା ମାସିକ ପରିଶ୍ରମିକ ନିର୍ଦ୍ଧାରଣ କରାଯାଇଛି। ଏଥର ନିଯୁକ୍ତି ପ୍ରକ୍ରିୟାକୁ ପୂରାପୂରି ଡିଜିଟାଲ୍ ଓ ସ୍ୱଚ୍ଛ କରିବାକୁ ସରକାର ଜୋର ଦେଇଛନ୍ତି।

## ମୋଦୀଙ୍କୁ ଭେଟି ହ୍ୱାଇଟ୍ ହାଉସ୍ ଆସିବାକୁ ନିମନ୍ତ୍ରଣ କଲେ ରୁବିଓ



ନୂଆଦିଲ୍ଲୀ,୨୩/୫ : ଆମେରିକା ବିଦେଶ ସଚିବ ମାର୍କୋ ରୁବିଓ ଚାରି ଦିବସୀୟ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଶନିବାର ଭେଟିଛନ୍ତି। ଭାରତରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଗିଓ ଗୋର୍ 'ଏକ୍ସ'ରେ ସୂଚନା ଦେଇ କହିଛନ୍ତି ଯେ, ବିଦେଶ ସଚିବ ମାର୍କୋ ରୁବିଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆମେରିକା ଗସ୍ତ ପାଇଁ ନିମନ୍ତ୍ରଣ କରିଛନ୍ତି। ରୁବିଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ହ୍ୱାଇଟ୍ ହାଉସ୍ ଗସ୍ତ କରିବା ପାଇଁ ନିମନ୍ତ୍ରଣ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ 'ଏକ୍ସ' ରେ ଏକ ପୋଷ୍ଟରେ ଆମେରିକାର ବିଦେଶ ସଚିବ ମାର୍କୋ ରୁବିଓଙ୍କୁ ଭାରତରେ ସ୍ୱାଗତ କରିବା ସହିତ ଦୁହେଁ ବ୍ୟାପକ ବିଶ୍ୱ ରଣନୈତିକ ସହଭାଗୀତାରେ ନିରନ୍ତର ପ୍ରଗତି, ଆଞ୍ଚଳିକ ଓ ବିଶ୍ୱ ଶାନ୍ତି, ସୁରକ୍ଷା ସହିତ ଜଡିତ ପ୍ରସଙ୍ଗ ଉପରେ ଆଲୋଚନା କରିଛୁ ବୋଲି କହିଛନ୍ତି। ମୋଦୀ ଆହୁରି ମଧ କହିଛନ୍ତି ଯେ, ଭାରତ ଓ ଆମେରିକା ବିଶ୍ୱ ପାଇଁ ନିବିଡ଼ ଭାବରେ କାମ କରିବା ଜାରି ରଖିବେ। ଆମେରିକା ବିଦେଶ ସଚିବ ନୂଆଦିଲ୍ଲୀରେ କ୍ୱାଡ୍ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଯୋଗଦେବା ସହିତ ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ ବିସ୍ତୃତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଆମେରିକାର ବୈଦେଶିକ ସଚିବ ଶନିବାର ପୂର୍ବାହ୍ଣରେ କୋଲକାତାରେ ପହଞ୍ଚି ନୂଆଦିଲ୍ଲୀ ଯିବା ପୂର୍ବରୁ ମଦର ଟେରେସାଙ୍କ ମିଶନାରିଜ୍ ଅଫ୍ ଚାରିଟିର ମୁଖ୍ୟାଳୟ ମଦର ହାଉସ୍ ପରିଦର୍ଶନ କରିଥିଲେ। ଭାରତ ଓ ଆମେରିକା ମଧ୍ୟରେ ବଢୁଥିବା ରଣନୈତିକ ସମନ୍ୱୟ ମଧ୍ୟରେ ରୁବିଓଙ୍କ ଏହି ଗସ୍ତ ଗୁରୁତ୍ୱପୂର୍ଣ୍ଣ ଓ ମେ ୨୬ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା କ୍ୱାଡ୍ ବୈଦେଶିକ ମନ୍ତ୍ରୀଙ୍କ ବୈଠକ ପୂର୍ବରୁ ଏହା ଅନୁଷ୍ଠିତ ହୋଇଛି। ମଙ୍ଗଳବାର ଦିଲ୍ଲୀରେ କ୍ୱାଡ୍ ବିଦେଶ ମନ୍ତ୍ରୀଙ୍କ ବୈଠକରେ ଅଂଶଗ୍ରହଣ କରିବା ପୂର୍ବରୁ ରୁବିଓ ରବିବାର ଜୟଶଙ୍କରଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ରୁବିଓ ଏହି ଗସ୍ତରେ ଆଗ୍ରା ଓ ଜୟପୁର ଯାତ୍ରା କରିବାର ସମ୍ଭାବନା ରହିଛି। ରୁବିଓ ମେ ୨୩ ରୁ ୨୬ ତାରିଖ ପର୍ଯ୍ୟନ୍ତ ଭାରତରେ ରହିବେ।

## ଇରାନ ଯୁଦ୍ଧ ମଧ୍ୟରେ ଆର୍ଥିକ ସଙ୍କଟ: ୱାର୍ଲ୍ଡ ବ୍ୟାଙ୍କରୁ ଜରୁରୀକାଳୀନ ପାଣ୍ଠି ଖୋଜୁଛନ୍ତି ୨୭ଟି ଦେଶ

ନୂଆଦିଲ୍ଲୀ,୨୩/୫ : ଇରାନ ଯୁଦ୍ଧ ଓ ଏହା ଯୋଗୁଁ ବିଶ୍ୱ ଶକ୍ତି ବଜାରରେ ସୃଷ୍ଟି ହୋଇଥିବା ବ୍ୟାପକ ଅସ୍ଥିରତା ବିଶ୍ୱର ଅନେକ ଦେଶ ପାଇଁ ଏକ ବଡ଼ ଆର୍ଥିକ ଆହ୍ୱାନ ସୃଷ୍ଟି କରିଛି। ରଏଟର୍ସ ପକ୍ଷରୁ ହସ୍ତଗତ ହୋଇଥିବା ବିଶ୍ୱ ବ୍ୟାଙ୍କର ଏକ ଆଭ୍ୟନ୍ତରୀଣ ଦସ୍ତାବିଜ୍ ଅନୁଯାୟୀ, ଗତ ଫେବୃଆରୀ ୨୮ ରୁ ମଧ୍ୟପ୍ରାଚ୍ୟରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ପରଠାରୁ ବିଶ୍ୱର ପ୍ରାୟ ୨୭ଟି ଦେଶ ନିଜର ଆର୍ଥିକ ସ୍ଥିତି ସମ୍ଭାଳିବା ପାଇଁ ବିଶ୍ୱ ବ୍ୟାଙ୍କର ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକରୁ ଜରୁରୀକାଳୀନ ପାଣ୍ଠି ହାସଲ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଯୁଦ୍ଧ ଯୋଗୁଁ ବିଶ୍ୱ ଯୋଗାଣ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହ ବିକାଶଶୀଳ ଦେଶଗୁଡ଼ିକୁ ଅତ୍ୟାବଶ୍ୟକ ସାର ଯୋଗାଣ ବନ୍ଦ ହୋଇଯାଇଛି। କେନ୍ୟା ଭଳି ଆଫ୍ରିକୀୟ ଦେଶଗୁଡ଼ିକରେ ତେଲ ଦର ଆକାଶଛୁଆଁ ହୋଇଥିବା ବେଳେ, ଅନ୍ୟପଟେ ଇରାକ ଭଳି ପ୍ରମୁଖ ଉତ୍ପାଦନକାରୀ ଦେଶର ତୈଳ ରାଜସ୍ୱ ବହୁ ପରିମାଣରେ ହ୍ରାସ ପାଇଛି, ଯାହାଫଳରେ ଏହି ଦେଶଗୁଡ଼ିକ ତୁରନ୍ତ ଆର୍ଥିକ ସହାୟତା ଲୋଡ଼ିଛନ୍ତି। ବିଶ୍ୱ ବ୍ୟାଙ୍କର ଅଧକ୍ଷ ଅଜୟ ବାଙ୍ଗା ଗତ ମାସରେ ପ୍ରକାଶ କରିଥିଲେ ଯେ, ସଙ୍କଟ ସମୟରେ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ସହାୟତା କରିବା ପାଇଁ ବ୍ୟାଙ୍କ ନିକଟରେ ସ୍ୱତନ୍ତ୍ର କ୍ରାଇସିସ୍ ଟୁଲକିଟ୍ ରହିଛି। ◆◆ପୃଷ୍ଠା ୭

# ଓଡ଼ିଶା ଅମଲା ସଂଘର ତ୍ରୟବାର୍ଷିକୀ ସମ୍ମିଳନୀକୁ ନେଇ ତେଜିଲା ରାଜନୀତି

ଜୟପୁର, ୨୩/୫ (ନି.ପ୍ର): ଓଡ଼ିଶା ଅମଲା ସଂଘର ରାଜ୍ୟ ନେତୃବୃନ୍ଦଙ୍କ ଅରାଜକତା, ଏକଛତ୍ରବାଦ ଓ ମନମୁଖୀ କାର୍ଯ୍ୟ ସମ୍ପର୍କରେ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଦ୍ୱାରା ବାରମ୍ବାର ବୈଠକ ହେବା ସହିତ ଏହା ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର ହୋଇଥିଲା କ୍ଷତ୍ରୟବାର୍ଷିକି ସମ୍ମିଳନୀ କୋରାପୁଟ ଜିଲ୍ଲାରେ କରିବା ପାଇଁ ଦୀର୍ଘ ୨ ବର୍ଷ ଧରି ଦାବି ହୋଇ ଆସୁଥିବା ବେଳେ ରାଜ୍ୟ ସଂଘ କୋରାପୁଟ ଜିଲ୍ଲାରେ ତ୍ରୟବାର୍ଷିକି ସମ୍ମିଳନୀ କରିବା ନେଇ ପ୍ରତିଶ୍ରୁତି ଦେଇ ଆସୁଥିଲେ। ପରିଶେଷରେ ରାଜ୍ୟ ସଂଘର କିଛି ନେତୃବୃନ୍ଦ ଲୁକ୍କାୟତ ବୈଠକ କରି ତ୍ରୟବାର୍ଷିକି ସମ୍ମିଳନି ପୁରୀ ଠାରେ କରିବା ନିମନ୍ତେ ସ୍ଥିର କରି କର୍ମକର୍ତା ଚୟନ କରିଦେଇଥିବା ଖବର ପାଇବା ପରେ ବିଭିନ୍ନ ଜିଲ୍ଲାରେ ଏହାକୁ ତୀବ୍ର ବିରୋଧ କରାଯାଇଥିଲା । ଏଥିରେ କୋରାପୁଟ ଜିଲ୍ଲା ମଧ ତୀବ୍ର ବିରୋଧ କରିବା ସହିତ ଓଡ଼ିଶା ଅମଲା ସଂଘ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଶଶୀ ଭୂଷଣ ଦାସ ଜୟପୁର ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ ଓ କୋରାପୁଟ ଜିଲ୍ଲାରେ ୨୩.୦୫.୨୦୨୬ ଓ ୨୪.୦୫.୨୦୨୬ ( ଛୁଟି ଦିନରେ) ତ୍ରୟବାର୍ଷିକି ସମ୍ମିଳନି କରିବା ନେଇ ଗୃହ ବିଭାଗ ସଚିବଙ୍କୁ ପତ୍ର ଲେଖିଥିଲେ ଓ ଅନୁମତି ମାଗିଥିଲେ କ୍ଷଅପରପକ୍ଷରେ ରାଜ୍ୟ ସଂଘର କିଛି କୁଚକ୍ରାନ୍ତକାରୀ ନେତୃବୃନ୍ଦ ଚକ୍ରାନ୍ତ କରି ତା ୨୬ ଓ ୨୭ ମେ ୨୦୨୬ ରେ ପୁରୀ ଠାରେ ତ୍ରୟବାର୍ଷିକି ସମ୍ମିଳନି କରିବା ନେଇ ଗୃହ ବିଭାଗରୁ ଅନୁମତି ନେଇଛନ୍ତି । ଏହାକୁ ବିଭିନ୍ନ ଜିଲ୍ଲା ପକ୍ଷରୁ ବିରୋଧ କରାଯିବା ସହିତ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଦୃଢ଼ ପ୍ରତିବାଦ କରାଯାଇଥିବା ଓଡ଼ିଶା ଅମଲା ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଶଶୀ ଭୂଷଣ ଦାସ ଗଣମାଧମକୁ ସୂଚନା ଦେଇଥିଲେ । ଏଥିରେ ରାଜସ୍ୱ ଅମଲାମାନେ ଓ ଜଣେ ଅବସରପ୍ରାପ୍ତ ରାଜସ୍ୱ ଅମଲା ଏସବୁ ସମସ୍ୟା କରୁଥିବା କହିଛନ୍ତି । ଓଡ଼ିଶା ସରକାର ତା ୦୬.୦୧.୨୦୨୬ ରିଖରେ ରାଜସ୍ୱ ବିଭାଗକୁ ସ୍ୱତନ୍ତ୍ର କ୍ୟାଡ଼ରର ମାନ୍ୟତା ଦେଇଥିଲେ ତେଣୁ ରାଜସ୍ୱ ଅମଲାମାନେ ଯେଉଁମାନେ ଓଡ଼ିଶା ଅମଲା ସଂଘର ବିଭିନ୍ନ ପଦ ପଦବୀରେ ଅଛନ୍ତି ସେହିଦିନ ଠାରୁ ତାଙ୍କୁ ଓଡ଼ିଶା ସଂଘରୁ ବାହାର କରିଦେବା କଥା କିନ୍ତୁ ବର୍ତମାନ ସୁଦ୍ଧା ସେମାନେ କେମିତି ଓଡ଼ିଶା ସଂଘରେ ଅଛନ୍ତି ବୋଲି ଶ୍ରୀ ଦାଶ୍ ପ୍ରଶ୍ନ କରିଛନ୍ତି । ସେମାନେ ୨ଟି ସଂଘରୁ ଫାଇଦା ନେଉଥିବା କଥା ସେ କହିଛନ୍ତି। ପୁଣି ଅଗଷ୍ଟ ୨୦୨୫ ରେ ରାଜସ୍ୱ ଅମଲା ସଂଘର ଆନ୍ଦୋଳନରେ ଏମାନେ ଓଡ଼ିଶା ଅମଲା ସଂଘର ବିଭିନ୍ନ ପଦ ପଦବୀରେ ରହି ମଧ ରାଜସ୍ୱ ଅମଲା ସଂଘର ଆନ୍ଦୋଳନକୁ ସମର୍ଥନ କରୁଥିବା କଥା ଦୋହରାଇଛନ୍ତି । ଜଣେ ମାତ୍ର ବ୍ୟକ୍ତି ଯିଏକି ରାଜସ୍ୱ ଅମଲା ସଂଘର ଆନ୍ଦୋଳନକୁ ବିରୋଧ ପ୍ରଦର୍ଶନ କରିବା ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ସାମ୍ବାଦିକ ସମ୍ମିଳନୀ କରିଥିବା ଶ୍ରୀ ଦାଶ୍ କହିଛନ୍ତି କ୍ଷଓଡ଼ିଶା ଅମଲା ସଂଘ ରାଜସ୍ୱ ଅମଲା ସଂଘର ବିରୋଧି ହୋଇଥିବା ସ୍ଥଳେ ରାଜସ୍ୱ ଅମଲା କିପରି ଓଡ଼ିଶା ଅମଲା ସଂଘର ତ୍ରୟୋବାର୍ଷିକି ସମ୍ମିଳନିରେ ଯୋଗଦାନ କରିବେ ବୋଲି ପ୍ରଶ୍ନ କରିବା ସହିତ ରାଜସ୍ୱ ଅମଲା ମାନଙ୍କୁ ସ୍ୱତନ୍ତ୍ର ଛୁଟି ନ ଦେବା ନିମନ୍ତେ ସଂଘର ସାଧାରଣ ସମ୍ପାଦକ ଗୃହ ବିଭାଗ ସଚିବ ଓ ରାଜସ୍ୱ ବିଭାଗ ସଚିବଙ୍କୁ ପତ୍ର ଲେଖିଛନ୍ତି । ଯେହେତୁ ରାଜସ୍ୱ ଅମଲା ସଂଘ ୨୦୦୮ ମସିହାରୁ ତା'ର ସ୍ୱତନ୍ତ୍ର ସଂଘ ହୋଇ ସାରିଛି ଓ ଗୃହ ବିଭାଗ ଏହାକୁ ସ୍ୱିକୃତି ଦେଇଛନ୍ତି ସେମାନେ ଓଡ଼ିଶା ଅମଲା ସଂଘରେ ରହି ପାରିବେନି ବୋଲି ସେ କହିଛନ୍ତି, ଓଡ଼ିଶା ଅମଲା ସଂଘର ଅରାଜକତାକୁ ନେଇ ଶ୍ରୀ ଦାଶ୍ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ସୂଚନା ଦେଇଛନ୍ତି ।

# ସିପିଆଇର ଜିଲ୍ଲା ପରିଷଦ ବୈଠକ

ଜୟପୁର, ୨୩/୫ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କୋରାପୁଟ ଜିଲ୍ଲା ପରିଷଦ ବୈଠକ ବରିଷ୍ଠ ସିପିଆଇ ନେତା ଶ୍ରୀ ଯୁଧିଷ୍ଠିର ରାଉଳ ଙ୍କ ସଭାପତିତ୍ୱରେ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ସମ୍ପାଦକ ଶ୍ରୀ ରାମକୃଷ୍ଣ ଦାସ ଜିଲ୍ଲା ର ପାର୍ଟି ସଭ୍ୟ ନବୀକରଣ ସହ ନୂତନ ଶାଖା ଗଠନ ଓ ଆନ୍ଦୋଳନ କାର୍ଯ୍ୟକ୍ରମ ବିଷୟରେ ସୂଚନା । ଚୁଡ଼ାନ୍ତ ସଭ୍ୟ ତାଲିକା ଓ ଶାଖା ସଂଖ୍ୟା ଆସନ୍ତା ତା୨୭.୦୫.୨୦୨୬ରିଖ ଦିନ ରାଜ୍ୟ ଦପ୍ତର କୁ ପଠାଯିବ । ଜିଲ୍ଲା ପରିଷଦ ବୈଠକ କୁ ସମ୍ବୋଧିତ କରି ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ଶ୍ରୀ ପ୍ରମୋଦ କୁମାର ମହାନ୍ତି ଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ପରିଷଦର ନିଷ୍ପତ୍ତି ସମ୍ବନ୍ଧରେ ସୂଚନା ଦେଇ କହିଛନ୍ତି ଯେ ପାର୍ଟିର ସାଂଗଠନିକ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରି ଜନ ଆନ୍ଦୋଳନ ସଂଗଠିତ କରିବାକୁ ହେବ ମୋଦୀ - ଶାହା ସରକାର ଅମଳରେ ଦେଶରେ ବିଭାଜନବାଦୀ ବାତାବରଣ ତୀବ୍ର ହେବାରେ ଲାଗିଛି । ଦେଶକୁ ଆମେରିକା ର ଶରଣାଗତ କରି ଏକ ପ୍ରକାର ପରାଧିନତା ଆଡ଼କୁ ନେଇ ଚାଲିଛନ୍ତି। ଦରଦାମ୍ ବୃଦ୍ଧି ପାଇଛି । ପାଂଚଟି ରାଜ୍ୟର ନିର୍ବାଚନ ଦୃଷ୍ଟିରୁ ସବୁ ଠିକ୍ ଅଛି କହି ନିର୍ବାଚନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନସାଧାରଣଙ୍କୁ ବ୍ୟୟ ସଙ୍କୋଚନ ଉପରେ ଉପଦେଶ ଦେଇ ପାଂଚୋଟି ଦେଶ ଗସ୍ତରେ ମୋଦୀ ଯାଇ ଇଟାଲୀ ପ୍ରଧାନମନ୍ତ୍ରୀ ଙ୍କୁ ମେଲୋନୀ ଙ୍କୁ ମେଲୋଡି ଟଫି ଉପହାର ଦେବା ଏବଂ ଯେଉଁ ଢଙ୍ଗରେ ରିଲ୍ସ କରି ଛାଡିଛନ୍ତି ତାହା ତାଙ୍କର ଉତ୍ତରଦାୟିତ୍ୱ ସମ୍ପର୍କରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଜି ଜନସାଧାରଣଙ୍କ ପ୍ରଶ୍ନ ହେଉଛି ଋଷିଆରୁ ଶସ୍ତା କଂଚା ତେଲ ଆଣି ବିଶୋଧନ କରି ପ୍ରାଇଭେଟ୍ କମ୍ପାନୀ ମାନେ ମାଲାମାଲ୍ ହେଉଥିବା ବେଳେ ମୋଦୀ ଶାହା ସରକାର କଣ୍ କରୁଥିଲେ ? ରାଜ୍ୟ ରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ଭୁଷୁଡି ପଡିଛି। ଦିନ ଦିପହରେ ମର୍ଡର ରାହାଜାନୀ ବଢ଼ିଛି। ଏହି ସରକାର ଅମଳରେ ଆଦିବାସୀ ଙ୍କ ଠାରୁ ଜମି ଜଳ ଜଙ୍ଗଲ ର ଅଧିକାର ଛଡେଇ ନିଆଯାଉଛି । ସେବା କାଗଜ କଳ କୁ ପୁନରୁଦ୍ଧାର କରି ଚଳେଇବା ରେ ସିପିଆଇ ଓ ପ୍ରବାଦପୁରୁଷ ବିଜୁ ବାବୁଙ୍କ ସ୍ମୃତି ଉଲ୍ଲେଖ କରିଥିଲେ । ଆଗାମୀ ଜୁନ ଚାରି ତାରିଖ ରୁ ଦଶ ତାରିଖ ପର୍ଯ୍ୟନ୍ତ ପାର୍ଟି ଶିକ୍ଷା ଶିବିରର ରେ ଜିଲ୍ଲା ରୁ ତିନି ଜଣ ସାଥି ଯୋଗ ଦେବେ । ଅଗଷ୍ଟ ଛ' ତାରିଖରୁ ପନ୍ଦର ତାରିଖ ପର୍ଯ୍ୟନ୍ତ ଜିଲ୍ଲା ର ବିଭିନ୍ନ ଜୋନ୍ ଓ ଶାଖା ରେ ପଦଯାତ୍ରା କରି ସମ୍ବିଧାନ ସୁରକ୍ଷା ଓ ବିଜେପି ଆର୍ ଏସ୍ ଏସ୍ ର ବିଭାଜନକାରୀ ନିତୀ ବିରୋଧରେ ଜନ ଜାଗରଣ ସୃଷ୍ଟି କରାଯିବ । ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଉତ୍ତମ ମଲ୍ଲିକ,ନନ୍ଦ ହରିଜନ, ସୁନୀତା ନାଗ୍, ପୁର୍ଣ୍ଣ ଚନ୍ଦ୍ର ସୁରୁ,କୁରୁମନାଥ ଭତରା,ପବନ ମହୁରିଆ ପ୍ରମୁଖ ଅନେକ ସାଥି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ପ୍ରସ୍ତୁତି ବୈଠକ

ସମ୍ବଲପୁର, ୨୩/୫ (ନି.ପ୍ର): ଆସନ୍ତା ବର୍ଷା ଋତୁ ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ସମୀର ରଞ୍ଜନ ବାବୁ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ମହାନଗର ନିଗମର ଆୟୁକ୍ତ ରେହାନ କ୍ଷତ୍ରି ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଏହି ବୈଠକରେ ବନ୍ୟା ପରିଚାଳନା ପାଇଁ ପୂର୍ବ ପ୍ରସ୍ତୁତି, ସମସ୍ତ ଦୁର୍ବଳ ନଦୀ ବନ୍ଧ ଓ ଘାଇ ଶୀଘ୍ର ଚିହ୍ନଟ କରି ମରାମତି, କେନାଲ ଓ ନାଳ ସଫେଇ, ଡ୍ରେନେଜ ବ୍ୟବସ୍ଥାର ସଫେଇ, ବନ୍ୟାଜଳର ସଠିକ୍ ନିଷ୍କାସନ, ୨୪ ଘଂଟିଆ କଂଟ୍ରୋଲ ରୁମ, ବର୍ଷା ପରିମାପ ଓ ଦୈନିକ ପରିସ୍ଥିତି ରିପୋର୍ଟ ପ୍ରେରଣକୁ ଗୁରୁତ୍ୱ ଦିଆଯାଇ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# ଆମ୍ ଆଦମୀ ପାର୍ଟିର ଟାର୍ଗେଟରେ ଏବେ ପଂଚାୟତ ଓ ପୌର ନିର୍ବାଚନ

ନୂଆପଡ଼ା, ୨୩/୫ (ନି.ପ୍ର): ଆସନ୍ତା ୨୪ ତାରିଖ ରାଜ୍ୟସଭା ସାଂସଦ ସଂଜୟ ସିଂ ଓଡିଶା ଗସ୍ତରେ ଆସୁଛନ୍ତି। ଆଗାମୀ ପଂଚାୟତ ଓ ପୌର ନିର୍ବାଚନରେ ଆମ୍ ଆଦମୀ ପାର୍ଟି ସକ୍ରିୟ ଭାବେ ଲଢ଼ିବାକୁ ଯାଉଥିବାରୁ ଏହାର ପ୍ରସ୍ତୁତି ସଭାରେ ଯୋଗ ଦେବେ ସଂଜୟ ସିଂ ବୋଲି ସୂଚନା ଦେଇଛନ୍ତି ଜିଲ୍ଲା ସଭାପତି ହିତେଶ ପାଣ୍ଡେ। ବର୍ତମାନ ସମୟରେ ପେଟ୍ରୋଲ, ଡିଜେଲ, ଗ୍ୟାସ ଦର ବୃଦ୍ଧି ହେଉ କି ନିଟ୍ ପ୍ରଶ୍ନ ପତ୍ର ଲିକ୍ ଘଟଣା ହେଉ ବିଜେପି ସରକାର ଫେଲ ହୋଇ ଥିବା ବେଳେ ଓଡିଶାରେ ବିଜେପି ର ଡବଲ ଇଂଜିନ ସରକାର କ୍ଷମତାକୁ ଆସିବା ପରେ ମୋଦୀ ଦେଇଥିବା ଗ୍ୟାରେଂଟି ସବୁ ଫେଲ ମାରିଛି ଯେଉଁଥିରେ ବାର୍ଦ୍ଧକ୍ୟ ଭତା ୩ ହଜାର ଟଙ୍କା, ୩୦୦ ୟୁନିଟ ବିଜୁଳି ଫ୍ରି, ଚିଟ ଫଣ୍ଡ ଟଙ୍କା ଫେରସ୍ତ ଭଳି ପ୍ରତିଶୃତି ଥିଲା ଯାହାକୁ ନେଇ ଲୋକଙ୍କ ମନରେ ନିରାଶା ରହିଛି ଅନ୍ୟପଟେ ବିରୋଧୀ ଭାବେ ବିଜେଡ଼ି ଓ କଂଗ୍ରେସ ର ଭୂମିକା ଯଥେଷ୍ଟ ଉତ୍ସାହ ବର୍ଧକ ନୁହେଁ ବୋଲି ଶ୍ରୀ ପାଣ୍ଡେ କହିଛନ୍ତି ତେଣୁ ଓଡିଶାବାସୀଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ରୋଜଗାର, ମହିଳା ସୁରକ୍ଷାକୁ ନେଇ କେବଳ ଆମ୍ ଆଦମୀ ପାର୍ଟି ଉପରେ ଲୋକଙ୍କ ବିଶ୍ୱାସ ରହିଛି ବୋଲି ଶ୍ରୀ ପାଣ୍ଡେ କହିଛନ୍ତି।

# ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ବୈପ୍ଳବିକ ପଦକ୍ଷେପ; ଓଡ଼ିଶାର ଦ୍ୱିତୀୟ ତଥା ଦେଶର ତୃତୀୟ 'ଅନ୍ନପୂର୍ତ୍ତି ଗ୍ରେନ୍ ଏଟିଏମ୍' ଝାରସୁଗୁଡ଼ା ଜିଲ୍ଲାରେ ଲୋକାର୍ପିତ

ଝାରସୁଗୁଡ଼ା, ୨୩/୫ (ନି.ପ୍ର): ଓଡ଼ିଶା ସରକାର ଏବଂ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ମିଳିତ ସହଯୋଗରେ ହିତାଧିକାରୀଙ୍କୁ ଅତି ସହଜ, ସ୍ୱଚ୍ଛ ଏବଂ ଉନ୍ନତ ମାଧ୍ୟମରେ ଖାଦ୍ୟଶସ୍ୟ ଯୋଗାଇବା ପାଇଁ ଝାରସୁଗୁଡ଼ାଠାରେ ଲୋକାର୍ପିତ ହୋଇଯାଇଛି ପ୍ରଯୁକ୍ତିବିଦ୍ୟା ଆଧାରିତ 'ଅନ୍ନପୂର୍ତି ଗ୍ରେନ୍ ଏଟିଏମ୍' । ଏହା ଓଡ଼ିଶାର ଦ୍ୱିତୀୟ ଏବଂ ସମଗ୍ର ଭାରତ ବର୍ଷର ତୃତୀୟ ଗ୍ରେନ୍ ଏଟିଏମ୍। ଏହି ଅତ୍ୟାଧୁନିକ ବ୍ୟବସ୍ଥାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ବୈଷୟିକ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଛନ୍ତି । ଏହି ଗୌରବମୟ ଅବସରରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଭାରତର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଉପ-ନିର୍ଦ୍ଦେଶିକା ନୋଜୋମି ହାସିମୋଟୋ, ହିଂମାଂଶୁ ବଳ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ମୁଖ୍ୟ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଓଡ଼ିଶା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ବୈଷୟିକ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ, ' ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରା ଯୋଗୁଁ ଆଜି ଓଡ଼ିଶାର ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଏକ ଐତିହାସିକ ସଫଳତା ମିଳିଛି। ରାଜ୍ୟର ପ୍ରତିଟି ଗରିବ ଓ ନିଷ୍ପେଷିତ ଲୋକଙ୍କ ଗର୍ବ ଏବଂ ସମ୍ମାନ ରକ୍ଷା କରିବା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ଖାଦ୍ୟ ବିନା ଯେମିତି କାହାରି ପେଟ ଉପାସ ନ ରହେ, ସେଥିପାଇଁ ଆମେ ସଂକଳ୍ପବଦ୍ଧ। ଏହି କ୍ରମରେ ରାଜ୍ୟ ସରକାରଙ୍କ ଏକ ବଡ଼ ଉପଲବ୍ଧି ସ୍ୱରୂପ ଏବେ ହିତାଧିକାରୀଙ୍କୁ ମୁଣ୍ଡ ପିଛା ୧୦ କିଲୋଗ୍ରାମ ଚାଉଳ ପ୍ରଦାନ କରାଯାଉଛି । ଏଥିସହିତ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ମାଧ୍ୟମରେ ଆହୁରି ଅଧିକ ୫ କିଲୋଗ୍ରାମ ଲେଖାଏଁ ଚାଉଳ ଯୋଗାଇ ଦିଆଯାଉଛି, ଯାହା ଗରିବ ପରିବାର ଗୁଡ଼ିକୁ ଆର୍ଥିକ ଓ ସାମାଜିକ ସ୍ତରରେ ବେଶ୍ ସମୃଦ୍ଧ କରିବ।' ମନ୍ତ୍ରୀ ଶ୍ରୀ ପାତ୍ର ଆଗାମୀ ଦିନର ରୋଡ୍ ମ୍ୟାପ୍ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ହିତାଧିକାରୀମାନଙ୍କୁ ଯେପରି କୌଣସି ଅନାବଶ୍ୟକ ଶ୍ରମ କିମ୍ବା ସମସ୍ୟାର ସମ୍ମୁଖୀନ ହେବାକୁ ନପଡ଼ିବ, ସେଥିପାଇଁ ଖୁବ୍ଶୀଘ୍ର ରାଜ୍ୟର ପ୍ରତି ଜିଲ୍ଲାରେ ଏବଂ ବ୍ଲକ ସ୍ତରରେ ମଧ ଏହି ଗ୍ରେନ୍ ଏଟିଏମ୍ ସେବା ଉପଲବ୍ଧ କରାଯିବ। ଏହି ଯୋଜନା ଅଧୀନରେ ଆଗାମୀ ଦିନରେ ସମଗ୍ର ଓଡ଼ିଶାରେ ୫୫ଟି ନୂତନ ଗ୍ରେନ୍ ଏଟିଏମ୍ ସ୍ଥାପନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିଜ ଅଭିଭାଷଣରେ କହିଛନ୍ତି ଯେ, 'ଓଡ଼ିଶାର ଇତିହାସରେ ଏକଦା ଆମେ 'ନଅଙ୍କ ଦୁର୍ଭିକ୍ଷ' ଭଳି ଭୟଙ୍କର ସମୟର ସାମ୍ନା କରିଛୁ। ମରୁଡ଼ି ଏବଂ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଆମ ଓଡ଼ିଆ ଜାତି ବହୁ କଷ୍ଟ ଭୋଗିଛି। କିନ୍ତୁ ଆଜି ସମୟ ବଦଳିଛି। ଆମ ସରକାରଙ୍କ ସଂକଳ୍ପ ହେଉଛି—ଓଡ଼ିଆ ଜାତିର ପ୍ରତିଟି ଲୋକ ଯେମିତି ଦୁଇ ମୁଠା ଖାଇବାକୁ ପାଆନ୍ତୁ, ସମସ୍ତଙ୍କ ପେଟ ପୂରୁ ଏବଂ ସମଗ୍ର ବିଶ୍ୱର କଲ୍ୟାଣ ହେଉ। ସରକାରଙ୍କ ଏହି ନୂତନ ଜନକଲ୍ୟାଣକାରୀ ପଦକ୍ଷେପ ଏବଂ ଖାଦ୍ୟ ଯୋଗାଣ ବିଭାଗର ପ୍ରୟାସ ସତରେ ଅତ୍ୟନ୍ତ ପ୍ରଶଂସନୀୟ। ଖାଦ୍ୟ ଯୋଗାଣ ମନ୍ତ୍ରୀ ଓ ତାଙ୍କ ବିଭାଗ ଯେଉଁଳି ସକ୍ରିୟ ଭାବେ ଚାଷୀ ଏବଂ ଗରିବ ଲୋକଙ୍କ ପାଇଁ କାମ କରୁଛନ୍ତି, ତାହା ସ୍ୱାଗତଯୋଗ୍ୟ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଜିଲ୍ଲାରେ ଏହି ଅତ୍ୟାଧୁନିକ ବ୍ୟବସ୍ଥାର ଆରମ୍ଭକୁ ନେଇ ସରକାରଙ୍କୁ ସାଧୁବାଦ ଜଣାଇବା ସହ ନିଜ ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ମନ୍ତ୍ରୀଙ୍କ ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରଖିଥିଲେ। ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ, ' ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ପଦକ୍ଷେପ ସ୍ୱରୂପ ଓ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ଚାଲିଥିବା ବିକାଶର ସୁଫଳ ଆଜି ଝାରସୁଗୁଡ଼ା ଲୋକଙ୍କୁ ମିଳୁଛି। ରାଜ୍ୟର ଦ୍ୱିତୀୟ ଗ୍ରେନ୍ ଏଟିଏମ୍ ଭାବେ ଆମ ଜିଲ୍ଲାକୁ ଚୟନ କରାଯାଇଥିବାରୁ ମୁଁ ସରକାର ଓ ଖାଦ୍ୟ ଯୋଗାଣ ବିଭାଗ ନିକଟରେ କୃତଜ୍ଞ। ମୋ ନିର୍ବାଚନ ମଣ୍ଡଳୀର ମା'-ଭଉଣୀ ଏବଂ ଗରିବ ଶ୍ରମିକ ଶ୍ରେଣୀର ଲୋକମାନେ ଯେପରି କୌଣସି ଅସୁବିଧା ନଭୋଗି ଅତି ସମ୍ମାନର ସହ ସେମାନଙ୍କର ହକ୍ ପାଇପାରିବେ, ତାହା ମୋର ସବୁଠାରୁ ବଡ଼ ପ୍ରାଥମିକତା। ଏହି ଅବସରରେ ମୁଁ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ଅନୁରୋଧ କରୁଛି ଯେ, ଜିଲ୍ଲାର ସୁଦୂର ଗ୍ରାମାଚଂଳ ବିଶେଷ କରି 'ଲଇକେରା ବ୍ଲକ' ର ଜନସାଧାରଣଙ୍କ ସୁବିଧା ପାଇଁ ସେଠାରେ ଖୁବ୍ଶୀଘ୍ର ଆଉ ଏକ ନୂତନ ଅନ୍ନପୂର୍ତି ଗ୍ରେନ୍ ଏଟିଏମ୍ ସ୍ଥାପନ କରାଯାଉ।' ଏହି ବିଶେଷ ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଉପ-ନିର୍ଦ୍ଦେଶିକା ନୋଜୋମି ହାସିମୋଟୋ ଓଡ଼ିଶା ସରକାରଙ୍କ ସହ ଏହି ଭାଗିଦାରୀକୁ ଉଚ୍ଚ ପ୍ରଶଂସା କରିବା ସହ ବିଶ୍ୱ ସ୍ତରରେ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଏହାର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଛନ୍ତି ଯେ, 'ଓଡ଼ିଶା ସରକାରଙ୍କ ସହ ମିଳିତ ଭାବେ ଝାରସୁଗୁଡ଼ାରେ ଏହି ଦ୍ୱିତୀୟ 'ଅନ୍ନପୂର୍ତି ଗ୍ରେନ୍ ଏଟିଏମ୍'ର ଶୁଭାରମ୍ଭ କରି ଆମେ ଅତ୍ୟନ୍ତ ଆନନ୍ଦିତ। ଏହି ପ୍ରକଳ୍ପ ହେଉଛି ପ୍ରଯୁକ୍ତିବିଦ୍ୟା, ଦୂରଦୃଷ୍ଟିସମ୍ପନ୍ନ ସୁଶାସନ ଏବଂ ମାନବୀୟ ସେବାର ଏକ ଅପୂର୍ବ ସମନ୍ୱୟ। ଭୁବନେଶ୍ୱରରେ ଏହାର ସଫଳତା ପରେ ଓଡ଼ିଶା ସରକାର ଯେଉଁଳି ଭାବେ ଏହି ବ୍ୟବସ୍ଥାକୁ ଅନ୍ୟ ଜିଲ୍ଲା ଗୁଡ଼ିକୁ ସମ୍ପ୍ରସାରଣ କରୁଛନ୍ତି, ତାହା ପ୍ରଶଂସନୀୟ। ଭାରତର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଦ୍ରୁତ କରିବା ପାଇଁ ଏହା ଏକ ବିପ୍ଳବୀ ପଦକ୍ଷେପ।

# ଚମ୍ପୁଆ ବ୍ଲକରେ କୃଷକ ପଞ୍ଜିକରଣ ଶିବିର

ଚମ୍ପୁଆ, ୨୩/୫ (ନି.ପ୍ର): ଚମ୍ପୁଆ ବ୍ଲକରେ କୃଷି ବିଭାଗ ପକ୍ଷରୁ ପଞ୍ଜିକରଣ ଶିବିର ଆୟୋଜନ କରାଯାଉଅଛି । ବ୍ଲକର ୨୨ ଗୋଟି ଗ୍ରାମ ପଂଚାୟତରେ ବିଭିନ୍ନ ଦଫାରେ ବିଭାଗୀୟ କର୍ମକର୍ତ୍ତାଙ୍କ ଜରିଆରେ ଏହି ଶିବିର ଅନୁଷ୍ଠିତ ହେଉଅଛି । ୧୩୭ ଗୋଟି ଗ୍ରାମର ପ୍ରାୟ ୬୪୫୨ ଜଣ ଚାଷୀଙ୍କର ପଞ୍ଜିକରଣ କରାଯାଇଛି । ଗ୍ରାମପଂଚାୟତ ସ୍ତରରେ କୃଷି ବିଭାଗ କାର୍ଯ୍ୟକର୍ତ୍ତା ଏଓ, ଗ୍ରାମ୍ୟ କୃଷିକର୍ମଚାରୀ ପ୍ରତ୍ୟେକ ଗ୍ରାମକୁ ଯାଇ ଏହି ପଞ୍ଜିକରଣ କାର୍ଯ୍ୟରେ ସାମିଲ ହେଉଛନ୍ତି । ଏହି ଅବସରରେ ବ୍ଲକ କୃଷି ଅଧିକାରୀ ସାରଦା ହାଁସଦା, ସହକାରୀ ବ୍ଲକ କୃଷି ଅଧିକାରୀ ରମାମଣୀ ସାହୁ, କୃଷି ଅଧିଦର୍ଶକ ଚିତ୍ତରଞ୍ଜନ ସାହୁ, କ୍ଷୀରୋଦିନୀ କିଷାନ, ଅଜିତ ସେଠୀ, ମନସ୍ୱିନୀ ବେହେରା, ଜାମିନୀ ନାଏକ, ପଦ୍ମିନୀ ନାଏକ ପ୍ରମୁଖ କାର୍ଯ୍ୟକର୍ତ୍ତା ଗାଁକୁ ଗାଁ ବୁଲି ଏହି ପଞ୍ଜିକରଣ କାର୍ଯ୍ୟକ୍ରମ ସମ୍ପାଦନ କରୁଛନ୍ତି । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ କୃଷି ଓ କୃଷକଙ୍କର ବିକାଶ ନିମନ୍ତେ ଯେଉଁ ଯୋଜନା ପ୍ରଣୟନ କରିଛନ୍ତି । ସେହି ଯୋଜନା ଗୁଡିକ କିପରି ଲୋକଙ୍କ ନିକଟରେ ପହଂଚିବ ତାହା ଏହି ଯୋଜନାର ପ୍ରାର୍ଥମିକତା । ଏତଦ୍ ବ୍ୟତୀତ ଲୋକମାନଙ୍କର ଏକ ତଥ୍ୟାବଳୀ ଆଧାର ଓ ଜମିଜମା ମାଲିକାନାର ସଠିକ ତଥ୍ୟ ସଂଗୃହିତ କରାଯାଇ ଏକକ କୃଷକ ପରିଚୟ ସଂଖ୍ୟା ପ୍ରଦାନ କରାଯିବ । ଏହା ସଠିକ ଭାବରେ ଯୋଗ୍ୟ ହିତାଧିକାରୀ ଚୟନରେ ସାହାଯ୍ୟ କରିବ । ଚାଷୀମାନେ ପି.ଏମ. କିଷାନ, ସି.ଏମ କିଷାନ ଆଦି ଯୋଜନାରେ ହିତାଧିକାରୀ ଚୟନ କିଷାନ କ୍ରେଡିଟ କାର୍ଡର ବ୍ୟବହାର ସାରକ୍ରୟ ଆଦି ଯୋଜନାର ଲାଭ ସିଧା ସଳଖ ଚାଷୀ ପାଇପାରିବେ । ପଞ୍ଜିକରଣ ନିକଟସ୍ଥ ଜନସେବା ବା ଗ୍ରାମ୍ୟ କୃଷିକର୍ମଚାରୀଙ୍କ ଜରିଆରେ ଏହା କରାଯାଉଅଛି ।

# ବରିଷ୍ଠ ନାଗରିକ କଲ୍ୟାଣ ସମିତିର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ

ଜୟପୁର, ୨୩/୫ (ନି.ପ୍ର): ଜୟପୁର ବରିଷ୍ଠ ନାଗରିକ କଲ୍ୟାଣ ସମିତି କାର୍ଯ୍ୟାଳୟ ଠାରେ କିଶୋର ଚନ୍ଦ୍ର ହୋତାଙ୍କ ସଭାପତିତ୍ୱରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ଉପସଭାପତି ପ୍ରମୋଦ ପଣ୍ଡା ଓ ଶଙ୍କର୍ଷଣ ମିଶ୍ର ଏବଂ ସମ୍ପାଦକ ରାମଚନ୍ଦ୍ର ହୋତା ମଞ୍ଚାସୀନ ଥିଲେ। ସଭାପତିଙ୍କ ସ୍ୱାଗତ ଭାଷଣ ପରେ ସ୍ୱର୍ଗତ ବିଜୟ କୁମାର ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟ ରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମିତିର ସଭାଗୃହ ଉନ୍ନତିକରଣ, ସଭ୍ୟବୃଦ୍ଧି ଓ ଅଧିକ ସଂଖ୍ୟାରେ ଉପସ୍ଥାନ ପାଇଁ ଆଲୋଚନା ହୋଇଥିଲା।

# କାଳିମେଳାରେ ମାଲକାନଗିରି ଜିଲ୍ଲା ବିଜୁ ମହିଳା ଜନତା ତରଫରୁ ନାରୀ ଅଧିକାର ଅଭିଯାନ

ମାଲକାନଗିରି, ୨୩/୫ (ନି.ପ୍ର): ମାଲକାନଗିରି ଜିଲ୍ଲା ବିଜୁ ମହିଳା ଜନତା ଦଳ ର ମାଲକାନଗିରି ନିର୍ବାଚନ ମଣ୍ଡଳୀ ତରଫରୁ ଆଜି କାଲିମେଲା ହାଟ ପଦା ଠାରେ ମାଲକାନଗିରି ବିଜୁ ମହିଳା ଜନତା ଦଳ ତରଫରୁ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ବିଜୁ ମହିଳା ଜନତା ଦଳ ର ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲ୍ଲା ବିଜୁ ମହିଳା ସଭାନେତ୍ରୀ ତଥା ଜିଲ୍ଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲ ଙ୍କ ନେତୃତ୍ୱରେ ଏବଂ କାଳିମେଳା ବ୍ଲକ ବିଜୁ ମହିଳା ନେତ୍ରୀ ବର୍ଣାଳି କୀର୍ତ୍ତନୀୟା ,ପଡିଆ ବ୍ଲକ ବିଜୁ ମହିଳା ନେତ୍ରୀ ତଥା ପଡିଆ ବ୍ଲକ ଅଧକ୍ଷା ଦେବେ ପଡ଼ିଆମୀ ,ମାଲକାନଗିରି ବ୍ଲକ ବିଜୁ ମହିଳା ନେତ୍ରୀ ତଥା ମାଲକାନଗିରି ବ୍ଲକ ଅଧକ୍ଷା ଗୌରୀ ପଡ଼ିଆମୀ ,ମାଲକାନଗିରି ପୌର ପରିଷଦ ମହିଳା ନେତ୍ରୀ ପୁଷ୍ପାଞ୍ଜଳି ମହାରଣା ଏବଂ ପୌର ପରିଷଦ ଉପାଧକ୍ଷା ତଥା ରାଜ୍ୟ ବିଜୁ ମହିଳା ସମ୍ପାଦିକା କବିତା ମହନ୍ତ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜିର ନାରୀ ଅଧିକାର ପ୍ରତିବାଦ ସଭା କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଯୋଗ ଦେଇ ଅପାରଗ ବିଜେପି ସରକାର ବିରୁଦ୍ଧରେ ବର୍ଷିଥିବା ବେଳେ ସମ୍ମାନିତ ଅତିଥି ଭାବରେ ମାଲକାନଗିରି ବିଜେଡି ବରିଷ୍ଠ ନେତା ତଥା ବିଜେଡି ରାଜ୍ୟ ସମ୍ପାଦକ ଦୁର୍ଗା ତ୍ରିପାଠୀ ଯୋଗ ଦେଇ ବିଜେପି ସରକାର ମହିଳା ଙ୍କୁ ୩୩% ସଂରକ୍ଷଣ ଦେବାରେ ବିଫଳ ,ନାରୀ ନିର୍ଯ୍ୟାତନା କୁ ନିୟନ୍ତ୍ରଣ କରିବାକୁ ଅସମର୍ଥ ବୋଲି ଭାଷଣରେ କହିଛନ୍ତି । ଆଜି ମାଲକାନଗିରି ଜିଲ୍ଲା ବିଜୁ ମହିଳା ଜନତା ଦଳ ତରଫରୁ କାଲିମେଳା ଗୋଷ୍ଠି ଉନ୍ନୟନ ଅଧିକାରୀ ପ୍ରଦୀପ କର ଙ୍କ ଜରିଆରେ ଭାରତ ବର୍ଷର ମହାମହୀମ ରାଷ୍ଟ୍ରପତି ମହୋଦୟା ଙ୍କୁ ପାର୍ଲାମେଣ୍ଟରେ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିବା ମହିଳା ସଂରକ୍ଷଣ ଅଧୁନିୟମର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଓ ମହିଳାମାନଙ୍କ ପ୍ରତି ବଢିଚାଲିଥିବା ନୃଶଂସ ନିର୍ଯାତନାକୁ ବନ୍ଦ କରିବା ପାଇଁ ଦୃଢ ପଦକ୍ଷେପ ସମ୍ବନ୍ଧେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି ।ଗତ କିଛି ଦିନ ଧରି ସାରା ଦେଶରେ ମହିଳା ସଂରକ୍ଷଣକୁ ନେଇ ଜୋରରେ ପ୍ରଚାର ଚାଲିଛି। ପାର୍ଲାମେଣ୍ଟରୁ ଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ସବୁଆଡେ ନାରୀ ଅଧିକାର ଓ ସଶକ୍ତିକରଣର ବଡ ବଡ ଭାଷଣବାଜି ଚାଲିଛି। କିନ୍ତୁ ପ୍ରକୃତରେ ମହିଳାମାନଙ୍କ ରାଜନୈତିକ, ସାମ୍ବିଧାନିକ ଅଧିକାର ଓ ସାମାଜିକ ସୁରକ୍ଷା ଆଜି ମଧ ବଡ ପ୍ରଶ୍ନବାଚୀ ହୋଇ ରହିଛି। ନାରୀମାନଙ୍କର ଅଧିକାର ପାଇଁ ନାରୀମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ବିଜୁ ବାବୁ ହିଁ ଥିଲେ ଯୁଗ ପ୍ରବର୍ତ୍ତକ। ପଂଚାୟତରାଜ ସଂସ୍ଥାଠାରୁ ଆରମ୍ଭ କରି ସରକାରୀ ଚାକିରୀ କ୍ଷେତ୍ରରେ ୩୩ ପ୍ରତିଶତ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷଣ ଭଳି ସାହସିକ ପଦକ୍ଷେପ ନେଇ ବିଜୁବାବୁ ଇତିହାସ ସୃଷ୍ଟି କରିଯାଇଛନ୍ତି ।

# ନାରୀ ସଂରକ୍ଷଣ ଓ ନିର୍ଯ୍ୟାତନାକୁ ନେଇ ଗର୍ଜିଲା ବିଜେଡି ମହିଳା ମୋର୍ଚ୍ଚା

ବଲାଙ୍ଗିର, ୨୩/୫ (ନି.ପ୍ର): ବଲାଙ୍ଗିର ଜିଲ୍ଲା କଂଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଠାରେ ବିଜେଡିର ଶତାଧିକ ମହିଳା କର୍ମୀ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ନାରୀ ସମ୍ମାନ, ସଶକ୍ତିକରଣ, ସୁରକ୍ଷା ଓ ସଂରକ୍ଷଣ ଉପରେ କେନ୍ଦ୍ର ସରକାରଙ୍କ ବିଫଳତାକୁ ଭିତି କରି ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଆଜି ପୂର୍ବାହ୍ନରେ ସ୍ଥାନୀୟ ଜିଆର ପ୍ୟାଲେସ ଠାରୁ ଏକ ବିଶାଳ ନାରୀ ଶୋଭାଯାତ୍ରା ଆରମ୍ଭ କରି ରାଜ୍ୟରେ ଆଇନ ଶୃଙ୍ଖଳା ନାରୀ ନିର୍ଯ୍ୟାତନା ଓ ୩୩ ପ୍ରତିଶତ ସଂରକ୍ଷଣରେ ବିଫଳତାକୁ ମୁଖ୍ୟ ମୁଦ୍ଦା ନିଆଯାଇଥିଲା । ଏ ସଂକ୍ରାନ୍ତରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ଏନ୍ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରଯାଇଥିଲା । ପରେ ସମସ୍ତ ମହିଳାକର୍ମୀ ସ୍ଥାନୀୟ ଜିଆର ପ୍ୟାଲେସ ଠାରେ ଏକତ୍ରିତ ହୋଇ ଏକ ବିକ୍ଷୋଭ ସଭାର ଆୟୋଜନ କରଯାଇଥିଲା।

କାର୍ଯ୍ୟକ୍ରମରେ କଂଟାବାଞ୍ଜି ନିର୍ବାଚନ ମଣ୍ଡଳୀ ର ବିଜେଡ଼ି ଯୁବ ନେତା ଗିରିରାଜ ସିଂ ମାଝୀ ଙ୍କ ନେତୃତ୍ୱ ନେଇଥିବା ବେଳେ ପାଟଣାଗଡ଼ ପୂର୍ବତନ ବିଧାୟକ ତଥା ବଲାଙ୍ଗିର ଜିଲ୍ଲା ବିଜେଡ଼ି ଜିଲ୍ଲା ସଭାପତି ସରୋଜ ମେହେର, ପୂର୍ବତନ ସାଂସଦ ନିରଞ୍ଜନ ବିଶି, ବଲାଙ୍ଗିର ଜିଲ୍ଲା ଜିଲ୍ଲା ପରିଷଦ ଉପାଧକ୍ଷା ଶ୍ରୀମତୀ ମିଥିଲା ମାଝୀ, ବଲାଙ୍ଗିର ଜିଲ୍ଲା ପୂର୍ବତନ ଏସଡିସି ଶ୍ରୀମତୀ ନିରୁପମା ମାଝୀ, ମୁରିବାହାଲ ବ୍ଲକ ପୂର୍ବତନ ଅଧକ୍ଷ ହଂସରାଜ ଜୈନ, ବଙ୍ଗୋମୁଣ୍ଡା ବ୍ଲକ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଉଦ୍ଧବ ବେହେରା, ମୁରିବାହାଲ ବ୍ଲକ ପୂର୍ବତନ ଉପାଧକ୍ଷ ସୁନ୍ଦରମତି ବାଗ, ଜିଲ୍ଲା ସାଧାରଣ ସଂପାଦକ ଦେବରାଜ ବାରିକ, ରାଜ୍ୟ ଯୁବ ସାଧାରଣ ସଂପାଦକ ଅଜିତ ଯୋଶୀ, ରାଜ୍ୟ ମହିଳା ଉପ ସଭାପତି ଶ୍ରୀମତୀ ଗୋପା ମହାନନ୍ଦ, ଲାଲଚନ୍ଦ ପୁଟେଲ, ଆସାଦୁଲ୍ଲା ଖାନ, ଦେବରାଜ ଯାଦବ, ପିଙ୍କି ଖର୍ସେଲ, ସିମ୍ରନ କୈର, ପ୍ରେମିସ ବାଗ, ବିଶ୍ୱନାଥ ସାହୁ, ଦ୍ରୋପଦ ନାଏକ, ପ୍ରସୁଦନ ମାଝୀ, ଅମିତ ସାହୁ, ଭବାନୀ ନାଗ, ରାମଚନ୍ଦ୍ର ରାଏ, ଦିପକ ଘିଭେଲା, ବିଷ୍ଣୁ ପ୍ରସାଦ ଯୁଏଡ, ଦୈତାରି ଭୋଇ, ମୁଜାଫର ଖାନ, ଆଶିଷ ବେହେରା, ସଚିନ ହଂସ, କୁନା ବଏ, ଚୈତନ୍ୟ ମାଝୀ, ଅଗସ୍ତି ବାଗ, ଗୋପାଳ ମେହେର, କାହ୍ନା ଯାଦବ, ତୁରେକେଲା ବ୍ଲକ, ବଙ୍ଗୋମୁଣ୍ଡା ବ୍ଲକ, ମୁରିବାହାଲ ବ୍ଲକ ର ସମିତି ସଭ୍ୟ/ସଭ୍ୟା, ସରପଂଚମାନେ କଂଟାବାଞ୍ଜି କାଉନସିଲରମାନେ ଓ ବିଜୁ ଜନତା ଦଳର କର୍ମକର୍ତା ମାନେ ଯୋଗଦାନ କରି ଏହି ବିକ୍ଷୋଭ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ବିଜେଡ଼ି କାର୍ଯ୍ୟକର୍ତା ଦିଲିପ ପୃଷ୍ଟି ସଭା କାର୍ଯ୍ୟ ପରିଚାଳନା କରିଥିଲେ।

# ପାଣି ପାଇଁ ହହଳ ବିକଳ କାଶୀପାଳ ଗ୍ରାମବାସୀ

ଚମ୍ପୁଆ, ୨୨ ମେ (ହି.ସ) .ବିଭାଗୀୟ କର୍ମଚାରୀ ଏବଂ ଅଧିକାରୀମାନଙ୍କ ଅବହେଳା ପାଇଁ ପାନୀୟ ଜଳ ଯୋଗାଣ ଏକ ପ୍ରହସନରେ ପରିଣତ ହୋଇଛି। ପ୍ରତ୍ୟେକ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରତିପଂଚାୟତରେ ବସୁଧା ପାଣି ଟାଙ୍କି ନିର୍ମାଣ କରିଥିଲେ ମଧ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ମଧ ସ୍ୱଚ୍ଛ ପାନୀୟ ଜଳ ଟୋପାଏ ପାଇବାରୁ ବଂଚିତ ହେଉଛନ୍ତି ଲୋକେ। ଏମିତି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ କାଶୀପାଳ ପଂଚାୟତ କାଶୀପାଳ ଗ୍ରାମର ନୂଆସାହି, ଶଙ୍ଖାସାହି ଓ ବଣସାହିରେ। ଏହି ତିନୋଟି ସାହିରେ ଥିବା ଶତାଧିକ ପରିବାରକୁ ଗୁଲୁଦୀପସୀ ଗ୍ରାମରେ ଥିବା ପାଣିଟାଙ୍କିରୁ ପାଣି ଯୋଗାଣ ନିମନ୍ତେ ପାଇପ ସଂଯୋଗ ହୋଇଛି। ପାଇପ ସଂଯୋଗ ହେବା ପରେ କିଛି ଦିନ ପାଣି ମଧ ଠିକଠାକ ଚାଲିଥିଲା। କିନ୍ତୁ ଗତ ପ୍ରାୟ ୭ମାସରୁ ଉର୍ଦ୍ଧ ହେବ ପାଣି ଯୋଗାଣ ସମ୍ପୂର୍ଣ୍ଣ ଭାବେ ଠପ ହୋଇ ଯିବାରୁ ଟୋପାଏ ପିଇବା ପାଣି ପାଇଁ ହହଳ ବିକଳ ହେଉଛନ୍ତି ସାହି ବାସିନ୍ଦା। ପାଣି ସଂଯୋଗ ବିଛିନ୍ନ ହେବାର ଦୀର୍ଘ ଦିନ ବିତି ଯାଇଥିଲେ ମଧ ଏଥିପ୍ରତି ବିଭାଗୀୟ କର୍ମଚାରୀ କିମ୍ବା ଅଧିକାରୀ କେହି ଗୁରୁତ୍ୱ ଦେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୪ ମଇ ୨୦୨୬
email : rabibarachayan2015@gmail.com

# ରବିବାରଚୟନ

ପୃଷ୍ଠା ୩

......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର




# ବୁଦ୍ଧ କାହାଣୀ

ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



## ୩୫ ରାଜା ବିମ୍ବିସାର (ବୁଦ୍ଧଙ୍କ ପ୍ରଥମ ରାଜକୀୟ ପୃଷ୍ଠପୋଷକ)

ରାଜା ବିମ୍ବିସାର ପୂର୍ବରୁ ତାଙ୍କର ଅଧା ରାଜ୍ୟ ପ୍ରଦାନର ପ୍ରସ୍ତାବ ଗୌତମଙ୍କୁ ଦେଇଥିଲେ, ଯାହାକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ, କାରଣ ସେ ଜ୍ଞାନ ଅନ୍ୱେଷଣ କରିବାକୁ ଚାହୁଁଥିଲେ। ରାଜା ବିମ୍ବିସାର ତାଙ୍କୁ କହିଥିଲେ ଯେ ଯଦି ତପସ୍ୱୀ ହୋଇ ସେ ଯାହା ଖୋଜୁଛନ୍ତି ତାହା ପାଇଯାଆନ୍ତି, ତେବେ ରାଜଗୃହ ଫେରିଆସି ତାଙ୍କୁ ଆତ୍ମଜ୍ଞାନ ପ୍ରଦାନ କରିବେ।

ଗୌତମବୁଦ୍ଧ ଜ୍ଞାନପ୍ରାପ୍ତ ହୋଇଯିବା ପରେ ମଧ୍ୟ ପୁନର୍ବାର ଫେରିଆସିବାକୁ ଦେଇଥିବା ପ୍ରତିଶ୍ରୁତିକୁ ଭୁଲି ନଥିଲେ। ତାଙ୍କର ବହୁ ସଂଖ୍ୟକ ଶିଷ୍ୟଙ୍କ ସହିତ ସେ ରାଜଗୃହକୁ ପୁନଶ୍ଚ ଆସିବାର ନିଷ୍ପତ୍ତି ନେଲେ। ଜଣେ ଧାର୍ମିକ ଗୁରୁ ଭାବରେ ତାଙ୍କର ଖ୍ୟାତି ସହରରେ ବ୍ୟାପିଗଲା ଏବଂ ଏହା ଶେଷରେ ରାଜା ବିମ୍ବିସାରଙ୍କ କର୍ଣ୍ଣଗୋଚର ହେଲା।

ବୁଦ୍ଧ ନଗରର ପ୍ରବେଶ ଦ୍ୱାରରେ ପହଞ୍ଚିଛନ୍ତି ଶୁଣି ରାଜା ବହୁ ସଂଖ୍ୟକ ପ୍ରଜାଙ୍କ ସହିତ ବୁଦ୍ଧ ଏବଂ ତାଙ୍କ ଶିଷ୍ୟମାନଙ୍କୁ ସ୍ୱାଗତ କରିବାକୁ ବାହାରିଗଲେ। ସେ ବୁଦ୍ଧଙ୍କୁ ଯାଇ ପ୍ରଣାମ କଲେ; କିନ୍ତୁ ତାଙ୍କର କିଛି ପ୍ରଜା ଜାଣି ନଥିଲେ ଯେ ସେମାନେ କାହାକୁ ପ୍ରଣାମ କରିବେ : ବୁଦ୍ଧ ନା ପୂଜ୍ୟ କସାପାଙ୍କୁ। ସେମାନେ ଆଶ୍ଚର୍ଯ୍ୟ ହେଲେ ଯେ ବୁଦ୍ଧ ପୂଜ୍ୟ କସାପାଙ୍କ ଅଧୀନରେ ଏକ ପବିତ୍ର ଜୀବନ ବିତାଉଛନ୍ତି ନା ତା'ର ବିପରୀତ; କାରଣ ଉଭୟ ଥିଲେ ଅତ୍ୟନ୍ତ ସମ୍ମାନସ୍ପଦ ଧାର୍ମିକ ଗୁରୁ।

ବୁଦ୍ଧ ସେମାନଙ୍କର ଚିନ୍ତାଧାରାକୁ ପଢ଼ିପାରିଲେ ଏବଂ ପୂଜ୍ୟ କସାପାଙ୍କୁ ପଚାରିଲେ ଯେ ସେ କାହିଁକି ଅଗ୍ନିଯଜ୍ଞ ତ୍ୟାଗ କରିଥିଲେ। ପ୍ରଶ୍ନର ଭିତିରି ଉଦ୍ଦେଶ୍ୟ ବୁଝିପାରି କସାପା କହିଲେ ଯେ ବ୍ୟର୍ଥ ଇନ୍ଦ୍ରିୟ ସୁଖ ଅପେକ୍ଷା ନିର୍ବାଣର ଶାନ୍ତିପୂର୍ଣ୍ଣ ଅବସ୍ଥାକୁ ସେ ପସନ୍ଦ କରନ୍ତି। ଏହାପରେ ସେ ବୁଦ୍ଧଙ୍କ ପାଦତଳେ ପଡ଼ି କହିଲେ, "ଆପଣ ମୋର ଗୁରୁ, ପ୍ରଭୁ, ପରମପିତା ଅଟନ୍ତି। ମୁଁ ହିଁ ଶିଷ୍ୟ।"



ଧର୍ମ ପରିବର୍ତ୍ତନ କରୁଥିବା ଭକ୍ତମାନେ ଏହି କଥୋପକଥନ ଶୁଣି ପ୍ରୀତ ହେଲେ। ତତ୍ପରେ ବୁଦ୍ଧ ଧର୍ମୋପଦେଶ ଦେଲେ ଏବଂ ରାଜା ବିମ୍ବିସାର ସନ୍ଥତ୍ୱର ପ୍ରଥମ ପର୍ଯ୍ୟାୟ ହାସଲ କଲେ। ସିଦ୍ଧାନ୍ତକୁ ଅନୁଭବ କରିବା ପରେ ରାଜା ବିମ୍ବିସାର ବୁଦ୍ଧଙ୍କୁ ସମ୍ବୋଧିତ କରି କହିଲେ, "ହେ ପୂଜ୍ୟ, ପୂର୍ବରୁ ମୁଁ ଯେତେବେଳେ ଜଣେ ରାଜକୁମାର ଥିଲି, ମୋର ପାଞ୍ଚଟି ଇଚ୍ଛା ଥିଲା। ସେଗୁଡ଼ିକ ଏବେ ପୂରଣ ହୋଇଛି। ମୋର ପ୍ରଥମ ଇଚ୍ଛା ଥିଲା ରାଜା ହେବା। ମୋର ଦ୍ୱିତୀୟ ଇଚ୍ଛା ଥିଲା ଯେ ଜଣେ ପରିପୂର୍ଣ୍ଣ ଜ୍ଞାନୀ ମୋ ରାଜ୍ୟକୁ ଆସନ୍ତୁ। ମୋର ତୃତୀୟ ଇଚ୍ଛା ଥିଲା ଯେ ମୁଁ ଏହିପରି ଜ୍ଞାନୀ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସେ। ମୋର ଚତୁର୍ଥ ଇଚ୍ଛା ଥିଲା ଯେ ସେ ମୋତେ ଧର୍ମ ଉପଦେଶ ପ୍ରଦାନ କରନ୍ତୁ। ମୋର ପଞ୍ଚମ ଇଚ୍ଛା ଥିଲା ଯେ ମୁଁ ଏହି ଧାର୍ମିକ ସିଦ୍ଧାନ୍ତକୁ ବୁଝିପାରେ। ଏବେ ଏହି ପାଞ୍ଚଟି ଇଚ୍ଛା ପୂରଣ ହୋଇଛି।"

ବୁଦ୍ଧଙ୍କ ଠାରୁ ଏହି ଆଧ୍ୟାତ୍ମିକ ଉପହାର ପାଇ କୃତଜ୍ଞତା ସ୍ୱରୂପ ରାଜା ବିମ୍ବିସାର ବୁଦ୍ଧ ଏବଂ ତାଙ୍କ ଶିଷ୍ୟମାନଙ୍କ ବ୍ୟବହାର ପାଇଁ ଏକ ଶାନ୍ତ ବାଉଁଶ ବୃକ୍ଷ ଶୋଭିତ ଉଦ୍ୟାନ ପ୍ରଦାନ କଲେ। ଏହି ଉଦ୍ୟାନର ନାମ ବାଉଁଶ ଉଦ୍ୟାନ ଥିଲା। ବୁଦ୍ଧ ସେଠାରେ କ୍ରମାଗତ ତିନୋଟି ବର୍ଷାଋତୁ ଓ ପରେ ଆଉ ତିନୋଟି ବର୍ଷାଋତୁ ବିତାଇଥିଲେ।

ଧର୍ମକଥା ଶୁଣିବା ପରେ ରାଜା ଜଣେ ଉତ୍ତମ ଓ ଧାର୍ମିକ ଶାସକ ହୋଇଗଲେ କିନ୍ତୁ ତାଙ୍କର ପୂର୍ବର କୁକାର୍ଯ୍ୟ ହେତୁ, ତାଙ୍କ ପୁତ୍ରର ଦୁଷ୍ଟତା ଯୋଗୁଁ ତାଙ୍କୁ ଏକ ଅକାଳ ଓ ଦୁଃଖଦାୟକ ମୃତ୍ୟୁର ସମ୍ମୁଖୀନ ହେବାକୁ ପଡ଼ିଲା। (କ୍ରମଶଃ)


♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮


# ମିନିଗଳ୍ପ-୭

## ମାମଲା (ଛ)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**



ଗୋସାଇଁ ବହୁକୁଟୁମ୍ବୀ । ଗାଈ ଦାମୁଡି ଗୁହାଳ। ବହୁକଷ୍ଟରେ ବଡ଼ଭାଇ ସାନଭାଇ ମିଶି ଦି'ଦାଣ୍ଡି ଘର ବନେଇଛନ୍ତି । ସାନ ବଡ଼ହାକିମ ହୋଇ ପିଲାକବିଲା ସହ ରହିଲେ କଟକରେ। ବଡ଼ ଗାଁ'ଇସ୍କୁଲ ମାଷ୍ଟର ହେଲେ। ଜମିବାଡ଼ି କିଛି କିଣିଲେ ଦି'ଭାଇ। ସବୁବେଳେ ନିକୁଟେ ନିକୁଟେ ଘରକାମ ଚଲେଇଥାନ୍ତି ବଡ଼ଭାଇ। ନିତି ମଜୁରିଆଙ୍କର ମୂଳ କୋହଳ। ରାଜମିସ୍ତ୍ରୀ ବି କନ୍ଦାକୋହଳିଆ। ବେଳେବେଳେ ନିଜେ ନିଜେ କଡେଇରେ ସିମେଣ୍ଟ ବାଲି ଫେଣ୍ଟି କୋଦାଳରେ ଦଶଓଡ଼ ଘୋଷାରି ସିଡି ଚଢି ଦିବାଲ ଗଢେ। ଗୋସାଇଁ ଘରେ ଭୋଜନ ପଡେ। ଭଲମନ୍ଦ ଓଜରଅଝଟ ନଥାଏ। ଘରଲୋକ ଗୋସାଇଁ ପୁଅ ବାହା କଲେ । ବୋହୂଠୁ ଗହଣାଗାଣ୍ଠି ମାଗି ନେଇ ସାନଭାଇ ଦେଇଥିବା ଡବଲଚାବି ମଜବୁତ ଲୁହା ତିଜୋରିରେ ସମ୍ପାଦି ଦେଲେ। ତିଜୋରି ଦି'ଥାକିଆ। ଉପର ଥାକରେ ଟଙ୍କାପଇସା, ତଳଥାକରେ ସୁନା, ରୂପା, ପିତଳ, ତମ୍ବା କଣାପଇସା, ହନୁମାନ ପଇସା, ସୁଦଶାବ୍ରତ ରହେ। ସେଇ ଘର କଣମୁଣ୍ଡିଆ। ଟୁଙ୍ଗୁଣି ଘର। ତାଜାରେ କୋଦାଳ, କାଙ୍କ, କୋଡି ରହେ । ବୋହୂ ବାପଘରକୁ ଯାଇଥାଏ । ଘର ମରାମତି କାମ ଚାଲିଥାଏ । ଗୋସାଇଁ କି ଗୋଟେ କାମରେ ତିଜୋରି ଖୋଲି କବାଟ ଆଉଜେଇ ଚାବିହଳକ ଝୁଲେଇ ପଳେଇଛନ୍ତି । ରାଜମିସ୍ତ୍ରୀ ଘର ଭିତରକୁ ପଶିଲା କୋଦାଳ ନେବ ବୋଲି । କେହି ନାହାନ୍ତି । ତିଜୋରି ଖୋଲି ଟଙ୍କା ନହଜାର ବୋହୂର ଗହଣାଗାଣ୍ଠି ଲୁଟି ଫେରାର । ଗୋସାଇଁ ମୁଣ୍ଡ ପିଟିଲେ । ଦିଅଁ ମନାସିଲେ । ଥାନାରେ କେସ ଦେଲେ । ପୁଲିସି ଧଇଲା ଦୋଷୀକୁ । ଦିନଟେ ଅଟେଇରେ ଠୁଙ୍କିଦେଲା । ତା'ପରଦିନ ଗୋସାଇଁ ଗଲେ ଥାନା । ଅଟେଇରୁ ରଡି ଛାଡିଲା ଆସାମୀ । ମୁଁ ପା' ତମ ଧରମପୁଅ ହେଇଥେଲି ଗୋସାଇଁ । ମତେ ଏମନ୍ତ ହୀନଛାକର କଲ ?

ଗୋସାଇଁ ଅନେଇଲେ ବଡ଼ବାବୁଙ୍କୁ । କହିଲେ ମୁକାଳି ଦିଅ।

ଟଙ୍କା ସୁନା ପାଇବି। ପୁଅଟେ କାହୁଁ ପାଇବି। ବହୁକଷ୍ଟରେ ପା' ଏତେ ଝିଅରେ ସନ୍ତାନଗୋପାଳ ଜପି ପୁଅଟେ ପାଇଛି।

ବଡ଼ବାବୁ ତାର୍ଥକାବା।

॥ ମାମଲା ଖଲାସ ॥


♥ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଭୁବନେଶ୍ୱର,
(ମୋ) ୯୭୭୬୫୪୬୧୩୦


# ପାଉଁଜିର ପାଣ୍ଡୁଲିପି-୨୧

## ପାଉଁଜି ହଜଇ ତୋର

**ବିପିନ ମହାନ୍ତି**



ହଜିଯାଇଛି ନା ହଜେଇ ଦେଇଛୁ ପାଉଁଜିକୁ ଜାଣିଶୁଣି
ଏଥରକୁ ନେଇ ସାତଥର ତୁଇ ପାଉଁଜି ହଜେଇଲୁଣି
ତୋ' ପାଉଁଜି ସାଥେ ଭାବପ୍ରବଣତା ଯୋଡ଼ାଅଛି ଯେଣୁ ମୋର
କେଜାଣି କାହିଁକି ମୋତେ ଦେଖିଦେଲେ ପାଉଁଜି ହଜଇ ତୋ'ର।

ତୋ' ପେଖନା ସବୁ ବୁଝି ସାରିଲିଣି ଖୋଜିଦିଅ ବୋଲି କହୁ
ମାଛି ଅନ୍ଧାରରେ ନିରୋଳା ସଞ୍ଜରେ ମନଖୋଲି କଥା ହେଉ
ପାଉଁଜି ଫାଉଞ୍ଜି ଖୋଜିବା ଫାଜିବା ସବୁ ତ ଚୁଲିକୁ ଯାଉ
ଫାଜିଲ ରାତିର ମଞ୍ଜିଲ୍‌ଟା ଆସ ରଙ୍ଗିନ କରିବା କହୁ।

ସାଇ ପଡ଼ୁଶୁଣି ସବୁ ଜାଣିଲେଣି ତୋ' ସାଥେ ମୋ' ଇଲୁଇଲୁ
ଆଖିବୁଜି କ୍ଷୀର ପିଉଛି ବିଲେଇ କେତେ ଲୋ' ତୁ କୁଲୁକୁଲୁ
ପ୍ରେମ ପାଇଁ ମନ ବଳାଇଲେ ତୋ'ର ପାଉଁଜି ହଜଇ କାହୁଁ
ରାତିର ବି କାନ ଜହ୍ନର ବି ମନ ବୁଝି ତୁ ଅବୁଝା ହେଉ।

ଫୁଙ୍ଗୁଳା ତୋ' ପାଦ ଦେଖିଲେ ମୁଁ ବୁଝେ ପାଉଁଜି ହଜିଛି ତୋ'ର
ପାଉଁଜି ଖୋଜିବା ଆଳରେ ତୋ' ଦ୍ୱାରେ ହାଜର ମୁଁ ଚିତ୍ତଚୋର।


♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧


# କବିତା



## ଈଶ୍ୱର

**ସୁଧାଂଶୁ ବଳ**

ପିଲାଦିନେ ଦେଖିଛି,
ଈଶ୍ୱର ଭାରି ସହଜ ଥିଲେ
ବୁଢ଼ୀମା ପାଦୁକା ପାଣିକୁ
ବୋଉ ମୁଣ୍ଡରେ ମାରି
ଅମୃତ ପରି ପିଇ ଯାଉଥିଲା ।

ଜେଜେଙ୍କ କଳା ଧଳା ଫଟୋ ଆଗରେ
ମୁଣ୍ଡ ନୁଆଁଉ ନୁଆଁଉ କେତେବେଳେ,
ଜେଜେ ଆଉ ଈଶ୍ୱର
ଏକାକାର ହେଇଗଲେ
ମୁଁ ଜାଣି ପାରିଲିନି ।

ଏବେ ଈଶ୍ୱର
କେବଳ ଏକ ବିଜ୍ଞାପନ ପାମ୍ଫଲେଟ୍
ଦାନ ବାକ୍ସ ଅନ୍ଧାର ଭିତରେ,
ସେ ଆକ୍ରା ମାକ୍ରା
କଂକ୍ରିଟ କୋଠରୀରେ ଆଜୀବନ ବନ୍ଦୀ
ତାଙ୍କ ସହ ସାକ୍ଷାତ୍
ଏବେ ଆପଏଣ୍ଟମେଣ୍ଟ୍ ବେସିସ୍ ।

ସେଦିନ ଗାଁ ମୁଁହ ସଞ୍ଜ ଅନ୍ଧାରରେ
ବାପାଙ୍କ ହଳେ ଛିଣ୍ଡା ହାୱାଇ ଚପଲ୍
ବୋଉ ଚିରା ଲୁଗା କାନି ଭାଙ୍ଗରେ
ଲୁଚି ଲୁଚି ହସୁଥିଲେ ଈଶ୍ୱର
ଭେଟିଥିଲି ଶେଷଥର ।


♥ ଏ.ଇ.ସି.ଏସ୍ ଲେଆଉଟ୍, ବେଙ୍ଗାଲୁର
ମୋ: ୮୦୯୫୩୭୭୧୪୬




## କୁଳାଙ୍ଗାର

**ଦିନେଶ ମେହେର**



ହେଇ ପାରିଲିନି
କାହା ଆଖିର ଧାରେ କଜ୍ଜଳ,
ଫୁଟେଇ ପାରିଲିନି
କାହା ଓଠର ଚେନାଏ ହସ,

ହୁଏତ
କେଉଁଠି ନା କେଉଁଠି ବାକି ରହି ଯାଇଛି
ମୋ ପାରିବାପଣିଆରେ,
ନିଜକୁ ଜଳାଞ୍ଜଳି ଦେଇ
ସବୁକିଛି ଉତ୍ସର୍ଗ କରିଦେଲା ପରେ ବି
ଆଜି ପାଲଟି ଯାଇଛି ଗୋଟେ କୁଳାଙ୍ଗାର... !

ସେଦିନ
ଆକାଶର ଜହ୍ନକୁ
ହାତ ବଢ଼େଇବାର ସ୍ୱପ୍ନ ଦେଖି
ବାହାରି ପଡ଼ିଥିଲି ଦୂର ଦିଗନ୍ତ ଉପରକୁ,
ସ୍ୱର୍ଗକୁ ସିଡ଼ି ତିଆରିବା ଆଶାରେ
ସାରି ଦେଇଥିଲି ନିଜର ଅଧା ଯୌବନ,
ହେଲେ ବାରମାସର ତପସ୍ୟା
ଶୁଖୁଆ ପୋଡ଼ା ଭଳି
ସବୁକିଛି ଶେଷ ହେଇଗଲା ଆଖି ଆଗରେ ।

ସେତିକି ବେଳେ ଆଶାଟିଏ ଚେଇଁ ଉଠେ
ତମାମ ହୃଦୟରେ,
ଚାତକ ପରି ଆକାଶକୁ
ଅନେଇ ବସିଲା ବେଳକୁ
ଦେଖୁ ଦେଖୁ ଆକାଶଟା ସାରା
ଘୋଟି ଆସେ କଳାହାଣ୍ଡିଆ ମେଘ
ଆରମ୍ଭିଯାଏ ବର୍ଷା,
ନିନ୍ଦା ଅପବାଦ ଆଉ ମାନହାନୀର.... !

କ୍ଷଣିକ ମାତ୍ରକେ
ସବୁକିଛି ଓଲଟ ପାଲଟ ହେଇଯାଏ,
ଅପବାଦର ବର୍ଷାରେ ଭିଜିଭିଜି ବେହାଲ୍
ତମାମ ଅନ୍ତରାତ୍ମା,
ଛାଡ଼, ଯାହା ସବୁ ଘଟିବାର ଥାଏ
ସେସବୁ ଆପେ ଘଟିଯାଏ
ବିଧିର ବିଧାନକୁ କିଏ ରୋକି ପାରିଛି ଯେ
ରୋକିହେବ
ଅଦିନିଆ ଝଡ଼କୁ, ବତାସକୁ, ବର୍ଷାକୁ.... !


♥ ଜୁନାଗଡ଼, କଳାହାଣ୍ଡି
ମୋ - ୮୦୧୮୮୨୮୪୫୬


## ପିଲାଦିନ ସ୍ମୃତି

**ଭକ୍ତ ସୁନାନୀ**



ଆଜି ବି ମନେପଡେ ସେହିଦିନ
ଯେବେ ଡିବିରି ଆଲୁଅରେ ପଢୁଥିଲି ପାଠ
ଝରକା ଫାଙ୍କରେ ଆକାଶକୁ ଚାହିଁ
ଦେଖୁଥିଲି ଜହ୍ନ
ଅସଂଖ୍ୟ ଭାବନାରେ ବିତୁଥିଲା ରାତି
ଆଖିରେ ଖେଳୁଥିଲା ଅସୁମାରୀ ସ୍ୱପ୍ନ ।

ହଜୁଥିଲା ମୋ ଆଖିର ନିଦ
ଶୁଭୁଥିଲା ଝରକା ଦେଇ ଆସୁଥିବା
ପବନର ସୁ ସୁ ଶବ୍ଦ
ଯେମିତି ବଢୁଥିଲା ରାତି
ବଢୁଥିଲା ଛାତିତଳ ନିଶ୍ୱାସର ଗତି
ପଡି ପଡି ନୀରବରେ
ଯୋଡିବାକୁ ଚେଷ୍ଟା କରୁଥିଲି
ଜୀବନରେ ନୂଆଁ ଫର୍ଦ୍ଦ ।

ଅଳ୍ପ କିଛି କିରୋସିନରେ
ମିଞ୍ଜି ମିଞ୍ଜି ଜଳୁଥିଲା ଅସହାୟ ଡିବିରି
ତା ସାମ୍ନାରେ ମୁଁ
ବାହାରେ କିଟିକିଟା ଅନ୍ଧାର
ସେ ଅନ୍ଧାର ଭିତରେ ଲୁଚକାଳି ଖେଳୁଥିଲା
ମୋ ଭବିଷ୍ୟତ, ମୋ ଲକ୍ଷ୍ୟ ଅହରହ ।


♥ ଖୁଣ୍ଟିଆ, କଳାହାଣ୍ଡି


## ଯୁଗେ ଯୁଗେ ଧର୍ମ ରହିଛି

**ବାବାଜୀ ଚରଣ ଜେନା**



ଯୁଗେ ଯୁଗେ ଧର୍ମ ରହିଛି ରହିବ
ତାକୁ କେ ପାରିବ ଠକି
ଝଡ ସାଥେ ମେଘ ଆସି ଚାଲି ଯିବ
ଚିହ୍ନକୁ ତାହାର ରଖି
ସତ୍ୟକୁ ପାରେ କେ ରୋକି ...।

ସୂରୁଜ ବୁଡିଲେ ଅନ୍ଧାର ଆସିବ
ଆଲୋକ ଯିବତ ଲୁଚି
ଅନ୍ଧାର ଭିତରେ ଛକିଶୂନ ଖେଳ
କିଏବା ଖେଳିବ ପୁଚି
ନ ଦେଖିଲା ପରି ହେଉଥିବେ କିଛି
ମୁହଁରେ ଗାମୁଛା ଢାଙ୍କି
ସତ୍ୟକୁ ପାରେ କେ ରୋକି ... ।

ମିଛ ଆଉ ସତ ପାପ ଆଉ ପୁଣ୍ୟ
ସବୁ ଦେଖୁ ଅଛି ମାଟି
ପିମ୍ପୁଡି ବାପୁଡା ଗଳି ପାରେନାହିଁ
ଚାଲି ଯିଏ ଦେଖ ହାତୀ
ଅଣଚାଷ ଯେବେ ବହିବ ବନ୍ଧୁହେ
ତଣ୍ଟି ତୁମ ଯିବ ସୁଖି
ସତ୍ୟକୁ ପାରେ କେ ରୋକି ... ।


♥ ଅହଲ୍ୟା ନିବାସ, ପୋପରଡା, ନୂଆବଜାର, କଟକ-୪
ମୋ - ୯୪୩୭୮୩୪୭୧୯


## ମୁଠାଏ ମୂର୍ଚ୍ଛନା

**ଦେବାଶିଷ ଚକ୍ରବର୍ତ୍ତୀ**



॥ ପଥର ॥
ହୃଦୟେ ଯାହାର ସାଇତା ହୋଇନି
ଆପଣାପଣର ଟୋପେ ଅତର
ମଣିଷ କୁଳରେ ଜନମ ନେଲେବି
କହିବା ନାହିଁ କି ତାକୁ ପଥର ?

॥ ତୀର୍ଥ ॥
ଡିନ୍ତାଉଥାଏ ହୃଦୟକୁ ଯହିଁ
ମଣିଷପଣର ଝରଣାଜଳ
ତାହା ସମସରି ହୋଇକି ପାରିବ
ସାରା ଦୁନିଆର ତୀର୍ଥ ଜଳ ?

॥ ତଳପ ॥
ପାହାଡ ତଳର ତଳପ ବରଜି
ଗିରି ଝର ସିନା ଯାଏ ଆଗେଇ
ସ୍ୱାର୍ଥର ତଳପ ବରଜିଲେ ସିନା
ଜୀବ ପରମରେ ମିଶିବ ଯାଇ ?

॥ ମଣିଷ ॥
ଗୋପ ମଧୁ ପରି ବରପୁତ୍ର ସିନା
ହୋଇ ପାରିବେନି ହୁଏତ କେହି
ସୁପୁତ୍ର ନିଶ୍ଚୟ ହୋଇତ ପାରିବେ
ଜୀବନରେ ଭଲ ମଣିଷ ହୋଇ।

॥ ଅଙ୍ଗାର ॥
ପଡ଼ୋଶୀଙ୍କ ପାଇଁ ହୃଦୟରେ ଯଦି
ରହି ନାହିଁ ଟିକେ ହେଲେ ଆଦର
ଭଲ ପାଇବାର ଫୁଲବନ ଜଳି
ପାଲଟିବନିକି ମୁଠେ ଅଙ୍ଗାର ?


♥ ମଣ୍ଡୁଆ, କେନ୍ଦୁଝର ଗଡ
ମୋ -୯୪୩୭୭୫୨୩୯୫


## ପାପୁଲିଏ ଉଷ୍ମତା

**ସସ୍ମିତା ଦାସ**



ଯେଉଁ ଛୁଆଁରେ ଥାଏ
ପାପୁଲିଏ ସ୍ନେହଭରା ଆବେଗ
ସକାଳ ସୂର୍ଯ୍ୟର ସୁନେଲୀ କିରଣରେ
ଢଳଢଳ କରୁଥାଏ ବିନ୍ଦୁବିନ୍ଦୁ କାକର,
ରାତିର ଅନ୍ଧାରରେ
ଗୁମସୁମ୍ ହୋଇ
ଆଉଜି ପଡ଼ିଥାଏ ମେଞ୍ଚାଏ ଉଷ୍ମତା
ତାହା ବୋଧେ ପ୍ରେମ ?

ନିଃଶବ୍ଦ ରାତିରେ
ଆକାଶକୁ ଦେଖିଲେ
ଜହ୍ନ ଆଶ୍ଚର୍ଯ୍ୟ ହୋଇ ହସେ,
ମନ ଭିତରର ଯେତେ ସବୁ ତରଙ୍ଗ
ଛାତି ଭିତରକୁ ଚିପୁଡ଼ି ଦିଏ ।

ବଡ଼ବଡ଼ ଆଖିରେ ନିଜକୁ ପରଖେ ମୁଁ,
ବାରବାର ନିଃଶବ୍ଦରେ
ବାହାରି ଆସେ...
ଆହା ଆହା ବୋଲି
ଅଦିନିଆ ବରଷା ଦେଖିଲେ
ମନ କେମିତି ଚଞ୍ଚଳ ହୁଏ
ତୁମେ ଖୁବ୍ ମନେପଡ଼ ।

ଗୋଟା ପରେ ଗୋଟା
ଋତୁ ପରି ତୁମେ ଭିନ୍ନଭିନ୍ନ
ବେଶ ହୋଇ ଆସ...
ସେ ବେଶରୁ ବାରି ହୋଇପଡ଼େ
ତୁମ ପ୍ରେମିକର ବେଶ ।

ଖୁବ୍ ଚମତ୍କାର ବଂଶୀ ତୁମେ ଯେ ବଜାଅ,
ସେ ବଂଶୀର ସୁରରେ
ଧିମାଧିମା ନିଶାପରି
ତୁମ ପ୍ରେମ ଚରିଚରି ଯାଏ ।

ମୋ ଭିତର ପ୍ରେମର ପାଖୁଡ଼ା
ଖୋଲି ଖୋଲି ଯାଏ,
ମୁଁ ଆନମନା ହେଉହେଉ
ତୁମେ ଅନାୟାସେ...
ମୋତେ ତୋଳି ଧରିଥାଅ ।

ତୁମ ଉପସ୍ଥିତି
ମୋ ଭିତରେ ବାରବାର ଚୁମି ଯାଉଥାଏ ।
ମୁଁ ଆଶ୍ଚର୍ଯ୍ୟ ହୋଇ ତୁମକୁ ଦେଖୁଥାଏ ।


♥ ସମ୍ପାଦିକା ନୀଳକଇଁ, ଭୁବନେଶ୍ୱର

# ସମାଜକୁ ବଦଳେଇବା ପାଇଁ କେହି ଲେଖକ କଲମ ଧରି ନଥାଏ : ରଂଜନ ପ୍ରଧାନ

**ଡ. ରଞ୍ଜନ ପ୍ରଧାନ**

ସମକାଳୀନ ଓଡ଼ିଆ ସାହିତ୍ୟରେ ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ। ଗପ ଲେଖାରେ ସେ ଖୁବ୍ ଚୟନାତ୍ମକ, ଅସନ୍ତୋଷପ୍ରବଣ ଓ ଅଳ୍ପପ୍ରସୂ। ଜଣେ କଥାଶିଳ୍ପୀ ଭାବେ ପ୍ରାୟ ଅଛୁଆଁ ପ୍ରସଙ୍ଗକୁ ନେଇ ସେ ଗପର କୋଣାର୍କ ଗଢ଼ିପାରନ୍ତି। ଜଣେ ପ୍ରକୃତିପାଗଳ ମଣିଷ ଭାବେ ନଈ, ପାହାଡ଼ ଓ ଗଛମାନଙ୍କ ପ୍ରେମରେ ପଡ଼ି ପାହାଡ଼ୀ ସଂସ୍କୃତି ଓ ପରମ୍ପରା, ଜଙ୍ଗଲୀ ମଣିଷ ଓ ପାହାଡ଼ରୁ ବହୁଥିବା ନଦନଦୀଙ୍କୁ ନେଇ ଗପ ଲେଖିବାରେ ରହିଛି ତାଙ୍କର ସ୍ୱତନ୍ତ୍ରତା । ଗପ ସହ ଉପନ୍ୟାସ, କବିତା ଓ ଗବେଷଣାତ୍ମକ ପ୍ରବନ୍ଧ ଲେଖି ସେ ପ୍ରଦର୍ଶିତ କରିସାରିଛନ୍ତି ନିଜର ପାରଦର୍ଶିତା । ପ୍ରକୃତି ଓ ପରିବେଶ ପ୍ରତି ଚିନ୍ତା ପ୍ରକଟ କରୁଥିବା ଏହି ଲେଖକଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ ଅଳ୍ପରେ ଡ. ରଂଜନ ପ୍ରଧାନ



ଜନ୍ମତାରିଖ- ୦୧/୦୫/୧୯୭୯
ବାପାଙ୍କ ନାମ - ମାଗୁଣି ପ୍ରଧାନ
ମାତାଙ୍କ ନାମ- ନୟନା ପ୍ରଧାନ
ଜନ୍ମସ୍ଥାନ- ନିଗିନିପୁର, କେନ୍ଦ୍ରାପଡା (ଗୋବରୀ ନଈକୂଳ)
ଏବେ : କନ୍ଧମାଳ ଜିଲ୍ଲା ପ୍ରତିନିଧି, ସମ୍ବାଦ
(ମୋ) ୯୪୩୭୨୧୩୮୫୪

**ପ୍ରକାଶିତ ପୁସ୍ତକ**

(ଗଳ୍ପ)-
୧- ତନୁଜା ଲବକୁ ନେଇ ଯେତେସବୁ ବେକାରିଆ ଗପ
୨- ଭିଟାମିନ୍
୩- ଡୁମା ଦେବତା ଓ ଅନ୍ୟାନ୍ୟ ଗଳ୍ପ
୪- ପେଡ୍ ଗାର୍ଲଫ୍ରେଣ୍ଡ
୫- କୁଏନ୍‌ଜୁ
୬- କମ୍ବିଂ ଅପରେସନ

ଉପନ୍ୟାସ-
୧- ବୁଢାବଳଙ୍ଗର ମାଝି
୨- ଧରଣୀ ପେନୁ
୩- ଗୋବରୀ ନଈର ଗୀତ

କବିତା -
୧- ମାଟିଗୀତ
୨- ଭାଗବତ ଟୁଙ୍ଗି
୩- ଆଂଜୁଳାଏ ନିବିଡତା

ଏଥି ସହ ୩୦ରୁ ଊର୍ଦ୍ଧ୍ୱ ରିସର୍ଚ୍ଚ ବହି



ଡ. ରଂଜନ ପ୍ରଧାନଙ୍କ ଲିଖିତ କେତୋଟି ପୁସ୍ତକର ପ୍ରଚ୍ଛଦ...

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ପିଲାଦିନେ ଆମ ଗାଁ ଦେଇ ବହୁଥିବା ଗୋବରୀ ନଈ କୂଳରେ ଆମ ବିଲମାନଙ୍କରେ ଧୁମ୍ ପନିପରିବା ଚାଷ ହେଉଥିଲା। ପନିପରିବା ଓ ଫସଲ ଜଗିବା ପାଇଁ କୂଳରେ ଗୋଟିଏ 'ପଲା' (ଛୋଟ ଛଣ କୁଡ଼ିଆ) କରାଯାଇଥାଏ। ପାଳି କରି ବାପା, ବୋଉ, ଆମେସବୁ ଭାଇଭଉଣୀମାନେ ପନିପରିବା ଓ ଫସଲ ଜଗୁ। ପିଲାଦିନେ ମୋର ଜଣେ ଝିଅ ସାଙ୍ଗ ଥିଲା। ତା' ନାଁ ମୋର ଆଉ ମନେପଡୁନି। ସେତେବେଳକୁ ଆମେ ତୃତୀୟ କି ଚତୁର୍ଥ ଶ୍ରେଣୀରେ ପଢୁଥାଉ। ଥରେ ସେ ଝିଅ ସାଙ୍ଗ ଆଉ ମୁଁ ମିଶିକି କୂଳ ବିଲରେ ଫସଲ ଜଗିଥାଉ। ଖରାବେଳ ସମୟ। ଆମ ଦୁହିଁଙ୍କ ଛଡ଼ା ସେ ଅଗନାଅଗନି ବିଲ ଗୋହିରୀରେ କାଉ କୋଇଲିର ବି ଶବ୍ଦ ଶୁଭୁ ନଥାଏ। କେବଳ ଯାହା ଗୋବରୀ ନଈରେ ଟିକିଟିକି ଢେଉମାନେ କଳକଳ ଶବ୍ଦ କରି ଦୋଳି ଖେଳିବାରେ ବ୍ୟସ୍ତ ଥାଆନ୍ତି। ଆମେ ଦୁଇ ଟିକିପିଲା 'ଗୁଆଖୋଜା' ଖେଳରେ ମାତିଥାଉ। ଗୁଆଟିକୁ ସେ ଝିଅ ନେଇ ତା' ଜଂଘ ସନ୍ଧିରେ ଲୁଚାଇଥାଏ। ମୁଁ ସେ ଗୁଆଟିକୁ ଖୋଜି ଖୋଜି ତା' ଜଂଘ ସନ୍ଧିରୁ ଆବିଷ୍କାର କରେ। ପ୍ରଥମ କରି ଗୋଟିଏ ଝିଅ ଦେହର ସ୍ପର୍ଶ ମୋତେ ଆନମନା କରିଦିଏ। କ୍ରମେ ମୁଁ ଅନ୍ୟମନସ୍କ ହୋଇଯାଏ। ମୋ' ଶରୀର ଭିତରେ ଗୋଟିଏ ତରଙ୍ଗ ସୃଷ୍ଟି ହୁଏ। ଏହାକୁ କ'ଣ ପ୍ରେମ କହିହେବ ? ପ୍ରେମ ନା ଚୋପା ? ସେ ଝିଅ ସିଲ୍‌ପଟ୍‌କୁ ମୋର ଦୁଧଖିଆ ଦାନ୍ତ ବି ପଡ଼ି ନଥାଏ। ଭେସ୍, ସେ ଝିଅ ଏବେ କୋଉଠି ବାହାସାହା ହୋଇ ହେଁସେ ପିଲାର ମା' କି ଆଈମା ହୋଇ ଗାତରେ ପଶିବାକୁ ବାହାରିବଣି। ସେଇ ପିଲାଦିନେ ମୋ' ଦେହ ଭିତରେ ଯେଉଁ ତରଙ୍ଗଟି ସୃଷ୍ଟି ହୋଇଥିଲା, ତାହା କାଳକ୍ରମେ ବିସ୍ତାରିତ ହୋଇ କୂଳକୁ ଛୁଇଁଥିଲା। ଆଉ ସେଇ ତରଙ୍ଗର 'ଏପିସେଣ୍ଟର'ରୁ ହିଁ ମୋର ସୃଜନଶୀଳତାର ଅଙ୍କୁରୋଦ୍‌ଗମ ହୋଇଥିଲା ବୋଲି କୁହାଯାଇପାରିବ।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ଉପକୂଳ ଓଡ଼ିଶାର ଏକ ନିପଟ ମଫସଲି ଗାଁରେ ମୋର ଜନ୍ମ ଓ ପୂରା ପିଲାଦିନ ସେଇଠି କଟିଛି। ଆମ ଗାଁକୁ, ନା ଥିଲା ବିଜୁଳି ଆଲୁଅ ନା ଥିଲା ରାସ୍ତାଘାଟ । ବର୍ଷାଦିନେ ଆଣ୍ଠୁଏ ପନ୍ତାରେ ପଶି ଆମ ଗାଁ ସେମୁଣ୍ଡରେ ଥିବା ୟୁପି ସ୍କୁଲକୁ ପାଠ ପଢ଼ିବାକୁ ଯାଉଥିଲୁ। ମୁଁ ମୋର ସେଇ ଅନ୍ଧାରି ଗାଁ ଭିତରେ ଗାଁଲୋକଙ୍କ ସରଳପଣ, ରାତିର କିଟିକିଟି ଅନ୍ଧାର, ଝିଙ୍କାରିର ଝିଁ ଝିଁ ଶବ୍ଦ, ପୁନେଇଁ ରାତିର ଧୂସର ଜହ୍ନ ଆଲୁଅ, ଛପର ଉଡ଼ି ଯାଇଥିବା ପ୍ରାଥମିକ ବିଦ୍ୟାଳୟ, ଅଙ୍କାବଙ୍କା ଗୋବରୀ ନଈ, ଧାନବିଲ, ତାଳବଣ, ନଈପହଁରା, ପୋଖରୀରୁ ମାଛ ଧରିବା, ପୁଅଝିଅଙ୍କ ଏକାଠି ବୋହୂଚୋରୀ, କିତିକିତି ଖେଳ ଓ କୁଆଁର ପୁନେଇଁ ରାତିର ଗାଁ ପାଳଭୂତମାନଙ୍କ ସହ କ୍ରମେ ବୟସ୍କ ହେଉଥାଏ। ପରେ ଶିକ୍ଷା ଓ ଜୀବନଜୀବିକା ଅନ୍ୱେଷଣରେ ଗାଁରୁ ସହରକୁ ଆସିଲି ଓ ବୁଢ଼ା ହେଲି। ମୋ' ଗାଁର କାଳୀ ଅନ୍ଧାର ରାତି, ପନ୍ତା କାଦୁଅ, ଭାଲୁକୁଣୀ ଓଷା, ଗୋବରୀ ନଈ, ଧାନବିଲ, ତାଳବଣ, ଛପର ଉଡ଼ିଯାଇଥିବା ପ୍ରାଥମିକ ବିଦ୍ୟାଳୟ ଓ ସେହି ଟିକି ଝିଅଟି ହିଁ ମୋ' ଲେଖକ ଜୀବନର ପ୍ରେରଣା ବୋଲି କହିବି। ସାହିତ୍ୟକୁ ମୁଁ ପ୍ରେମ ଓ କରୁଣାର ପ୍ରତିରୂପ ବୋଲି ମନେ କରିଥାଏ। ପ୍ରେମ ଓ କରୁଣା ଶିକ୍ଷାଲାଭ କରିବାକୁ ଗୁରୁଙ୍କ ଆବଶ୍ୟକତା ପଡ଼ିଥାଏ କି? ଏମିତି ହୋଇଥିଲେ, ଆଜି ମୁଁ ଦୁନିଆର ସବୁଠୁ ଶ୍ରେଷ୍ଠ 'କି ବୁକ୍' (ସାଥୀ ବହି) ବ୍ୟବହାର କରି ପ୍ରେମର ଫର୍ମୁଲାସବୁ ଘୋଷି ପକାଇଥାନ୍ତି ଆଉ 'ନମ୍ବର ୱାନ୍' ପ୍ରେମିକ ପାଲଟି ଯାଇଥାନ୍ତି। ଲେଖାଲେଖି ଓ ସାହିତ୍ୟ ନିଜ ଅନୁଭବ ଓ ଅନୁଭୂତିର କଥା। ତଥାପି ଅନେକ ବହି ଓ ଅନେକ ଚରିତ୍ର ମୋତେ ଲେଖାଲେଖି କରିବାକୁ ଉତ୍ସାହିତ କରିଛନ୍ତି। ଏକଦା ଟି. ଶିବଶଙ୍କର ପିଲାଇଙ୍କ 'ଚେମ୍ମିନ୍' ଉପନ୍ୟାସ ପଢ଼ି ଭୋକଶୋଷ ଭୁଲି ଯାଇଥିଲି। ଏହି ବହି ହିଁ ମୋ ମନରେ ପ୍ରେମ ଓ କରୁଣା ଭରି ଦେଇଥିଲା।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ମଣିଷ ନିଜେ ତ ସମସ୍ୟାମାନଙ୍କର ସୃଷ୍ଟିକର୍ତ୍ତା ଓ ପାଳନକର୍ତ୍ତା। ଦୁନିଆରେ ଯେତେସବୁ ସମସ୍ୟା ଉପୁଜୁଛି, ସେସବୁର ସ୍ରଷ୍ଟା କେବଳ ମଣିଷ ନାମକ ଏହି ଜୀବ। ମଣିଷ ବ୍ୟତୀତ ଗଛଲତା, ହାତୀ, ବାଘ, ଭାଲୁ, ହରିଣମାନେ କେବେ ସମସ୍ୟା ସୃଷ୍ଟି କରନ୍ତି ? ଆପଣ ଦେଖିଛନ୍ତି ? ମୋ' ଜାଣିବାରେ ମୋଟେ ନୁହେଁ। ବରଂ ମଣିଷ ସେମାନଙ୍କର 'ପରିସଂସ୍ଥା' ଓ 'ସୌହାର୍ଦ୍ଦ୍ୟପୂର୍ଣ୍ଣ ବସବାସ'କୁ ଧ୍ୱଂସ କରିଛି। ମଣିଷ ଗଛ କାଟେ, ଜଙ୍ଗଲ ଧ୍ୱଂସ କରେ, ପାହାଡ଼କୁ ଗୁଣ୍ଡ କରେ, ନଈ ଉପରେ ବନ୍ଧ ବାନ୍ଧେ, ସମୁଦ୍ର ତଳେ ବିସ୍ଫୋରକ ଖଞ୍ଜେ, ଆକାଶକୁ ପ୍ରଦୂଷିତ କରେ, ମାଟି, ପାଣି ଓ ପବନକୁ ନାରଖାର କରେ, କାରଖାନା ବସାଏ, ଗାଡ଼ି କିଣେ, ଧୂଆଁ ଛାଡ଼େ, ବହୁତଳ କୋଠା ଗଢେ, ଘର ଓ ବଙ୍ଗଳାକୁ ଶୀତତାପ ନିୟନ୍ତ୍ରଣ କରେ, ଓଜନସ୍ତରକୁ କଣା କରେ, ଧର୍ମ ନାମରେ ଦଙ୍ଗା ଭିଆଏ, ଭିଡ଼ହିଂସା କରେ, ବୋମା ଫୁଟାଏ, ମିଜାଇଲ୍ ପରୀକ୍ଷା କରେ, ନିଜନିଜ ଭିତରେ ସଂଘର୍ଷରେ ମଜ୍ଜି ରହେ। ମଣିଷର ଏ ଧ୍ୱଂସଲୀଳାର ତାଲିକା କେତେ ଯେ ଦୀର୍ଘ ହେବ ଅନୁମାନ କରି ହୁଏନି। ପୃଥିବୀରେ ଯେତେସବୁ ସମସ୍ୟା ରହିଛି, ସେମାନଙ୍କ ମଧ୍ୟରୁ ମଣିଷ-ମଣିଷ ଭିତରେ 'ସଂଘର୍ଷ' ହିଁ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଆଉ ଏହି ସଂଘର୍ଷ କାରଣରୁ ହିଁ ମଣିଷର ଦିନେ ପତନ ହେବ। କାହିଁକି ନା, ମଣିଷ ଏବେ ମୃତ୍ୟୁ ଉପରେ ବିଜୟୀ ହେବାର ସମସ୍ତ କୌଶଳକୁ ଅକ୍ତିଆର କରିବାକୁ ବସିଛି। ରୋଗ ହେଲେ ତୁରନ୍ତ ତାହାର ନିଦାନ କରୁଛି, ଅଙ୍ଗପ୍ରତ୍ୟଙ୍ଗ କଟିଗଲେ ତତ୍‌କ୍ଷଣାତ ପ୍ରତିରୋପଣ କରିପାରୁଛି, ବାୟୁମଣ୍ଡଳରେ ଅମ୍ଳଜାନ କମିଗଲେ ଘରେ ଅମ୍ଳଜାନ ଥଳି ଧରି ବସୁଛି, ତାତି ବଢ଼ିଗଲେ ନିଜ ଘରକୁ ଶୀତତାପ ନିୟନ୍ତ୍ରଣ କରି ପକାଉଛି, ବିଲରେ ଧାନ, ଗହମ ଉତ୍ପାଦନ କମିଲେ ପ୍ଲାଷ୍ଟିକ୍ ଚାଉଳ, ପ୍ଲାଷ୍ଟିକ ଅଟା କରୁଛି, ଅଧିକ ମାଂସ ଖାଇବା ପାଇଁ କଳ ବସେଇ ସେଥିରୁ ମାଂସ ଉତ୍ପାଦନ କରୁଛି, ବର୍ଷା କମିଗଲେ କୃତ୍ରିମ ଉପାୟରେ 'କ୍ଲାଉଡ୍ ସିଡିଂ' କରି ବର୍ଷା କରାଉଛି। ମୋଟ ଉପରେ କହିବାକୁ ଗଲେ ମଣିଷ ଏ ସବୁଜ ସୁନ୍ଦର ପ୍ରକୃତି ଓ ତା'ର ଜୈବବିବିଧତାକୁ ଧ୍ୱଂସ କରି ଅପାର ଆନନ୍ଦ ଲାଭ କରିଚାଲିଛି। ମଣିଷ ନିକଟରୁ ଦୟା, କରୁଣା, ପ୍ରେମ ଭଳି ଈଶ୍ୱରୀୟ ଗୁଣ ଲୋପ ପାଇଛି। ଏହାକୁ ନେଇ ମୁଁ ଚିନ୍ତିତ। ଏଣୁ ମଣିଷ ଉପରୁ ମୁଁ ଆସ୍ଥା ତୁଟେଇ ସାରିଛି। ମୋତେ କ୍ଷମା କରିବେ। ସମାଜକୁ ବଦଳେଇବା ପାଇଁ କେହି ଲେଖକ କଲମ ଧରି ନଥାଏ। ଯଦି କେବେ କେଉଁ ସାହିତ୍ୟ ସର୍ଜନା ପାଇଁ ସମାଜରେ ପରିବର୍ତ୍ତନ ଆସି ଯାଇଥାଏ, ତେବେ ତାହା ହିଁ ସେ ଲେଖକ ପାଇଁ ବଡ଼ ଉପଲବ୍‌ଧି ବୋଲି ମୁଁ ବିଚାର କରେ। ଏହା ବି ଅପ୍ରତ୍ୟାଶିତ ଓ ଆକସ୍ମିକ।

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉ ନଥିବା ଅଭିଯୋଗ ହୁଏ। ଏ ବାବଦରେ କ'ଣ କହିବେ ? କ'ଣ କଲେ ସେ ସମସ୍ୟାର ସମାଧାନ କରିହେବ ?

■■ ଏବେ ଗୋଟିଏ ସୁବିଧା ହୋଇଯାଇଛି, ପ୍ରତି ନୂଆନୂଆ ଲେଖକ/ଲେଖିକାଙ୍କ ହାତରେ ପଡ଼ି ଯାଇଛି ଗୋଟିଏ ଲେଖାଏ 'ରେଡିମେଡ୍ ଗପଲେଖା ଛାଞ୍ଚ' (ଇଟା ତିଆରି ଛାଞ୍ଚ ଭଳି)। ସେମାନେ ସେ ଛାଞ୍ଚରେ କଞ୍ଚାମାଲ୍ ଭର୍ତ୍ତିକରି ଚଟାପଟ ଗପ କାଢି ଆଣୁଛନ୍ତି। ଏଥିରେ କଳାଚାତୁର୍ଯ୍ୟର ବିବିଧତା, ମୌଳିକତା ଓ ସୃଜନଶୀଳତା କମ୍ ପରିଲକ୍ଷିତ ହେବା ଏକପ୍ରକାର ନିଶ୍ଚିତ। ଜଣେ କାରିଗର ଦେବୀ ଦୁର୍ଗାଙ୍କ ମୁହଁକୁ ନିଜ ହାତରେ ଗଢ଼ିବ ଆଉ ଜଣେ କାରିଗର ରେଡିମେଡ୍ ମୁଖା ଛାଞ୍ଚରେ କାଦୁଅ ପକେଇ ବାହାର କରି ଆଣିବ। କାହାର ମୂର୍ତ୍ତି ଜୀବନ୍ତ ହେବ? ଏମିତି ହେବା ଯୋଗୁଁ ସମ୍ପୃକ୍ତ ଗାଳ୍ପିକ ପାଠକର ରୁଚି ପ୍ରତି ଧ୍ୟାନ ଦେବାରେ ଅସମର୍ଥ ହୋଇଥାଏ। କିଣା ପୋଷାକ ଯେମିତି ସମସ୍ତଙ୍କୁ ଫିଟ୍ ହୋଇ ନଥାଏ ଅନୁରୂପ ସମସ୍ୟା ଉପୁଜିଛି। ଏଣୁ ପ୍ରତ୍ୟେକଙ୍କ ମାପ ନେଇ ଯଦି ଅଲଗା ଅଲଗା ପୋଷାକ ତିଆରି କରାଯାଏ, ଏ ସମସ୍ୟା ଦୂର ହୋଇ ପାରିବ। ଆଜିକାଲି ଚତୁର ପାଠକମାନେ ବି ବିକଳ୍ପ ପାଇଗଲେଣି। ସୋସସିଆଲ୍ ମିଡିଆ ସେମାନଙ୍କର ସର୍ବତୃଷ୍ଣା ମେଣ୍ଟାଇବାରେ ସଫଳ ହୋଇପାରିଛି। ଏହା ଏବେ କ୍ୟାନ୍‌ସର ରୋଗ ଭଳି ନୂଆ ସମସ୍ୟା ସୃଷ୍ଟି କରିଛି। ଏହାର ଇଲାଜ୍ (ଉପଶମ) କ'ଣ ହେବ, ଏବେ ବି ମୁଁ ଦ୍ୱନ୍ଦ୍ୱରେ।

■ କୁହାଯାଉଛି, ମାତୃଭାଷା ଏବେ ସଂକଟରେ। ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି ସମ୍ଭବ କି ?

■■ ନା, ନା। ମୋ ମାତୃଭାଷା ଏବେ ସଂକଟରେ ନାହିଁ। କେବଳ ଏହାକୁ ନେଇ ଏକ ନିୟମିତ 'ଭିଡ଼ତନ୍ତ୍ର' ଓ 'ପ୍ରହେଳିକା'ମାନ ସୃଷ୍ଟି କରାଯାଉଛି। ଏଥିରେ ବି ଅନେକ ବାଇଆ ହେଉଛନ୍ତି। ଯେଉଁ ଭାଷାକୁ ଚାରି/ପାଞ୍ଚ କୋଟି ଲୋକ ବ୍ୟବହାର କରୁଛନ୍ତି, ସେ ଭାଷା କେବେ ସଂକଟରେ ନାହିଁ ବୋଲି ମୁଁ ଦୃଢ଼ ନିଶ୍ଚିତ। ହଁ, ଏହା ସତ୍ୟ ଯେ, ଏ ଭାଷାର ସ୍ୱରୂପ ଓ ଚେହେରାରେ କିଛି କିଛି ପରିବର୍ତ୍ତନ ହୋଇ ଚାଲିଛି। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ଏଥିରେ କିଛି ବିଲକ୍ଷଣ ନାହିଁ।

■ ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖାଯାଉଛି, ଲେଖକଟିଏ ତା' ଲେଖା ମାଧ୍ୟମରେ ପରିବର୍ତ୍ତନ ଆଣିପାରିବ କି? ଆପଣ କେତେ ଆଶାବାଦୀ ?

■■ ଏ ପ୍ରଶ୍ନର ଉତ୍ତର ଦେଇ ସାରିଛି। ମଣିଷ ଉପରେ ମୁଁ ଆସ୍ଥା ହରେଇ ବସିଛି।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତା ସମ୍ପର୍କରେ କ'ଣ କହିବେ ?

■■ ଅନ୍ୟାନ୍ୟ ବିଭିନ୍ନ ଭାଷା ଓ ସାହିତ୍ୟ ତୁଳନାରେ ଓଡ଼ିଆ ସାହିତ୍ୟ ଅତ୍ୟନ୍ତ ସମୃଦ୍ଧ, ପ୍ରାଚୀନ ଓ ମହାନ୍। ଓଡ଼ିଆ ଭାଷାରେ ଏଭଳି ଏକ ପୁସ୍ତକ ରଚନା କରାଯାଇଛି ଏବଂ ପ୍ରତିବର୍ଷ ଯେଉଁ ପୁସ୍ତକର ଜନ୍ମଦିନ ପାଳନ କରାଯାଇଥାଏ ଏବଂ ସେ ପୁସ୍ତକକୁ ନେଇ ଗାଁ ଗାଁରେ ଲକ୍ଷ ଲକ୍ଷ ସଂଖ୍ୟାରେ 'ଗୋଷ୍ଠୀ ପଠନ କେନ୍ଦ୍ର'ମାନ ଗଢ଼ି ଉଠିଛି । ଭାବୁଛନ୍ତି ସେ ଭାଷା ଓ ସାହିତ୍ୟ ଅବହେଳିତ ଓ ଦୁର୍ବଳ ? ଓଡ଼ିଆ ଭାଷା ଓ ସାହିତ୍ୟରେ ସାରଳା ଦାସ, ଜଗନ୍ନାଥ ଦାସ, ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ, ଫକୀର ମୋହନ ସେନାପତି, ରାଧାନାଥ ରାୟ, ପ୍ରତିଭା ରାୟମାନେ ସବୁଦିନ ପାଇଁ ଚକ୍‌ଚକ୍ କରୁଥିବେ। ଆଜିର ପିଢ଼ି ବି ଚମତ୍କାର ସର୍ଜନାରେ ପଛରେ ପଡ଼ିନାହାନ୍ତି।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୁରସ୍କାର ମୋ' ପାଇଁ ଏକ 'ୟୁସ୍‌ଲେସ' ଓ ନିହାତି ଫାଲ୍‌ତୁ ପ୍ରସଙ୍ଗ। ସେ ବିଷୟରେ ଆଲୋଚନା କରି ସମୟ ସାରିବାକୁ ଚାହିଁବି ନାହିଁ। ବର୍ତ୍ତମାନ ଦୂରାଚାରୀ ଓ ଅସୁର ସୁଲଭ ମଣିଷର ଦୌରାତ୍ମ୍ୟରେ ଆମ ପୃଥିବୀ ଓ ପ୍ରକୃତି-ପରିବେଶ ଖୁବ୍ ବେଶି ପୀଡ଼ିତ। ଏଣୁ ସାହିତ୍ୟ ମାଧ୍ୟମରେ 'ସତ୍ୟ-ଶିବ-ସୁନ୍ଦର'ର ବାର୍ତ୍ତାଟି ସମସ୍ତଙ୍କ ନିକଟରେ ପହଞ୍ଚୁ ବୋଲି ମୁଁ ଚାହିଁବି। ♥♥



ସାହିତ୍ୟ ସଭାରେ ଡ. ରଂଜନ ପ୍ରଧାନ ।





ସମ୍ମାନିତ ହେବାର ମହାର୍ଘ ମୁହୂର୍ତ୍ତ...


ସୁଖୀ ପରିବାର : ପତ୍ନୀ ଓ ଦୁଇ କନ୍ୟାରତ୍ନଙ୍କ ସହ ଲେଖକ ଡ. ରଂଜନ ପ୍ରଧାନ...

**ଧାରାବାହିକ ଉପନ୍ୟାସ**

# ଭିନ୍ନ ଏକ ବିଦେଶିନୀ

ଡ.ରତିକାନ୍ତ ବେହେରା



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଗ୍ଭରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୨୫**

ମୁହେଁ ମୁହେଁ ଯେମିତି ଆଘାତ ପାଇଗଲେ ନଗରପାଳ ଓ ତାଙ୍କ ସହକର୍ମୀବୃନ୍ଦ। ଜେନି ଉଠି ଛିଡ଼ାହେଲା ଯିବାକୁ। ଆଉ କିଛି କଥା ହେବାକୁ ନଗରପାଳ ଭରସି ପାରୁନଥିଲେ। "ଆସୁଛି ଆଜ୍ଞା!"- କହି ଜେନି କୋଠରିରୁ ବାହାରକୁ ଆସିଲା।

ପ୍ରତୀକ୍ଷାଳୟ, ଦପ୍ତର, ବାରଣ୍ଡା ଅତିକ୍ରମ କରି ଆଉ କେଉଁଆଡ଼େ ନ ଅନେଇ ସିଧା ଆସି ଛିଡ଼ାହେଲା ଜେନି ଗେଟ୍ ପାଖରେ। ଅନୁଭବ କଲା, ପଛରୁ ଜଣେ କେହି ସମ୍ବୋଧନ କରି ତାକୁ ରୋକିବାକୁ ଅନୁରୋଧ କରୁଛି। ଧପ୍‌କରି ଛିଡ଼ା ହୋଇଗଲା ସେ। ଅଫିସ୍ ଭିତରର କେହି ଜଣେ କର୍ମଚାରୀ ବୋଧହୁଏ। କହିଲା, "କିଛି ମନେ କରିବେ ନାହିଁ ମାଡାମ୍! ଆପଣ ଚାହିଁଲେ ଆପଣଙ୍କୁ ମଠରେ ଛାଡ଼ି ଦେଇ ଆସନ୍ତି ?"

"ନାଇଁ, ମୁଁ ଚାଲିଯାଇ ପାରିବି। ଏମିତିରେ ତ ଚାଲିବାରେ ମୋର ବେଶି ସଉକ। ଆପଣଙ୍କ ପ୍ରସ୍ତାବ ପାଇଁ ଧନ୍ୟବାଦ।" ମୁହଁରେ କିଞ୍ଚିତ ହସ ଫୁଟେଇ କହିଲା ଜେନି ଏବଂ ଆଗକୁ ଚାଲିବା ଆରମ୍ଭ କଲା।

ଜେନି ପାଇଁ ଏଇ ଉତ୍ତରଟି ଥିଲା ଯଥାର୍ଥ। ସର୍ବନିମ୍ନ ଏକ ବାସ୍ତବତା ଜଣେ ନାରୀ ପାଇଁ । ସେଦିନ ଜେନି ଆଉ କେଉଁଆଡ଼େ ନ ଯାଇ ସିଧା ଫେରି ଆସିଥିଲା ମଠକୁ। ସମଗ୍ର ପୃଥିବୀରେ ଏବେ ତା'ପାଇଁ ଏକମାତ୍ର ଆଶ୍ରୟସ୍ଥଳ ହେଉଛି ଏଇ ମଠ, ଯାକୁ ଛାଡ଼ି ଅନ୍ୟତ୍ର କେଉଁଠି ରହିବାର ଚିନ୍ତା କରିନାହିଁ ସେ । ତେବେ କାଳର ଗତି କେଉଁଆଡ଼େ, ତାହାକୁ ଜମା ବୁଝି ପାରୁ ନ ଥିବା ଜେନି, ଏବେ କେବଳ ଏକ ଅସହାୟ ସତ୍ତାଟିଏ ମାତ୍ର । ଛାଇ ପରି ଅନୁସରଣ କରୁଛି ଗୋଟେ ନାହିଁ ନଥିବା ଭୟ ଓ ଆଶଙ୍କା । ପ୍ରଭୁଙ୍କ କରୁଣା ପାଇଁ ସେ ବଞ୍ଚି ରହିଛି ଏ ଯାଏଁ । ହେଲେ ମଝି ଆକାଶରେ ଝୁଲି ରହିଛି ସେ ଶୂନ୍ୟରୁ, ଗୋଟେ ଦୋଳକ ପରି।

ତଥାପି ନିଜ କାର୍ଯ୍ୟଧାରାକୁ ଅବ୍ୟାହତ ରଖିଲା ଜେନି ପୂର୍ବପରି। ପ୍ରତ୍ୟହ ସଫେଇ। ଏମିତି ଗୋଟିଏ ଦିନ ସେ ଲକ୍ଷ୍ୟ କଲା, ପୁରୀର ଚାରିଆଡ଼େ ସଫାସୁତୁରା ଦିଶୁଛି। ଟିକିଏ ହେଲେ ବି ଅଳିଆ ନାହିଁ କେଉଁଠି। ନଗରପାଳଙ୍କ ତରଫରୁ ପ୍ରତିନିୟତ ନିୟୋଜିତ ହୋଇଛନ୍ତି ସଂଖ୍ୟାଧିକ ସଫେଇ କର୍ମଚାରୀ। ଦୁଇଓଳି ସଫା କରି ଚାଲିଛନ୍ତି ବଡ଼ଦାଣ୍ଡ, ସମୁଦ୍ରକୂଳ, ରାସ୍ତାଘାଟ ଓ ବସ୍ତିର ଗଳିକନ୍ଦି।

ସେଇଦିନ ଅପରାହ୍ନରେ ବଡ଼ଦାଣ୍ଡରେ ଗୋଟେ ଅଭାବିତ ଦୃଶ୍ୟ ନିକଟରେ ଅଟକିଗଲା ସେ । ବଡ଼ଦାଣ୍ଡର ଗୋଟାଏ ପାର୍ଶ୍ୱରେ ଶୋଇ ଶୋଇ ପାକୁଳି କରୁଛି ଏକ ହୃଷ୍ଟପୁଷ୍ଟ ଷଣ୍ଢ। ବାମକଡ଼ ମାଡ଼ି ଶୋଇଛି ସିଏ। ପଛ ଡାହାଣ ଗୋଡ଼ ପେଟ ପାଖରେ ସ୍ୱାଭାବିକ ଭାଙ୍ଗି ହୋଇ ରହିଛି। ଆଉ ସେହି ପଛଗୋଡ଼ର ଆଣ୍ଠୁସନ୍ଧିକୁ ମୁଚୁଳା କରି ମୁଣ୍ଡରଖି ଶୋଇଛି ଧୂଳି ଧୂସରିତ ଜଣେ ବୟସ୍କଲୋକ। ପରିଧାନ କେବଳ ଖଣ୍ଡିଏ ମାତ୍ର ଛୋଟଗାମୁଛା ଓ ଆଉ ଖଣ୍ଡେ ତହିଁରୁ ଥୋଇ ଦେଇଛି ବେକତଳେ, ଷଣ୍ଢର ଗୋଡ଼ ଉପରେ। ଷଣ୍ଢର ଗୋଡ଼ ଏବଂ ଗାମୁଛା ବେଶ୍ ତକିଆ ପରି ଆରାମ ଦେଉଛି ପ୍ରୌଢ଼ ଲୋକଟିକୁ। ଷଣ୍ଢଟି ଏଥିରେ କୌଣସି ପ୍ରତିବାଦ ନକରି ଆରାମରେ ଶୋଇ ଶୋଇ ପାକୁଳି କରୁଛି। ଲୋକଟି ବି ଶୋଇଯାଇଛି ନିଘୋଡ଼ ନିଦରେ।

ଧୂଳି ସରସର ବଡ଼ଦାଣ୍ଡ। ଅଣ୍ଟାରେ ଗାମୁଛାଟିକୁ ଛାଡ଼ିଦେଲେ ସଂପୂର୍ଣ୍ଣ ଫୁଙ୍ଗଳା ଦେହ ଲୋକଟିର। ବେଶ୍ ଡଉଲ ଡାଉଲ ଓ ସ୍ୱାସ୍ଥ୍ୟବାନ। ଡିସେମ୍ବର ମାସର କଅଁଳ ଅପରାହ୍ନର ଖରା ଲୋକଟିର ଦେହରେ ପଡ଼ି ଝଲମଲ କରୁଛି। ସମୟ ଅପରାହ୍ନ ସାଢେ ତିନିଟା କି ଚାରିଟା।

ଜେନିକୁ ମନେହେଲା ବୋଧହୁଏ କାହିଁ କେତେବେଳୁ ଶୋଇ ରହିଛି ଲୋକଟି ବେଧଡ଼କ, ସମ୍ଭବତଃ ମଧ୍ୟାହ୍ନଭୋଜନ ଅନ୍ତେ।

ଜେନି ଏ ଦୃଶ୍ୟରେ ଚକିତ ହେଲା। ଆଉ କୁଆଡ଼େ ଆଗକୁ ନ ଯାଇ ନିକଟରେ ଅପେକ୍ଷାକଲା, ଲୋକଟିର ଉଠିବା ପର୍ଯ୍ୟନ୍ତ।

ଦୃଶ୍ୟଟି ଜେନିକୁ ସଂପୂର୍ଣ୍ଣ ପ୍ରଭାବିତ କରିସାରିଥିଲା । ଏଇଟା ଯେ ପୃଥିବୀର ଏକ ଶ୍ରେଷ୍ଠ ଓ ବୈଚିତ୍ର୍ୟପୂର୍ଣ୍ଣ ଦୃଶ୍ୟ, ଏମିତି ମନେହେଲା ତାକୁ । କୌଣସି କୌଣସି ଦେଶରେ ଷଣ୍ଢକୁ କ୍ରୋଧିତ କରାଇ ତା' ସହିତ ଲଢ଼େଇ କରି ଲୋକେ ଆନନ୍ଦ ପାଆନ୍ତି । ଆଉ ସେ ଲଢ଼େଇକୁ ହଜାର ହଜାର ଲୋକ ଉପଭୋଗ କରନ୍ତି, ମଜା ଉଠାନ୍ତି ଅନେକ । ଷଣ୍ଢ ସହିତ ଏକତ୍ର ଭୂମି ଉପରେ ଶୟନ କରିବା ଦୃଶ୍ୟ ବାସ୍ତବିକ ଏକ ବିରଳ ଘଟଣା ଥିଲା ଜେନି ପାଇଁ - ଏଣୁ ତା'ର ପାଦ ଆଉ ଆଗକୁ ନ ବଢ଼ି ଅଟକି ଯାଇଥିଲା ସେଠି ।

ଟିକେ ଗହିରେଇ ନିରୀକ୍ଷଣ କଲା ଜେନି ଲୋକଟିକୁ। ପ୍ରକୃତରେ ଲୋକଟା ନିଘୋଡ଼ ନିଦରେ ଶୋଇଛି ନା ଏମିତି ଅଭିନୟ କରୁଛି ?

ନା, ସେ ଅଭିନୟ କରୁନାହିଁ ନିଶ୍ଚୟ। ଶୋଇଛି ନିଘୋଡ଼ ନିଦରେ। ସ୍ୱାଭାବିକ ନିଦ୍ରା ଅଭିଭୂତ ଅବସ୍ଥାରେ ଯେମିତି ମଣିଷଟେ ନିଃଶ୍ୱାସ ପ୍ରଶ୍ୱାସ ନିଏ, ଠିକ ସେମିତି ଲୋକଟିର ଶ୍ୱାସକ୍ରିୟା ଚାଲୁଛି। ମୁଖମଣ୍ଡଳରେ ଛାୟାଚ୍ଛନ୍ନ ଗଭୀର ପ୍ରଶାନ୍ତି।

ଲୋକଟି ନିଶ୍ଚୟ ଜଣେ ସାଧୁ ସନ୍ନ୍ୟାସୀ କିମ୍ବା କାପାଳିକ, ଏମିତି ବୋଧହେଲା ଜେନିକୁ। ପାର୍ଶ୍ୱଦେଇ ଲୋକବାକ, ଯାନବାହାନ ଯିବା ଆସିବା କରିବା ସତ୍ତ୍ୱେ ଯିଏ ଗଭୀର ନିଦ୍ରାରେ ଶୋଇଯାଇପାରେ, ସେ କି ଜଣେ ସାଧାରଣ ମଣିଷ ହୋଇପାରେ ?

ଜେନି ପାଇଁ ଆଉ ଏକ ଆଶ୍ଚର୍ଯ୍ୟର କଥାଥିଲା, ଲୋକଟିର ଏ ଅସ୍ୱାଭାବିକ ଶୟନ ମୁଦ୍ରାକୁ ଯିବା ଆସିବା ଲୋକେ ସାମାନ୍ୟତମ ଦୃକ୍‌ପାତ ମଧ୍ୟ କରୁ ନଥିଲେ, ଯାତ୍ରାରୋଧ କରି ଅଟକିବା ତ ଦୂରର କଥା।

ଅନ୍ୟମାନଙ୍କ ପରି ଏଠୁ, ଏ ଅଭିନବ ଦୃଶ୍ୟ ନିକଟରୁ ଚାଲିଯିବା ବରଂ ଉଚିତ ହେବ। ଏମିତି ଭାବୁଥିବା ଅବସ୍ଥାରେ ଲୋକଟି ଷଣ୍ଢ ଉପରୁ ବେକ ଉଠେଇ ଦମ୍ଭରେ ବସିଲା ଏବଂ ମୁଚୁଳା ହୋଇଥିବା ଗାମୁଛାଟିକୁ ଆଣି ଦେହରେ ବେଢ଼େଇ ହେଲା।

"ବସ", -ଏକ ଦୃଢ଼ ଉଦଘୋଷଣା ଶୁଣାଗଲା ଲୋକଟି କଣ୍ଠରୁ। ସମ୍ମୋହିତ ହୋଇପଡ଼ିଥିବା ଜେନି ସେ ପ୍ରଚଣ୍ଡ ନିର୍ଦ୍ଦେଶର ତାଡ଼ନାରେ ସତକୁ ସତ ଲୋକଟି ସାମ୍ନାରେ ତଳେ ବସି ପଡ଼ିଲା। ତହୁଁ ଲୋକଟି କହିଲା - " ଗଭୀର ନିଦ୍ରା ଅବସ୍ଥାରେ ଜାଣିଥିଲି ତୁମେ ମୋତେ ପ୍ରତୀକ୍ଷା କରିଛ। ଏଣୁ ଆଉ ଅଧିକ ସମୟ ନିଦ୍ରାଯିବା ସମ୍ଭବ ହେଲା ନାହିଁ। ମୁଁ ଏମିତି ପ୍ରତ୍ୟହ କୌଣସି ଗାଇ, ବଳଦ କିମ୍ବା ଷଣ୍ଢକୁ ବଶୀଭୂତ କରି ସେମାନଙ୍କ ଦେହକୁ ଆଶ୍ରୟ କରି ଶୋଇଥାଏ, ଏହା ମୋର ଅଭ୍ୟାସ।"

ମନେମନେ ଶଙ୍କିଗଲା ଜେନି। ଏ ଲୋକ ନିଶ୍ଚୟ କାପାଳିକ କିମ୍ବା ପାଗଳ। ମୂଳରୁ ଲୋକଟା ପ୍ରତି ଆଗ୍ରହ ରଖିବା ଆଦୌ ଉଚିତ ନଥିଲା। ତାଙ୍କ କଥା ପ୍ରସଙ୍ଗରେ କୌଣସି କଥା ଯୋଡ଼ିବା କେତେଦୂର ସମୀଚୀନ ହେବ, ଆଦୌ ନିର୍ଣ୍ଣୟ କରପାରିଲା ନାହିଁ ଜେନି। ତଥାପି "ଗାଇ, ବଳଦ କିମ୍ବା ଷଣ୍ଢକୁ ବଶୀଭୂତ କରି ତାଙ୍କ ଆଶ୍ରୟରେ ସୁଖନିଦ୍ରା ଯିବା ସମ୍ଭବ ? ପୁଣି ଧୂଳି ଧୂସରିତ, ଅପନ୍ତରା ଭୂମି ଉପରେ ?"- ଜେନି ଜିଜ୍ଞାସୁ ହୋଇ ପ୍ରଶ୍ନକଲା।

"ସମ୍ଭବ, ବିଶ୍ୱବ୍ରହ୍ମାଣ୍ଡରେ ସବୁ କିଛି ସମ୍ଭବ। ଏ ସୃଷ୍ଟିର ସ୍ୱଭାବ ଅତ୍ୟନ୍ତ କୋମଳ, ନରମ ଏବଂ ପ୍ରେମମୟ। ମଣିଷ ଏହାକୁ ସହଜରେ ବୁଝିପାରେ ନାହିଁ କି ଉପଲବ୍ଧି ବି କରିପାରେ ନାହିଁ। କେବଳ ମଣିଷକୁ ଛାଡ଼ିଦେଲେ, ଏ ସୃଷ୍ଟିର ସମସ୍ତ ଜୀବଜନ୍ତୁ ଭୂମି ଉପରେ, ସେ ସ୍ଥାନ ଅପନ୍ତରା ହେଇଥାଉ କି ବଣ ଜଂଗଲ, ସେଠାରେ ସେମାନେ ନିଶ୍ଚିନ୍ତ ଓ ଆରାମରେ ନିଦ୍ରା ଯାଆନ୍ତି। ତ୍ରିତଳ ପ୍ରାସାଦରେ ନିବାସ କରୁଥିବା ମଣିଷକୁ ସେ ଆଦୌ ଈର୍ଷା କରେ ନାହିଁ କି ସେପରି କାମନା ମଧ୍ୟ କରିନାହିଁ। ଈର୍ଷା କରିବା ଶିଖିଥିଲେ, ସେ ହୁଏତ ମଣିଷ ପରି ମନ, ବୁଦ୍ଧି ଓ ଅହଙ୍କାରର ବଶବର୍ତ୍ତୀ ହୋଇଥାନ୍ତା ଏବଂ ତା' ବୁଦ୍ଧି କୌଶଳ ଆନୁପାତରେ ଘର ବା ଆଶ୍ରୟ ତିଆରି କରିଥାନ୍ତା। ଯାହା କେତେକ ଉଡ଼ି ଶିଖିଥିବା ପକ୍ଷୀ ଓ ସରୀସୃପମାନେ ହିଁ କରିଥାନ୍ତି।"

ତାଙ୍କ କଥା ଶୁଣି ଜେନି ଭିତରୁ ସଂପୂର୍ଣ୍ଣ ଭୟ ଦୂର ହୋଇଗଲା। ପରିବର୍ତ୍ତେ ଶତସହସ୍ର ଜିଜ୍ଞାସା ଉଦ୍ରେକ ହେଲା ମନତଳୁ। ତେବେ କିଏ ଇଏ, ଯା'ଙ୍କର ବା ପରିଚୟ କ'ଣ ?

"ଆପଣ କିଏ ବାବା ? ମୋତେ ଖୋଲି କରି କୁହନ୍ତୁ ! ଆପଣଙ୍କ କଥା ଶୁଣି ମୋ ଭିତରେ ଉତ୍କଣ୍ଠା ବ୍ୟଗ୍ର ହେଉଛି ।" - ଜେନି ଜିଜ୍ଞାସା କଲା।

ସାମାନ୍ୟ ହସିଲା ଲୋକଟି ଏବଂ କହିଲା, "ଆପଣମାନଙ୍କ ଭଳି ମୋର କିଛି ପରିଚୟ ନାହିଁ। ମୋତେ ଏଠାରେ ସମସ୍ତେ ଅବଧୂତ ବାବା କିମ୍ବା କେହି କେହି ପାଗଳା ବାବା ବୋଲି କହନ୍ତି। ଏଇ ବଡ଼ଦାଣ୍ଡ ହିଁ ମୋର ଘର। ମଧ୍ୟାହ୍ନ ପରେ ପରେ ଆନନ୍ଦ ବଜାରରେ କାଳିଆ ଗଣ୍ଡେ ପ୍ରସାଦ ଯୋଗାଡ଼ କରିଦେଇଥାଏ । ସେତକ ସେବନ କରି ସାରିଲା ପରେ ଚାଲିଆସେ ଏଇ ବଡ଼ଦାଣ୍ଡକୁ। ଗାଇ ବଳଦ ଅଥବା ଷଣ୍ଢ, ଯାହାକୁ ପାଏ ତାକୁ ଟିକେ ଆଦର କରିଦେଲେ ସେ ମୋର ବୋଲମାନେ। ତାକୁ ଶୋଇବାକୁ ନିର୍ଦ୍ଦେଶ କଲେ ସେ ସେଇଠାରେ ଶୁଏ ଏବଂ ତାକୁ ଆଶ୍ରୟ କରି କିମ୍ବା ତା' ଶରୀରର କୌଣସି ଅଂଶକୁ ତକିଆ କରି ଶୋଇପଡ଼େ । ଯେଉଁଦିନ କେହି ସାଥୀ ମିଳନ୍ତି ନାହିଁ, ସେଦିନ ଏଇ ବଡ଼ଦାଣ୍ଡରେ ଏକା ଏକା ଭୂମିରେ ଶୋଇଯାଏ, ଅନ୍ତତଃ ଦୁଇ ତିନିଘଣ୍ଟା । ରାତିରେ ଦୋକାନ ବାରଣ୍ଡାରେ ଶୋଇବାକୁ ଜାଗା ଢ଼େର, କିନ୍ତୁ ଦିନରେ କେହି ବାରଣ୍ଡା ଉପରକୁ ଉଠେଇ ଦେବେ ନାହିଁ ।"

"ଏ ଶୀତଦିନେ ରାତିରେ ବିନା କୌଣସି ଶୀତବସ୍ତ୍ରରେ ଆପଣ କେମିତି ଶୋଇ ପାରନ୍ତି ?"- ଆଶ୍ଚର୍ଯ୍ୟ ହୋଇ ପଚାରିଲା ଜେନି।

"ପୃଥିବୀରେ ସବୁ ପ୍ରାଣୀଙ୍କର କଣ ଶୀତବସ୍ତ୍ର ଅଛି ? ସେମାନେ କିପରି ଶୁଅନ୍ତି ?"- ଆହୁରି ରହସ୍ୟପୂର୍ଣ୍ଣ ଶୁଣାଯାଉଥିଲା ଲୋକଟିର କଥା। ଟିକେ ରହି ପୁଣି "କେବଳ ମୁଁ ଏକା ନୁହେଁ ମା', ସମୁଦ୍ରକୂଳଠାରୁ ବଡ଼ଦାଣ୍ଡ ଯାଏଁ, ଏଠି ସେଠି ସର୍ବତ୍ର ଅନେକ ଲୋକ ଶୁଅନ୍ତି, ଏଥିରେ ସେମାନଙ୍କର ତ କିଛି ଅସୁବିଧା ହୁଏ ନାହିଁ ?"

ବାବା ଜଣେ ଖୁବ୍ ବିଜ୍ଞଜନ ବୋଲି ଜେନିକୁ ପ୍ରତୀତ ହେଲା।

"ନାଇଁ ବାବା ! ମୋର ଧାରଣା ଏବେ ଦୃଢ଼ ହୋଇଛି, ଆପଣ ଜଣେ ସାଧକ ଓ ମହାପୁରୁଷ। ତେବେ ବାବା କୁହନ୍ତୁ, ମୁଁ ମୋର ଏ ଦୁର୍ଦ୍ଦଶାରୁ କ'ଣ ମୁକ୍ତ ହୋଇ ପାରିବି ନାହିଁ? ବଡ଼ ବିକଳ ଭାବେ ଜେନି ଅନୁନୟ କଣ୍ଠରେ ଅଳିକଲା ବାବାଙ୍କ ନିକଟରେ।

"କ'ଣ ତୁମର ଦୁଃଖ ଓ ଦୁର୍ଦ୍ଦିନ ?" - ପଚାରିଲେ ବାବା।

ଜେନି ଗୋଟି ଗୋଟି କରି କହିଲା ବାବାଙ୍କୁ ନିଜ ଦୁଃସ୍ଥିତିର କାହାଣୀ ଏବଂ ଶେଷରେ କହିଲା, ଡାକ୍ତରଙ୍କ ଅନୁଯାୟୀ ମୃତ୍ୟୁର ଧାର୍ଯ୍ୟ ଦିବସ ଅତିକ୍ରମ କରିଗଲା ପରେ ମୁଁ ବଞ୍ଚିଛି। ଏଥି ଭିତରେ ଛ'ମାସ ବିତି ଗଲାଣି। ଜୀବନ ଉପରୁ ସଂପୂର୍ଣ୍ଣ ତୁଟିଯାଇଥିବା ଭରସା ଏବେ କେମିତି କଡ଼ ଲେଉଟେଇଲାଣି ଭିତରେ ଭିତରେ । ମୋର ପୁଣି ବଞ୍ଚି ରହିବାର ଇଚ୍ଛା ଜାଗ୍ରତ ହେଲାଣି। କିନ୍ତୁ ସେ ଦୁରାରୋଗ୍ୟ ମୋତେ ଛାଡ଼ି ଯାଉନାହିଁ। କାଳହୋଇ ଲୁଚି ବସିଛି ମୋ ଭିତରେ। ପୁଣି ବେଳେବେଳେ ବି ଆତ୍ମପ୍ରକାଶ କରୁଛି। ତା' ପାଖରୁ ସମ୍ପୂର୍ଣ୍ଣ ମୁଁ କେମିତି ମୁକୁଳି ପାରିବି, ମୋତେ ଅନୁଗ୍ରହ କରି ଉପାୟ ବତେଇ ଦିଅନ୍ତୁ ବାବା !" - ଜେନିର ମୁଖମଣ୍ଡଳଟି କାରୁଣ୍ୟରେ ଥମ୍‌ଥମ୍ ହୋଇ ଆସିଲା।

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
(ମୋ): ୯୪୩୯୪୪୨୯୪୨

# ବିଶ୍ୱକୁ ବିପଦ 'ଇବୋଲା' ଭୂତାଣୁ !



ରାଜେଶ୍ ରାୟ

କରୋନା ଭୂତାଣୁର ଭୟ ମନରୁ ଲିଭି ନଥିବା ବେଳେ ଅନ୍ୟ ଏକ ଭୂତାଣୁ ଏବେ ଡରେଇବା ଆରମ୍ଭ କଲାଣି । ଆଫ୍ରିକା ମହାଦେଶର କଙ୍ଗୋ , ଉଗାଣ୍ଡା, ଏବଂ ଦକ୍ଷିଣ ସୁଦାନ ଦେଶରେ ବର୍ତ୍ତମାନ କାୟା ବିସ୍ତାର କରୁଛି ଇବୋଲା ନାମକ ଭୂତାଣୁ । ସର୍ବପ୍ରଥମେ ୧୯୭୬ ମସିହାରେ ଦକ୍ଷିଣ ସୁଦାନର ଜାରା ଏବଂ କଙ୍ଗୋର ୟାମବୁକୁ ଗ୍ରାମରେ ଏହି ଭୂତାଣୁକୁ ଆବିଷ୍କାର କରାଯାଇଥିଲା । ଇବୋଲା ନଦୀ ପାଖରେ ୟାମବୁକୁ ଗ୍ରାମ ଥିବାରୁ ଉକ୍ତ ଭୂତାଣୁର ନାମ ଇବୋଲା ରଖାଗଲା। ଏହି ଭୂତାଣୁ ଫାଇଲୋଭିରିଡ଼ି ପରିବାର ଅନ୍ତର୍ଗତ ଅର୍ଥୋ ଇବୋଲା ଭାଇରସ ଜାତିର । ଏଥିରେ ମୋଟ ୬ଟି ପ୍ରଜାତିର ଭୂତାଣୁ ଅଛନ୍ତି ତନ୍ମଧ୍ୟରୁ ୩ଟି ବର୍ତ୍ତମାନ ସମଗ୍ର ବିଶ୍ୱରେ ସଂକ୍ରମଣ କରୁଥିବାର ଦୃଶ୍ୟ ସାମ୍ନାକୁ ଆସିଛି । ସେମାନେ ହେଉଛନ୍ତି ଇବୋଲା ଭୂତାଣୁ, ସୁଦାନ ଭୂତାଣୁ ଏବଂ ବୁନ୍ଦୀବୁଗ୍ୟୋ ଭୂତାଣୁ । ବିଶେଷ କରି ଇବୋଲା ଭୂତାଣୁ ଜନିତ ରୋଗକୁ ବର୍ତ୍ତମାନ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଜରୁରୀ କାଳୀନ ସ୍ଥିତି ଭାବେ ଘୋଷଣା କରାଯିବା ସହ ବିଭିନ୍ନ ଦେଶ ମାନଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି। ଇବୋଲା ସଂକ୍ରମଣରେ ଦେଖାଯାଉଥିବା ଲକ୍ଷଣ ଗୁଡ଼ିକ ହେଲା ଜ୍ୱର, କ୍ଳାନ୍ତି, ମାଂସପେଶୀ ବିନ୍ଧା, ମୁଣ୍ଡବିନ୍ଧା, ଗଳା ଦରଜ, ବାନ୍ତି, ପେଟ ଯନ୍ତ୍ରଣା, ଚର୍ମ କୁଣ୍ଡାଇ ହେବା, ଏବଂ ଡାଇରିଆ ଇତ୍ୟାଦି। ସଂକ୍ରମଣ ସାଂଘାତିକ ହୋଇଯିବା ପରେ ନାକ, ଯୋନି ଏବଂ ଶରୀରର ଅନ୍ୟ ଅଂଶରୁ ରକ୍ତସ୍ରାବ ହେବାସହ ଯକୃତ, ବୃକକ ଭଳି ଅଙ୍ଗ ଗୁଡ଼ିକ ଖରାପ ହୋଇଯିବାର ଲକ୍ଷଣ ମଧ୍ୟ ଦେଖାଯାଉଛି । ସଂକ୍ରମଣଠାରୁ ଆରମ୍ଭ କରି ଲକ୍ଷଣ ପ୍ରକାଶ ପାଇବା ପର୍ଯ୍ୟନ୍ତ ସମୟ ସୀମାକୁ ଇନକ୍ୟୁବେସନ ପିରିଅଡ଼ ବୋଲି କୁହାଯାଏ । ଇବୋଲା କ୍ଷେତ୍ରରେ ଏହି ପିରିଅଡ଼ ୨ରୁ ୨୧ ଦିନ ଯାଏ ହୋଇଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୂଚନା ଅନୁଯାୟୀ ଇବୋଲା ଭୂତାଣୁ ଫଳଖିଆ ବାଦୁଡ଼ି, ଚିମାଞ୍ଜି, ଗରିଲା, ମାଙ୍କଡ଼, ଏବଂ ଝିଙ୍କ ପରି ପ୍ରାଣୀ ମାନଙ୍କଠାରୁ ମଣିଷ ପାଖକୁ ଆସିଛି। ଇବୋଲା ସଂକ୍ରମିତ ବ୍ୟକ୍ତିର ରକ୍ତ, ଛେପ, କିମ୍ବା ଶରୀରର ବର୍ଜ୍ୟବସ୍ତୁ ମାଧ୍ୟମରେ ସୁସ୍ଥ



ବ୍ୟକ୍ତି ପାଖକୁ ଭୂତାଣୁ ସଂକ୍ରମିତ ହେଉଥିବା ବୈଜ୍ଞାନିକ ମାନେ ଗବେଷଣାରୁ ଅନୁମାନ କରିଛନ୍ତି। ଏହି ଭୂତାଣୁକୁ ପ୍ରାଥମିକ ସ୍ତରରେ ଚିହ୍ନଟ କରିବା ପାଇଁ ଆରଟି - ପିସିଆର୍ ଏବଂ ଏଲିସା ଭଳି ମେଡ଼ିକାଲ ପରୀକ୍ଷାକୁ ବ୍ୟବହାର କରାଯାଉଛି । ଦୁଃଖର କଥା ହେଉଛି ଏହି ଭୂତାଣୁଟି ଜିନ୍ ସ୍ତରରେ ପରିବର୍ତ୍ତିତ ହୋଇ ନିଜକୁ ଏମିତି ଶକ୍ତିଶାଳୀ କରୁଛି ଯାହା ଫଳରେ କୌଣସିବି ନିର୍ଦ୍ଦିଷ୍ଟ ଟୀକା ଏହା ବିରୁଦ୍ଧରେ ସଫଳ ଭାବେ କାର୍ଯ୍ୟ କରିପାରୁ ନାହିଁ । ବୈଜ୍ଞାନିକମାନେ ଏରଭେବୋ ଏବଂ ଯାବଡେନୋ - ଭାବିଆ ନାମରେ ଦୁଇଟି ଟୀକାକୁ ପ୍ରାଥମିକ ସ୍ତରରେ ଉଦ୍ଭାବନ କରି ସକାରାତ୍ମକ ଫଳ ପାଇଛନ୍ତି କିନ୍ତୁ ଇବୋଲା ଭୂତାଣୁର ସଂକ୍ରମଣ ଦିନକୁ ଦିନ ମାରାତ୍ମକ ଭାବେ ବ୍ୟାପି ଚାଲିଛି ଯାହା ବିଶ୍ୱ ପାଇଁ ବଡ଼ ଚିନ୍ତାର କାରଣ । ଇବୋଲା ସଂକ୍ରମଣର ଇତିହାସକୁ ଦେଖିଲେ ୧୯୭୬ ରୁ ୨୦୧୨ ମଧ୍ୟରେ ତାହା ୨୪ ଥର ଦ୍ରୁତ ବେଗରେ ବ୍ୟାପିଛି ଯାହାଦ୍ୱାରା ୨୩୮୭ ଜଣ ସଂକ୍ରମଣ ଏବଂ ୧୫୯୦ ଜଣ ମୃତ୍ୟୁବରଣ କରିଛନ୍ତି । ସେହିପରି ୨୦୧୩ ମସିହାରୁ ଜାନୁଆରୀ ୨୦୧୬ ଯାଏ ପଶ୍ଚିମ ଆଫ୍ରିକାରେ ଏହା ତାଣ୍ଡବ ରଚି ୨୮ ହଜାର ୬୪୬ ଜଣଙ୍କୁ ସଂକ୍ରମିତ ଏବଂ ୧୧ ହଜାର ୩୨୩ ଜଣଙ୍କ ପ୍ରାଣ ନେଇଥିଲା । ଗତ କିଛିଦିନ ହେବ ଏହାର ସଂକ୍ରମଣର ହାର ଦ୍ରୁତ ବଢ଼ିବା ସହ ମୃତ୍ୟୁ ସଂଖ୍ୟା ୧୪୦ରୁ ଊର୍ଦ୍ଧ୍ୱ ଯାଏ ବୃଦ୍ଧି ପାଇଛି । ଏମିତି ଯଦି ଲାଗି ରୁହେ ତେବେ ଆଗାମୀ ଦିନରେ କରୋନା ଭଳି ମହାମାରୀକୁ ଏହି ଭୂତାଣୁ ଡାକି ଆଣିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ଚେତାବନୀ ଦେଇଛନ୍ତି । ଭାରତରେ ଏପର୍ଯ୍ୟନ୍ତ ଗୋଟିଏବି ଇବୋଲା କେସ୍ ସାମ୍ନାକୁ ଆସିନାହିଁ କିନ୍ତୁ ଥରେ ଭାବି ଦେଖନ୍ତୁ ଯଦି ଏହା ଭାରତକୁ ଚାଲିଆସେ ତେବେ ଆମର ଅବସ୍ଥା କଣ ହେବ ! ବିଶ୍ୱ ସ୍ତରରେ ଇବୋଲା ଭଳି ଅନେକ ଅଣୁଜୀବ ବର୍ତ୍ତମାନ ଧୀରେ ଧୀରେ ଶକ୍ତିଶାଳୀ ହେବାରେ ଲାଗିଛନ୍ତି ଯାହାର ମୂଳ କାରଣ ହେଉଛି ମଣିଷ । ପ୍ରକୃତି ବିରୁଦ୍ଧରେ ଯାଇ ଆମେ ପରିବେଶକୁ ନଷ୍ଟ କରୁଛେ ଯେଉଁ କାରଣରୁ ଆଜି ପ୍ରାକୃତିକ ବିପର୍ଯ୍ୟୟ ଗୁଡ଼ିକ ଅକାଳରେ ମାଡ଼ି ଆସିବା ସହ ଜୈବ ବିବିଧତା ବହୁଳ ଭାବେ ନଷ୍ଟ ହେଉଛି । ଆମେ ମନେ ରଖିବା ଦରକାର ଯେ ଗୋଟିଏ ଭୂତାଣୁକୁ ଆମେ କେବେବି ମାରି ପାରିବା ନାହିଁ ବରଂ ତାହାକୁ ରୋକି ପାରିବା। ଧ୍ୱଂସର କାଳ ଏବେ ଆମ ନିକଟବର୍ତ୍ତୀ ତେଣୁ ପରିବେଶକୁ ରକ୍ଷା କରିବା ପାଇଁ ବାରମ୍ବାର ବାଜୁଥିବା ଶେଷ ସତର୍କ ଘଣ୍ଟିକୁ ଯଦି ଆମେ ହେୟ ଜ୍ଞାନ କରିବା ତେବେ ପ୍ରକୃତିର କରାଳ ଗର୍ଭରେ ଦିନେ ଆମର ସର୍ବନାଶ ନିଶ୍ଚୟ ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

♥ ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର
ମୋ: ୬୩୭୧୫୫୫୯୪୦

# ସତ୍ୟ ବନାମ ସାଲିସ: ସଙ୍କଟରେ ସାମ୍ବାଦିକତା

ଅଖିଳ ତରାଇ



**ଆମକୁ ମନେ ରଖିବାକୁ ହେବ ଯେ ଯେଉଁଠି ସତ୍ୟର ମୃତ୍ୟୁ ଘଟେ, ସେଠି ସମାଜର ପତନ ଆରମ୍ଭ ହୁଏ। କେବଳ ସେହି କିଛି ନିଷ୍ପାପର ସାମ୍ବାଦିକଙ୍କ ପାଇଁ ଆଜି ବି ଏହି ବୃତ୍ତି ବଞ୍ଚି ରହିଛି, ଯେଉଁମାନେ ଲୋଭ ଓ ଭୟର ଉର୍ଦ୍ଧ୍ୱରେ ରହି ସତ୍ୟର ଜୟଗାନ କରୁଛନ୍ତି।**

ସାମ୍ବାଦିକତାକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଏ। ଏହାର ମୁଖ୍ୟ କାମ ହେଉଛି ଶାସକ ଓ ପ୍ରଶାସନକୁ ପ୍ରଶ୍ନ କରିବା ଏବଂ ସମାଜର ଅସଲ ଚିତ୍ରକୁ ଲୋକଲୋଚନକୁ ଆଣିବା। କିନ୍ତୁ ଆଜିର ସମୟରେ 'ସତ୍ୟ' ଏବଂ 'ସାଲିସ' ମଧ୍ୟରେ ଏକ ଅଦୃଶ୍ୟ ଯୁଦ୍ଧ ଚାଲିଛି, ଯେଉଁଠି ଅନେକ ସମୟରେ ସତ୍ୟ ପଛରେ ପଡ଼ିଯାଉଛି। ଯେଉଁ ବୃତ୍ତି ଦିନେ ସମାଜର ଦର୍ପଣ ସାଜି ନିଷ୍ପେଷିତର ସ୍ୱର ପାଲଟୁଥିଲା, ଆଜି ସେହି ବୃତ୍ତିର କିଛି ଅଧାପାନ୍ତରିଆ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିଙ୍କ ପାଇଁ ସାମ୍ବାଦିକତାର ମର୍ଯ୍ୟାଦା ଧୂଳିସାତ ହେବାକୁ ବସିଛି। ସମ୍ବାଦ ପରିବେଷଣ ଏବେ 'ମିଶନ' ନୁହେଁ, ବରଂ 'କମିଶନ'ରେ ପରିଣତ ହୋଇଛି। ସତ୍ୟର ସନ୍ଧାନ ପରିବର୍ତ୍ତେ ପକେଟ୍ ଗରମ କରିବା ଏବେ ଅନେକଙ୍କର ମୂଳ ଲକ୍ଷ୍ୟ ପାଲଟିଛି। ଓଡ଼ିଶାର ସାମ୍ବାଦିକତା ଇତିହାସରେ ଅନେକ ମହାନ ବ୍ୟକ୍ତିତ୍ୱ ବିଭିନ୍ନ ଖବର କାଗଜ ପ୍ରକାଶିତ କରି ଲୋକଙ୍କ ସ୍ୱର ଶୁଣାଇଥିଲେ, ଆଜି ସେହି ପବିତ୍ର ମାଟିରେ ସାମ୍ବାଦିକତା ଏକ ବ୍ୟବସାୟ ଓ ଭୟ ପ୍ରଦର୍ଶନର ମାଧ୍ୟମ ପାଲଟିଯିବା ଅତ୍ୟନ୍ତ ପରିତାପର ବିଷୟ।

ସାମ୍ବାଦିକତା କେବଳ ଏକ ବୃତ୍ତି ନୁହେଁ, ଏହା ଏକ ଦାୟିତ୍ୱ। କିନ୍ତୁ ବର୍ତ୍ତମାନର ସମୟରେ ଅନେକ ସାମ୍ବାଦିକ ସମାଜର ମୂଳ ସମସ୍ୟାକୁ ଲୋକଲୋଚନକୁ ଆଣିବା ପରିବର୍ତ୍ତେ ନିଜର ଆର୍ଥିକ ଉନ୍ନତି ପାଇଁ ସାମ୍ବାଦିକତାକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ସରକାରୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି ପ୍ରଭାବଶାଳୀ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସହ ସଲାସୁତୁରା କରି ଖବରକୁ ଚାପି ଦେବା କିମ୍ବା ସେମାନଙ୍କୁ ସୁହାଇଲା ଭଳି ଗୋଲାପୀ ଚିତ୍ର ପ୍ରଦର୍ଶନ କରିବା ଏକ ନିତିଦିନିଆ ଘଟଣା ହୋଇଗଲାଣି। ଗରିବ ଲୋକଟିଏ ଯେତେବେଳେ ନ୍ୟାୟ ଆଶାରେ ସାମ୍ବାଦିକ ପାଖକୁ ଆସେ, ସେଠାରେ ବି ସତ୍ୟର ଗଳା ଚିପି ଦିଆଯାଉଛି ଯଦି ବିପକ୍ଷ ଦଳ ମୋଟା ଅଙ୍କର ଟଙ୍କା ଫିଙ୍ଗି ଦେଉଛନ୍ତି। ଏହି 'ପ୍ରାୟୋଜିତ ସମ୍ବାଦ' ର ପ୍ରଭାବ ସାଧାରଣ ଲୋକଙ୍କ ଆସ୍ଥାକୁ ଧୀରେ ଧୀରେ ହଟାଇ ଦେଉଛି।

ଆଜି ଗାଁଠୁ ସହର ପର୍ଯ୍ୟନ୍ତ କାନ୍ଧରେ ବ୍ୟାଗ୍ ଓ ବେକରେ ଆଇ-କାର୍ଡ ଝୁଲାଇ ବୁଲୁଥିବା ସାମ୍ବାଦିକଙ୍କ ସଂଖ୍ୟା ଅଗଣିତ। କିନ୍ତୁ ଏମାନଙ୍କ ମଧ୍ୟରୁ କେତେଜଣ ପ୍ରକୃତ ସାମ୍ବାଦିକତା କରୁଛନ୍ତି, ତାହା ବଡ଼ ପ୍ରଶ୍ନବାଚୀ। ଠିକାଦାର, ବାଲି ମାଫିଆ, ମଦ ବ୍ୟବସାୟୀ ଏବଂ ସରପଞ୍ଚମାନେ ଏବେ ଏହି ସାମ୍ବାଦିକମାନଙ୍କର ମୁଖ୍ୟ ଟାର୍ଗେଟ। ମାସିକିଆ ବଟି ଆଦାୟ କରିବା ଠାରୁ ଆରମ୍ଭ କରି ପର୍ବପର୍ବାଣିରେ ଜୋର ଜବରଦସ୍ତ ଚାନ୍ଦା ମାଗିବା ପର୍ଯ୍ୟନ୍ତ, ସାମ୍ବାଦିକତାର ଆଳରେ ଏକ ପ୍ରକାର 'ଗୁଣ୍ଡାରାଜ' ଚାଲିଛି। କେବଳ ବଡ଼ ବଡ଼ ଦୁର୍ନୀତି ନୁହେଁ ବରଂ ନୀଚ ସ୍ତରର ମନୋଭାବ ଏତେ ବଢ଼ିଗଲାଣି ଯେ ଜଣେ ଛୋଟ ଜଳଖିଆ ଦୋକାନୀ କିମ୍ବା ମାଛ ବ୍ୟବସାୟୀ ବି ଏମାନଙ୍କ ଶୋଷଣରୁ ରକ୍ଷା ପାଉନାହାନ୍ତି। ମାଗଣାରେ ଖାଇବା, ବିନା ପଇସାରେ ଚା' ପିଇବା ଓ ଜିନିଷ ନେବା ପରେ ନାଲି ଆଖି ଦେଖାଇ ଖବର ବାହାର କରିବାର ଧମକ ଦେବା ଜଣେ ସଚ୍ଚୋଟ ସାମ୍ବାଦିକ ପାଇଁ ଲଜ୍ଜାର ବିଷୟ। ଯଦି କେହି ଏମାନଙ୍କର କଥା ନ ଶୁଣେ, ତେବେ ତା' ବିରୋଧରେ କାଳ୍ପନିକ ଖବର ପ୍ରକାଶ କରିବାକୁ ବି ଏମାନେ ପଛାନ୍ତି ନାହିଁ।

ସାମ୍ବାଦିକତାକୁ ଗଣତନ୍ତ୍ରର ପ୍ରହରୀ କୁହାଯାଏ, ଯିଏ ଶାସକ ଦଳର ଭୁଲକୁ ଅଙ୍ଗୁଳି ନିର୍ଦ୍ଦେଶ କରିବ। କିନ୍ତୁ ଏବେ ଅନେକ ସାମ୍ବାଦିକ ନେତା-ମନ୍ତ୍ରୀଙ୍କ ପଛରେ ବୁଲି ସେମାନଙ୍କ ଗୁଣଗାନ କରିବାରେ ବ୍ୟସ୍ତ। କେବଳ ପଇସା ପାଇଁ କ୍ଷମତାସୀନ ବ୍ୟକ୍ତିଙ୍କ ଗୋଲାମ ସାଜିବା ଓଡ଼ିଶାର ବିକାଶ ପଥରେ ଏକ ବଡ଼ ବାଧା। ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଏଭଳି ମଧୁଚନ୍ଦ୍ରିକା ଗଢ଼ି ଉଠିଛି ଯେ, ସେମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ତ ଦୂରର କଥା, ଓଲଟା ସେମାନଙ୍କର ଅପକର୍ମକୁ ଘୋଡ଼ାଇବା ପାଇଁ ଏହି ସାମ୍ବାଦିକମାନେ ଢାଲ ସାଜୁଛନ୍ତି। ଦଶହରା ଭଳି ପର୍ବ ସମୟରେ ଏମାନେ ସକ୍ରିୟ ହୋଇ ଲକ୍ଷ ଲକ୍ଷ ଟଙ୍କା ଚାନ୍ଦା ଆଦାୟ କରନ୍ତି, ଯେଉଁଥିପାଇଁ ସାମ୍ବାଦିକତା ଶବ୍ଦଟି ଏବେ ଅନେକଙ୍କ ପାଇଁ ଏକ 'ପେସା' ପରିବର୍ତ୍ତେ 'ଫାଇଦା'ର ମାଧ୍ୟମ ପାଲଟିଛି।

ବର୍ତ୍ତମାନ ସୋସିଆଲ୍ ମିଡିଆ ଓ ୟୁଟ୍ୟୁବ୍ ସାମ୍ବାଦିକତାର ପ୍ରସାର କରିଛି ସତ କିନ୍ତୁ ଏହା ସହ 'କାମଚଳା ସାମ୍ବାଦିକ'ଙ୍କ ସଂଖ୍ୟା ବଢ଼ାଇ ଦେଇଛି। କୌଣସି ଶିକ୍ଷା କିମ୍ବା ନୈତିକ ତାଲିମ ନଥାଇ କେବଳ ଏକ ସ୍ମାର୍ଟଫୋନ୍ ଓ ମାଇକ୍ ଧରି ନିଜକୁ ସାମ୍ବାଦିକ ଦାବି କରୁଥିବା ଲୋକମାନେ ରାସ୍ତାଘାଟରେ ଲୋକଙ୍କୁ ହଇରାଣ କରୁଛନ୍ତି। ଏମାନେ ଖବରର ଗଭୀରତାକୁ ନଦେଖି କେବଳ 'ଭ୍ୟୁଜ୍' ଏବଂ 'ଲାଇକ୍' ପାଇଁ ଯେକୌଣସି ସ୍ତରକୁ ଖସିଯାଉଛନ୍ତି। ଏହାଦ୍ୱାରା ତୃଣମୂଳ ସ୍ତରରେ ଘଟୁଥିବା ପ୍ରକୃତ ସମସ୍ୟା ଯେମିତିକି ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗରିବୀର ଚିତ୍ର ଏବେ ଗୌଣ ହୋଇଗଲାଣି।

ଏହି କୁତ୍ସିତ ମନୋଭାବ ସମ୍ପନ୍ନ ବ୍ୟକ୍ତିଙ୍କ ପାଇଁ ଆଜି ସାମ୍ବାଦିକତା କ୍ଷେତ୍ରରେ କାମ କରୁଥିବା ନିଷ୍ପାପର ଓ ସଚ୍ଚୋଟ ବ୍ୟକ୍ତିମାନେ ସମ୍ମାନ ହରାଉଛନ୍ତି। ଜଣେ ସାମ୍ବାଦିକ ଯିଏ ନିଜ ଜୀବନକୁ ବାଜି ଲଗାଇ ସତ୍ୟ ଖବର ପରିବେଷଣ କରେ ସେ ଆଜି ସମାଜରେ ଉପହାସର ପାତ୍ର ହେଉଛି। ଲୋକେ ସାମ୍ବାଦିକ ଦେଖିଲେ ସମ୍ମାନ ଦେବା ପରିବର୍ତ୍ତେ ଘୃଣା କରୁଛନ୍ତି ବା ନିଜକୁ ଦୂରେଇ ରଖୁଛନ୍ତି। ଏହି 'ଅଧାପାନ୍ତରିଆ' ସାମ୍ବାଦିକମାନେ ପ୍ରକୃତ ସାମ୍ବାଦିକଙ୍କ ପାଇଁ ପ୍ରତିବନ୍ଧକ ସାଜନ୍ତି। ଫଳସ୍ୱରୂପ ଅନେକ ଯୋଗ୍ୟ ବ୍ୟକ୍ତି ଏହି ବୃତ୍ତିରୁ ଦୂରେଇ ଯିବାକୁ ଶ୍ରେୟସ୍କର ମଣୁଛନ୍ତି, ଯାହା ଗଣତନ୍ତ୍ର ପାଇଁ ଏକ ଅଶୁଭ ସଙ୍କେତ।

ସାମ୍ବାଦିକତା ଏକ ବାଣିଜ୍ୟ ନୁହେଁ ଏହା ଏକ ସଂସ୍କାର। ଯଦି ସାମ୍ବାଦିକତା ଏହିଭଳି ଦିଗହରା ହୋଇ ଚାଲେ ତେବେ ସମାଜରେ ନ୍ୟାୟ ମିଳିବା ଅସମ୍ଭବ ହୋଇପଡ଼ିବ। ସମୟ ଆସିଛି ପ୍ରକୃତ ସାମ୍ବାଦିକମାନେ ଏକଜୁଟ ହୋଇ ଏହି ଅସାଧୁ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଉଚିତ। ସାମ୍ବାଦିକତା ସଂଘଗୁଡ଼ିକ ଏହି 'ବଟି ଆଦାୟକାରୀ'ଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। ସରକାର ଓ ପ୍ରଶାସନ ମଧ୍ୟ ଏହି ଭୋକିଲା ସାମ୍ବାଦିକଙ୍କୁ ପ୍ରଶ୍ରୟ ନଦେଇ ସେମାନଙ୍କର ଯୋଗ୍ୟତା ଯାଞ୍ଚ କରିବା ଆବଶ୍ୟକ।

ସାମ୍ବାଦିକତାରେ ପଇସା ଅପେକ୍ଷା ସଚ୍ଚୋଟତାକୁ ଅଧିକ ଗୁରୁତ୍ୱ ନଦେଲେ ଆଗାମୀ ପିଢ଼ି ଏହି ପବିତ୍ର ବୃତ୍ତିକୁ କେବଳ 'ଦଲାଲି' ଭାବେ ଗ୍ରହଣ କରିବେ। ଆମକୁ ମନେ ରଖିବାକୁ ହେବ ଯେ ଯେଉଁଠି ସତ୍ୟର ମୃତ୍ୟୁ ଘଟେ, ସେଠି ସମାଜର ପତନ ଆରମ୍ଭ ହୁଏ। କେବଳ ସେହି କିଛି ନିଷ୍ପାପର ସାମ୍ବାଦିକଙ୍କ ପାଇଁ ଆଜି ବି ଏହି ବୃତ୍ତି ବଞ୍ଚି ରହିଛି, ଯେଉଁମାନେ ଲୋଭ ଓ ଭୟର ଉର୍ଦ୍ଧ୍ୱରେ ରହି ସତ୍ୟର ଜୟଗାନ କରୁଛନ୍ତି। ଜଣେ ସାମ୍ବାଦିକ ସମାଜର ପରିବର୍ତ୍ତନକାରୀ ସାଜିବା ଉଚିତ, ସରକାରୀ ବା ପାର୍ଟିର ହାତବାରିସୀ ନୁହେଁ। ଆଜିର ସମୟରେ ଏହି ମୂଲ୍ୟବୋଧକୁ ଫେରାଇ ଆଣିବା ହିଁ ପ୍ରକୃତ ସାମ୍ବାଦିକତା ହେବ।ସତ୍ୟର ପଥ କଷ୍ଟକର ହୋଇପାରେ, କିନ୍ତୁ ସାଲିସ ବିହୀନ ସାମ୍ବାଦିକତା ହିଁ ଏକ ସୁସ୍ଥ ସମାଜ ଗଠନ କରିପାରିବ।

♥ ଗଞ୍ଜାମ,
ମୋ: ୭୭୮୭୦୦୧୦୦୧

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୪ ମଇ ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

୬ ରବିବାର ଚିଣ୍ଟା ସାପ୍ତାହିକ କ୍ରୋଡ଼ପତ୍ର

# ଟିକି ବିପ୍ଳବୀ : ନୀଳମଣି

## ଅକ୍ଷୟ କୁମାର ରାଉତ



ପରାଧିନତାର କଳାବାଦଲ ପବିତ୍ର ଭାରତମାତକୁ କରାଏତ କରିଥାଏ । ଉଜ୍ଜ୍ୱଳମାନ ପ୍ରଚଣ୍ଡ ସୂର୍ଯ୍ୟ ରାହୁଗ୍ରସ୍ତ । ପିଡିତ, ଲାଂଛିତ, ନିଷ୍ପେସିତ, ଅବହେଳିତ ଭାରତୀୟମାନଙ୍କର କରୁଣ ଆର୍ତ୍ତ ଚିତ୍କାର ବିଦେଶୀ ଶାସକଙ୍କ ନିଦକୁ ହଜାଇ ଦେଉଥାଏ । ଲୋକଙ୍କ ମନରେ ସ୍ୱାଧିନତାର ବହ୍ନି ପ୍ରଜ୍ୱୋଳିତ। ଖୋର୍ଦ୍ଧାଗଡ଼ର ପାଇକ ବିଦ୍ରୋହ ସିପାହୀ ବିଦ୍ରୋହ ପରେ ପରେ ଦେଶର ସବୁ ସ୍ଥାନରେ ସ୍ୱାଧୀନତା ସଂଗ୍ରାମ । ଏହିପରି ଏକ ମୂହୁର୍ତ୍ତରେ ବାଲେଶ୍ୱର (ଭଦ୍ରକ) ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଚନ୍ଦ୍ରଶେଖର ରାଉତରାୟ ଓ ମା' କୋଇଲି ଦେବୀଙ୍କ ଅଷ୍ଟମ ଗର୍ଭରେ ୧୯୨୦ ମସିହା ମଇ ୨୪ ତାରିଖରେ ଏକ ସ୍ୱଚ୍ଛଳ ପରିବାରରେ ଜନ୍ମ ଗ୍ରହଣ କଲେ ମହାନ୍ ବିପ୍ଳବି ଜନନାୟକ ନୀଳମଣି। ଅକାଳରେ ମା'କୁ ହରାଇ ନୀଳମଣି ସାବତ ମା' ଓ ବଡ଼ ଭଉଣୀମାନଙ୍କର ଯତ୍ନରେ ବଢ଼ିହେଲେ । ପ୍ରାଥମିକ ଶିକ୍ଷା ପାଖ ଗାଁ ଝିଙ୍କିରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା। ତା'ପରେ ତାଙ୍କ ଭିଣୋଇଙ୍କ ପାଖରେ ରହି ବାଲେଶ୍ୱର ଜୁବୁଲି ମଧ୍ୟ ଇଂରାଜୀ ସ୍କୁଲରେ ପାଠ ପଢ଼ିଲେ । ତାଙ୍କ ବଡ଼ଭାଇ ହରେକୃଷ୍ଣଙ୍କ ବନ୍ଧୁ ପ୍ରଧାନ ଶିକ୍ଷକ ଉଦୟ ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ନାରାୟଣଚନ୍ଦ୍ର ମଧ୍ୟ ଇଂରାଜୀ ବିଦ୍ୟାଳୟର ଛାତ୍ରାବାସରେ ରହି ସେ ମାଇନର ପାଠ ଓ ଭଦ୍ରକ ହାଇସ୍କୁଲର ପାଠ ଶେଷ କରିଥିଲେ ।



ଜନ୍ମରୁ ନୀଳମଣି ଦରଦୀ, ସ୍ୱାଧୀନଚେତା ଓ ପରୋପକାରୀ ଥିଲେ। ବିଦ୍ୟାଳୟରେ ପଢ଼ିବା ସମୟରେ ବିହାରରେ ହୋଇଥିବା ଭୂମିକମ୍ପର ପୀଡିତମାନଙ୍କ ସାହାଯ୍ୟ ନିମନ୍ତେ ଅର୍ଥ ସଂଗ୍ରହ କରି ପଠାଇଥିଲେ । ୧୯୩୦ ମସିହାରେ ସ୍ୱାଧିନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଥିଲା ଲବଣ ଆନ୍ଦୋଳନ ବା ଦରିଆ ଦଖଲ ଆନ୍ଦୋଳନ । ଏହି ଆନ୍ଦୋଳନ ନୀଳମଣିଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ଝିଙ୍କିରିଆର ସଂଗ୍ରାମୀ ଭାଗବତ ସାହୁଙ୍କୁ ପୋଲିସ୍ ହାତକଡା ପକାଇ ନେବାର ଦୃଶ୍ୟ ନୀଳମଣିଙ୍କ ମନରେ ଗଭୀର ରେଖାପାତ କଲା। ସେ ବିଦେଶୀ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । ସାଙ୍ଗମାନଙ୍କୁ ଧରି ଗାଁ ପଡିଆରେ ଲୁଣମାରି ଲୁଣ ପୁଡିଆଙ୍କୁ ଗାଁ ଗାଁ ବୁଲି ବାଂଟିଲେ । ଗାନ୍ଧିଙ୍କ ଡାକରାରେ କଂଗ୍ରେସର ନିଶାନିବାରଣ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ସମସ୍ତ କଂଗ୍ରେସ କର୍ମୀମାନଙ୍କୁ ପୋଲିସ୍ ଗିରଫ କରି ଭଦ୍ରକ ପର୍ଯ୍ୟନ୍ତ ଚଲାଇ ଚଲାଇ ନେଲେ । ନୀଳମଣି ତାଙ୍କର ସହଯୋଗୀ ବାନରସେନାଙ୍କୁ ଧରି ସତ୍ୟାଗ୍ରହୀ କର୍ମୀମାନଙ୍କ ପଛେ ପଛେ ଧ୍ୱନି ଦେଇ ନଅ ମାଇଲ ବାଟ ଚାଲି ଚାଲି ଯିବାରୁ ପୋଲିସ୍ ନୀଳମଣିଙ୍କୁ ଗିରଫ କରି ନେଇ ଭଦ୍ରକ ଜେଲକୁ ସତ୍ୟାଗ୍ରହୀମାନଙ୍କ ସହିତ ପଠାଇଦେଲା। ଗାଁରୁ ବାପା ଓ କଲିକତାରୁ ଭାଇ ଆସି ଭଦ୍ରକରେ ପହଁଚିଲେ । ୧୦ ଦିନ ଜେଲଦଣ୍ଡ ଭୋଗିବା ପରେ ହାକିମ ନୀଳମଣିଙ୍କୁ ଛୋଟ ପିଲା ହୋଇଥିବାରୁ ଖଲାସ୍ କରିଦେଲେ ।

ଭଦ୍ରକ ସହରର କୁଆଁସ ପଡିଆରେ ଗୋଟିଏ କଂଗ୍ରେସ ସଭାକୁ ମାଜିଷ୍ଟ୍ରେଟ ନିଷିଦ୍ଧ ଘୋଷଣା କରି ସହରରେ ୧୪୪ ଧାରା ଜାରି କଲେ । ନୀଳମଣି ସ୍କୁଲ ପରେ କିଛି ସାଙ୍ଗସାଥୀଙ୍କୁ ଧରି କୁଆଁସ ପଡ଼ିଆକୁ ଚାଲିଲେ। ସେଠାରେ ଦେଖିଲେ ବହୁ ଲୋକ ଅଛନ୍ତି କିନ୍ତୁ କେହି ନେତା ନଥିବାରୁ ସଭାକାର୍ଯ୍ୟ ହୋଇପାରିଲା ନାହିଁ । ଛାତ୍ରମାନେ ନୀଳମଣିଙ୍କୁ ସଭାପତି ପରି ସଭାକାର୍ଯ୍ୟ ଚଳାଇଲେ। ପୋଲିସ୍ ଫଉଜ ଆସି ସବୁ ଛାତ୍ରଙ୍କୁ ଗିରଫ କରିନେଲେ। ଗିରଫ ଛାତ୍ରଙ୍କ ମଧ୍ୟରେ ଥିଲେ ମାଜିଷ୍ଟ୍ରେଟଙ୍କ ପୁଅ। ତେଣୁ ମାଜିଷ୍ଟ୍ରେଟ ନିଜେ ଥାନାକୁ ଆସି ସବୁ ପିଲାଙ୍କୁ ଛାଡି ଦେଇ କେବଳ ନୀଳମଣିଙ୍କୁ ଜେଲ ପଠାଇଦେଲେ। ନୀଳମଣିଙ୍କ ବାପା ଓ ଭାଇ ଆସି ମୁଚାଲିକା ଲେଖି ନୀଳମଣିଙ୍କୁ ଖଲାସ କରାଇଲେ ।

୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ପଦଯାତ୍ରା କରି ଭଦ୍ରକର ସାଳନ୍ଦୀ ନଦୀକୂଳରେ ଜୀବରାମଜୀଙ୍କ ଆଶ୍ରମରେ ରହିବା ସମୟରେ ନୀଳମଣିଙ୍କୁ ମିଳିଗଲା ଗାନ୍ଧିଜୀଙ୍କୁ ତାଳପତ୍ର ପଙ୍ଖାରେ ବିଂଚିବାର ସୁଯୋଗ । ପ୍ରଥମ ଥର ଗାନ୍ଧୀଙ୍କ ସଂସ୍ପର୍ଶରେ ଆସିବାରୁ ସେ ନିଜକୁ ଭାଗ୍ୟବାନ୍ ବୋଲି ମନେ କଲେ । ସେହି ଦିନଠାରୁ ସ୍ୱାଧୀନତା ଆନ୍ଦୋଳନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ । ଜାନୁଆରୀ ୨୬ ତାରିଖ ଦିନ ଘରେ ଘରେ ତ୍ରିରଙ୍ଗା ପତାକା ଉଡାଇବାକୁ କଂଗ୍ରେସ ପକ୍ଷରୁ ସ୍ଥିର କରାଗଲା । ଭଦ୍ରକ ହାଇସ୍କୁଲକୁ ଲାଗି ଦେଓ୍ୱାନୀ ଅଦାଲତ କୋଠାରେ ସରକାରୀ ପତାକା ବଦଳରେ କଂଗ୍ରେସର ତ୍ରିରଙ୍ଗା ପତାକା ଉଡୁଥିବା ଦେଖାଗଲା । ଚାରିଆଡେ ଚହଳ ପଡିଗଲା । ଟିକି ବିପ୍ଳବୀ ନୀଳମଣିର ଏ କାମ। ସରକାରୀ ମହଲରେ ନୀଳମଣି ପତାକା ଉଡାଇଥିବା ସନ୍ଦେହ କରାଯାଇ ଛାତ୍ରାବାସରେ ଖାନତଲାସ୍ ହେଲା। ମାତ୍ର ପୋଲିସ୍ କିଛି ଟେର୍ ପାଇନଥିଲା ।

ଟିକି ବିପ୍ଳବୀ ନୀଳମଣି ୧୯୩୬ ମସିହାରେ ଭଦ୍ରକ ହାଇସ୍କୁଲରୁ ମାଟ୍ରିକ ପାସ୍ କରି ରେଭେନ୍ସା କଲେଜରେ ବି.ଏ. ଶ୍ରେଣୀରେ ନାମ ଲେଖାଇ ଇଷ୍ଟ୍ ହଷ୍ଟେଲରେ ରହି ପାଠପଢ଼ିଲେ। ସେ ସମୟରେ ଡଃ ପ୍ରାଣକୃଷ୍ଣ ପରିଜା ଥାଆନ୍ତି ରେଭେନ୍ସା କଲେଜର ଅଧ୍ୟକ୍ଷ । ନୀଳମଣି ଛାତ୍ର ଅବସ୍ଥାରେ ପ୍ରଦେଶ କଂଗ୍ରେସ କର୍ମକର୍ତ୍ତାମାନଙ୍କ ସହିତ ଭଲ ସଂପର୍କ ରଖି କଂଗ୍ରେସ ଦଳର ସ୍ୱେଚ୍ଛାସେବକ ଭାବେ ସବୁ ସଭାସମିତିରେ ଯୋଗ ଦେଉଥିଲେ । ନୀଳମଣି ଦାବି କଲେ ଯେ, ଛାତ୍ର ୟୁନିୟନର ସଭାପତି ଅଧ୍ୟକ୍ଷ ନହୋଇ ଛାତ୍ରମାନଙ୍କ ମଧ୍ୟରୁ ନିର୍ବାଚିତ ହେବା ଉଚିତ୍ । ପରିଶେଷରେ ଛାତ୍ରମାନେ ନିର୍ବାଚନ ମାଧ୍ୟମରେ ୟୁନିୟନର ସଭାପତି ଓ କର୍ମକର୍ତ୍ତା ନିର୍ବାଚନ କଲେ । ମନମୋହନ ମିଶ୍ର ରେଭେନ୍ସା କଲେଜ ଛାତ୍ର ୟୁନିୟନର ପ୍ରଥମ ସଭାପତି ଭାବେ ନିର୍ବାଚିତ ହେଲେ । ୧୯୩୮ ମସିହାରେ ଟିକି ବିପ୍ଳବୀ ଛାତ୍ରସଂଘର ସଂପାଦକ ଭାବେ ଧର୍ମଘଟ, ଧାରଣା, ସଭା ଓ ଶୋଭାଯାତ୍ରା ଆୟୋଜନ କରିଥିଲେ । ଗୋରା ଅଧ୍ୟକ୍ଷକଙ୍କ ଆଦେଶକୁ ଅମାନ୍ୟ କରି ନୀଳମଣି ଛାତ୍ରମାନଙ୍କୁ ଧରି କଟକ ମେଡିକାଲ ସ୍କୁଲ କୋଠା ଉପରେ ଜାତୀୟ ପତାକା ଉତ୍ତୋଳନ କଲେ।

ସେ ସମୟରେ ଆଇନ କଲେଜ ରେଭେନ୍ସା କଲେଜରେ ଚାଲୁଥିଲା। ଆଇନ କଲେଜର ଅଧ୍ୟକ୍ଷ ଜେ.ଏନ୍. ବାନାର୍ଜୀ ତାଙ୍କର ସ୍ୱତନ୍ତ୍ର କ୍ଷମତା ଅଧିକାର ପଦ ମର୍ଯ୍ୟାଦା ସଂପର୍କରେ ସରକାରକୁ ଜଣାଇଲେ । ସରକାର ଗ୍ରହଣ ନକରିବାରୁ ବାନାର୍ଜୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଦେଲେ । ବାନାର୍ଜୀଙ୍କୁ ସମର୍ଥନ କରି ଛାତ୍ରସଂଘ ଧର୍ମଘର ଆରମ୍ଭ କଲେ। ଏହି ଧର୍ମଘଟର ନେତୃତ୍ୱ ନୀଳମଣି ନିଜେ ନେଇ ଆଇନ କଲେଜ ଅଧ୍ୟକ୍ଷଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାପାଇଁ ଦାବି କରିଥିଲେ। ହରେକୃଷ୍ଣ ମହତାବଙ୍କ ମଧ୍ୟସ୍ଥତାରେ ଛାତ୍ର ପ୍ରତିନିଧିମାନେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସହ ଆଲୋଚନା କରି ବିଫଳ ହେଲେ। ଛାତ୍ର କ୍ରିୟାନୁଷ୍ଠାନ କମିଟି ଓ ଛାତ୍ରସଂଘର ମିଳିତ ଧର୍ମଘଟ ଅନ୍ୟ କଲେଜକୁ ବ୍ୟାପିଲା। ଛାତ୍ରମାନଙ୍କ ଉପରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା। ଛାତ୍ରମାନଙ୍କୁ ଜେଲରୁ ଖଲାସ ଓ ସେମାନଙ୍କ ବିରୁଦ୍ଧରେ ଥିବା ମୋକଦ୍ଦମା ନ ଉଠାଇବା ପର୍ଯ୍ୟନ୍ତ ଧର୍ମଘଟ ଓ ଆନ୍ଦୋଳନ ଚାଲୁ ରହିଲା। ଶେଷରେ ସରକାର ଛାତ୍ରମାନଙ୍କ ଦାବିଗୁଡିକୁ ଗ୍ରହଣ କଲାପରେ ଆନ୍ଦୋଳନ ବନ୍ଦ ହୋଇଥିଲା । ନୀଳମଣି ଛାତ୍ର ଆନ୍ଦୋଳନରେ ବହୁବାର ଜେଲ ଯାଇଥିଲେ ।

୧୯୪୦ ମସିହା ଜାନୁଆରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରିବା ପାଇଁ ଜାତୀୟ କଂଗ୍ରେସ ପକ୍ଷରୁ ସ୍ଥିର ହୋଇଥିଲା। ଏହି ସ୍ୱାଧୀନତା ଦିବସ ପାଳନ ପାଇଁ ଅଧ୍ୟକ୍ଷ ଡଃ. ପ୍ରାଣକୃଷ୍ଣ ପରିଜା ଅନୁମତି ଦେଇନଥିଲେ। ଛାତ୍ରନେତା ନୀଳମଣି ଓ ବିବୁଧେନ୍ଦ୍ର ମିଶ୍ରଙ୍କ ସହିତ ଅନ୍ୟ ଛାତ୍ରମାନେ ମହାସମାରୋହରେ ସ୍ୱାଧୀନତା ଦିବସ ପାଳନ କଲେ । ସଭାପତି ଭାବେ ନୀଳମଣି ଜାତୀୟ ପତାକା ଉତ୍ତୋଳନ କଲେ। ନୀଳମଣି ଭାରତମାତାଙ୍କୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ଆହ୍ୱାନ କରିଥିଲେ। ଏହାପରେ ଛାତ୍ରମାନଙ୍କ ଉପରେ ପୋଲିସ୍‌ର ଦମନ ଲୀଳା ଆରମ୍ଭ ହୋଇଗଲା। ବହୁ ଛାତ୍ର ଗିରଫ ହେଲେ। ନୀଳମଣି ଓ ବିବୁଧେନ୍ଦ୍ର ଉପରେ ୨୫ ଟଙ୍କା ଲେଖାଁଏ ଜୋରିମାନା ଓ କ୍ଷମା ପ୍ରାର୍ଥନା କରିବାକୁ ଅଧ୍ୟକ୍ଷ ପରୱାନ ଜାରି କଲେ। ଛାତ୍ରସଂଘ ଅନ୍ୟାୟ ଆଦେଶର ପ୍ରତିବାଦ କରି ଆନ୍ଦୋଳନ କରିବା ଓ ପରୀକ୍ଷା ବର୍ଜନ କରିବା ପାଇଁ ନିଷ୍ପତି ନେଲା। ରେଭେନ୍ସା କଲେଜ ପୋଲିସ୍ ଛାଉଣୀରେ ପରିଣତ ହେଲା । ବହୁ ଛାତ୍ର ଗିରଫ ହେଲେ। ଛାତ୍ରମାନେ ରାତିରେ ନିଜ ଜିନିଷପତ୍ର ମୁଣ୍ଡରେ ଧରି ଶୋଭାଯାତ୍ରା କରି ବାହାରି ଯିବା ସମୟରେ ପୋଲିସ୍ କଟକ ଜେଲଖାନା ନିକଟରେ ଛାତ୍ରମାନଙ୍କୁ ଗିରଫ କରିନେଲା । ନୀଳମଣି ଏକ ନାରୀ ବେଶରେ ପୋଲିସ୍‌କୁ ଚକ୍‌ମା ଦେଖାଇ ଖସିଗଲେ । ପରେ ନୀଳମଣି ଓ ବିଜୟ ଚନ୍ଦ୍ର ଦାସ ଗିରଫ ହୋଇ ଦଶ ଦିନ ଜେଲ୍‌ରେ ରହିଲେ। କେତେକ ବିଶିଷ୍ଟ ବ୍ୟକ୍ତି ସେମାନଙ୍କୁ ଜାମିନ୍‌ରେ ଆଣିଥିଲେ ।

(କ୍ରମଶଃ)

♥ ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ମୋ. ୯୯୩୭୬୯୧୪୭୫

ଆଲୋଚନା

# ଆନନ୍ଦ କୁମାରଙ୍କ ନୂଆ ଗପ ବହି 'ଅମଣିଷ ଓ ଅନ୍ୟାନ୍ୟ ଗପ'

## ଭୀମ ପୃଷ୍ଟି






ଆମ ଓଡ଼ିଆ ଗଳ୍ପରେ କେଉଁ କାଳରୁ ବିଭିନ୍ନ ପରୀକ୍ଷା ନିରୀକ୍ଷାର ବାଟଦେଇ ସମୃଦ୍ଧି ହୋଇଚାଲିଛି। ଚତୁର ବିନୋଦରୁ ଆଧୁନିକ ଓଡ଼ିଆ ଗଳ୍ପର ପ୍ରଥମ ନିଃଶ୍ୱାସ ରେବତୀରୁ ଶହେ ବର୍ଷରୁ ଉର୍ଦ୍ଧ ସମୟ ଭିତରେ କେତେ ଗଳ୍ପ ଲେଖକ ଏ ପୃଥିବୀରେ ବହୁ କାଳଜୟୀ ଗଳ୍ପ ଛାଡ଼ିଦେଇ ଯାଇଛନ୍ତି।

କବିତା ଠାରୁ ଗପ ଓ ଉପନ୍ୟାସ ଲେଖା ଲେଖିରେ ବହୁ ପ୍ରଭେଦ ରହିଛି। ମନର ସ୍ୱତସ୍ଫୂର୍ତ୍ତ ଆବେଗକୁ କେଇମାତ୍ର ଧାଡ଼ିରେ ରଖିବା ପାଇଁ କବିତାରେ ପ୍ରୟାସ କଲାବେଳେ, ଗଳ୍ପ ଓ ଉପନ୍ୟାସ ପାଇଁ ଲୋଡ଼ା ହୋଇଛି ବଳିଷ୍ଠ କାହାଣୀ ଓ ବିଭିନ୍ନ ବର୍ଣ୍ଣନାର ପାଟବଣ, ଶିଳ୍ପର ଗଠନ ପରି ଗପ ପାଇଁ ସମୟ ଓ ଅଭ୍ୟାସର ଆବଶ୍ୟକତା ରହିଛି। ତା'ଛଡ଼ା ସମାଜପ୍ରତି ଗାଳ୍ପିଙ୍କର ଶାଣିତ ଦୃଷ୍ଟିପାତ, ସଂଦେଶ ଦେବା ସହ ବହୁ ପୃଷ୍ଠାରେ ପାଠକଙ୍କୁ ଆକର୍ଷିତ କରିବାର ପ୍ରଚେଷ୍ଟା ରହିଥାଏ। କବିତା ଯଦି ମାନସିକ କସରତର ଫସଲ, ଗପ ହେଉଛି ଉଭୟ ଅନୁଭବ ଓ ମସ୍ତିଷ୍କର ପରିଶ୍ରମରେ ଉତ୍ପାଦନ। କବିତା ଯେତେ କମ୍ ସମୟରେ ଯେତେ ପରିମାଣରେ ଲେଖା ହୋଇପାରୁଛି, ସେ ଦୃଷ୍ଟିରୁ ଗପର ସଂଖ୍ୟା କମ୍।

କବିତା ହେଉକି ଗପ - ଏହି ଦୁଇଟି ସୃଜନ କଳାର ମହତ୍ ଉଦ୍ଦେଶ୍ୟ ହେଉଛି ମାନବିକ ପ୍ରତିଘାତ ସୃଷ୍ଟି କରିବା, ସମାଜରେ 'କୁ' ବଦଳରେ 'ସୁ' ର ପ୍ରସାର କରିବା। ସେଇ ଦୃଷ୍ଟିରୁ ସମସାମୟୀକ ସମୟର ଗାଳ୍ପିକ ଆନନ୍ଦ କୁମାର ମାଇତିଙ୍କ ଗପରେ ଯୋଗଦାନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

ବିଗତ ଅଢ଼େଇ ଦଶନ୍ଧି ଧରି ଓଡ଼ିଆ ସାହିତ୍ୟରେ ନିଜର ସାରସ୍ୱତ ଯାତ୍ରାରେ ମଜି ରହିଥିବା ଗାଳ୍ପିକ ଆନନ୍ଦ କୁମାରଙ୍କ ଗଳ୍ପ ଲିଖନ ପ୍ରତି ତାଙ୍କର ଆନ୍ତରିକତା, ସାଧନା ଓ ଏକାଗ୍ରତ ପାଇଁ ତାଙ୍କର ବହୁ ଗପ ଖବର କାଗଜ, ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ମୋ ପରି ବହୁ ପାଠକଙ୍କର ପ୍ରିୟ ହୋଇପାରିଛି।

ଜଣେ ଲେଖକ ଗପ ଲେଖିବା ପାଇଁ ମନସ୍ଥ କଲେ ନିଜର ସାଂସାରିକ ଜୀବନରୁ ବହୁ ସମୟ କାଢ଼ି ଗପ ପାଇଁ ନିୟୋଜିତ କରିବାକୁ ପଡ଼େ। ଆମର ଯୁବ ଗାଳ୍ପିକ ଆନନ୍ଦ କୁମାର ନିଜର ବ୍ୟସ୍ତ ଜୀବନ ଚକ୍ର, ପେଟପାଟଣାର ଦାୟ ଭିତରେ ଗପ ଲେଖା ପାଇଁ ଯେତିକି ସମୟ ବାହାର କରୁଛନ୍ତି, ତାହାହିଁ ତାଙ୍କ ସାରସ୍ୱତ କର୍ତ୍ତବ୍ୟ ବୋଧ ଏବଂ ଓଡ଼ିଆ ସାହିତ୍ୟ ପାଇଁ ଏକ ଶୁଭ ସୂଚନା କହିଲେ ଅତ୍ୟୁକ୍ତି ହେବନି ନିଶ୍ଚୟ। ଗପ ଲେଖା ପାଇଁ ଗାଳ୍ପିକଙ୍କ ଚରିତ୍ର, ଘଟଣା ଉପରେ ନଜର, ଗପ କିପରି ଆରମ୍ଭ ହେବ, କେଉଁଠି ଶେଷ ହେବ - ଏହି ମନନଶୀଳତାରେ ଗାଳ୍ପିକଙ୍କ ଆନ୍ତରିକତା ଗପରେ ସ୍ପଷ୍ଟ ଦିଶେ। ଗାଳ୍ପିକଙ୍କ ପ୍ରତିଟି ଗଳ୍ପର ଆରମ୍ଭ ଏମିତି ଏକ ଆଶ୍ଚର୍ଯ୍ୟ ଭାବେ ସମ୍ପାଦନ କରନ୍ତି ଯାହା ଗଳ୍ପ ପ୍ରିୟ ପାଠକ ମାନଙ୍କ ପଠନର ଶୋଷକୁ ଦ୍ୱିଗୁଣିତ କରିଦିଏ। ଗାଳ୍ପିକଙ୍କ ଗପମାନଙ୍କରେ ଯେଉଁ ବିଶେଷତ୍ୱ ତାହା ହେଉଛି ଅତି ସାଧାରଣ ଘଟଣାକୁ ଅସାଧାରଣ ଭାବେ ପରିବେଷଣ, ଗ୍ରାମୀଣ ପୃଷ୍ଠଭୂମି, ଭୂମିଲଗ୍ନ ମଣିଷଙ୍କ କଥା, ସାଂସାରିକ, ରାଜନୈତିକ ନେତା ଚାମଚା ମାନଙ୍କର କାରସାଦୀର ଜଲ୍‌ସା ତାଙ୍କ ଗପର ମୁଖ୍ୟ ସୌନ୍ଦର୍ଯ୍ୟ। ତାଙ୍କ ଗପର ବର୍ଣ୍ଣନା ଓ ଚରିତ୍ରର କଥାବାର୍ତ୍ତାର ଭାଷା ବାସ୍ତବ ଲାଗେ, ଛୋଟ ଛୋଟ ପାରାଗ୍ରାଫ୍ ଓ ବଳିଷ୍ଠ ଶବ୍ଦ ସଂଯୋଜନାରେ ମିତବାୟିତା ଦୃଷ୍ଟିରୁ ଯେ କୌଣସି ପାଠକ ତାଙ୍କ ଗପକୁ ଆରମ୍ଭ କଲା ପରେ ନିଶ୍ଚିତ ଶେଷ ନକରି କେବେବି ଛାଡ଼ିବେନି। ନଈର ଅନୁକୂଳ ସ୍ରୋତରେ ପାଠକକୁ କାହାଣି ମାଧ୍ୟମରେ ଭସେଇ ନେବାକୁ ତାଙ୍କ ଗପର କାରୁକାମ ଲକ୍ଷଣୀୟ।

ଆନନ୍ଦ କୁମାରଙ୍କ ଗପରେ ଯେଉଁ ସ୍ୱାଭାବିକ ବିଷୟ ପ୍ରସଂଗ ତାହା ହେଉଛି- ମାନବିକ ସଂପର୍କର ଅବତାରଣା। ଗାଳ୍ପିକଙ୍କ ଗୋଟିଏ ଗପ 'ହାରାମୀ' , ଯେଉଁ ଗପଟିକୁ ମୁଁ ରାଜ୍ୟର ଏକ ଆଗ ଧାଡ଼ିର ବଳିଷ୍ଠ ପତ୍ରିକା ଶୋଭନାର ପୂଜା ବିଶେଷାଙ୍କରୁ ପଢ଼ିବାର ସୁଯୋଗ ପାଇଥିଲି। ଉକ୍ତ ଗପଟି ଏହି ବହିରେ ସ୍ଥାନ ପାଇଛି, ଗପଟି ବେଶ ରୋମାଂଚକର - ରାଜନୀତି ଆକ୍ରୋଶରେ ଲହୁଲୁହାଣ ଜଣେ ରୋଗଗ୍ରସ୍ତ ପୁଅର ବାପା ମିହିରର ଗୋଟେ ଦିନର ସଂଘର୍ଷର ଜୀବନ କୁ ନେଇ ଏ ଗପ। ବହୁତ ସ୍ପର୍ଶକାତର ଓ ନାଟକୀୟ ଏ କାହାଣୀ। ରାଜନୀତିର ପଶାପାଲିରେ ଛଳନା ଓ ପ୍ରତିଶୋଧରେ ଶିକାର ମଣିଷ କିପରି ମାନବିକତା ହରେଇ ହାରାମୀ ମଣିଷ ହୋଇଯାଏ ଏ ଗପରେ ସେ ରୁଦ୍ଧଶ୍ୱାସ ଦୌଡ଼ରେ ରହିଛି ବାସ୍ତବବାଦୀ ବର୍ଣ୍ଣନା। ଗପଟି ସାଂପ୍ରତିକ ଜନଜୀବନର କଥା। ଗପର ଆରମ୍ଭ ଓ ଶେଷ, ଶବ୍ଦ ସଂଯୋଜନା, କାହାଣୀକୁ କ୍ରମାନ୍ୱୟ ଭାବରେ ସଜାଇବା ପାଇଁ ଗାଳ୍ପିକ ନିଶ୍ଚୟ କାରୁକାର୍ଯ୍ୟର ଚରମସୀମା ପର୍ଯ୍ୟନ୍ତ ଯିବାକୁ ବି ବାଦ୍ ଦେଇନାହାନ୍ତି। ଗୋଟାଏ କଥାରେ କୁହାଯାଇପାରିବ ଗପ 'ହାରାମୀ' ସଂଘାତପୂର୍ଣ୍ଣ ଚମତ୍କାର ଗପ। ସେମିତି ଆଉ ଏକ ଗପ ଯେଉଁଦିନ ବର୍ଷା ହୁଏ ପୌରୁଷ ପତ୍ରିକାରୁ ପଢ଼ିଥିଲି, ଯେଉଁଥିରେ ସାଂପ୍ରତିକ ସମାଜର ଚାରିପାଖର ପ୍ରତିମୁହୂର୍ତ୍ତରେ ଘଟିଯାଉଥିବା ଘଟଣା ଗୁଡ଼ିକୁ ଗାଳ୍ପିକ ଏତେ ସୁନ୍ଦର ବର୍ଣ୍ଣନା କରିଛନ୍ତି ତାହା ପ୍ରଶଂସନୀୟ। ଯୋଉଁ ସମସ୍ୟା ବା ପରିସ୍ଥିତି କୁ ଆମେ ସାଧାରଣତଃ ଅଣଦେଖା କରିଦେଉ କିନ୍ତୁ ଏଂ ଗଳ୍ପରେ ଗାଳ୍ପିକ ତାକୁ ଭଲ ଭାବରେ ଦେଖିଛନ୍ତି ଆଉ ଗଳ୍ପରେ ତୋଳିଧରିଛନ୍ତି।

ଗଳ୍ପ 'ହରିନାମ ଜପ'ରେ କେବଳ ପେଟର ଭୋକର କଥା କୁହାଯାଇଛି। ହେଲେ ସେଇ ଭୋକ ଯେ ମଣିଷର ଚରିତ୍ର ଆଉ ଇଜ୍ଜତକୁ ଖାତିର କରେନା ବୋଲି ଗାଳ୍ପିକ ବାସ୍ତବ ଓ ପ୍ରମାଣିତ ଭାବେ ଦର୍ଶାଇଛନ୍ତି। ଚୋର ଚୋରିକଲା ବେଳେ ସୁନା ରୂପା ଚୋରି କରନ୍ତି କିନ୍ତୁ ଏ ଗପରେ ଗାଳ୍ପିକ ସେମିତି କିଛି କରିନାହାନ୍ତି । ନିଜ ସନ୍ତାନ ଆଉ ସ୍ତ୍ରୀର ଭୋକ ଦାଉକୁ ଦେଖି ସମ୍ଭାଳି ନପାରି ମିହିର ମହାପତ୍ର ଘରୁ ପଖଳା ଯାଇଥିବା ଭାତ ହାଣ୍ଡିକୁ ଚୋରି କରି ଆଣିଛି।



ସେଇ ଅପରାଧରେ ସେ ଜେଲ ଯିବା ପରେ ସ୍ତ୍ରୀ ବାରଦ୍ୱାର ହୋଇଛି ଖାଇବା ପାଇଁ, ଯେତେବେଳେ ନପାଇଛି ନିରୁପାୟ ହୋଇ ବୁଢ଼ା ଗଂଜଡ଼ିଆ ବରକୁ ବାହା ହୋଇଛି।

ଏମିତି ଭାବରେ ତାଙ୍କର ପ୍ରତିଟି ଗପରେ ଅସୟତା ପାଇଁ ନିରୁପାୟ, ମୂଲ୍ୟବୋଧ ଓ ସ୍ମୃତି - ଏହି ତ୍ରିବେଣୀ ସଂଗମ ଯୋଗୁଁ ତାଙ୍କ ଗପ ଗୁଡ଼ିକ ପାଠକକୁ ବିଭୋର କରେ। ତାଙ୍କ ଗଳ୍ପର ଶୈଳୀରେ ସାମାନ୍ୟ ରମ୍ୟତାର ସୂକ୍ଷ୍ମ ଉପସ୍ଥାନ ଓ ଶ୍ଳେଷାତ୍ମକ ପରିବେଷଣର ପ୍ରୟୋଗ ଦୃଷ୍ଟିରୁ ଗପ ପଢ଼ିଲେ ମନେ ହୁଏନା ସେ ଜଣେ ଯୁବ କଥାକାର ବୋଲି। ସମାଜ ଓ ମଣିଷକୁ ଗଭୀର ଭାବେ ଅନୁଧ୍ୟାନ କରି ତାକୁ ଗଳ୍ପରେ ନେଇ ଆଣି ଥୋଇ ପାରିବା ହିଁ ତାଙ୍କର ପାରିବାପଣର ମହାନତା। ଗପ 'ମୁକ୍ତି'କୁ ପଢ଼ିଲେ ପାଠକଟିଏ ନିଶ୍ଚୟ ଛଳଛଳ ନହୋଇ ରହିପାରିବେନି। ବାବା, ଅଜଣା ଡର, ଗୋଟିଏ ଡାକ୍ତରର ଅପମୃତ୍ୟୁ ଇତ୍ୟାଦି ଉଦାହରଣଯୋଗ୍ୟ ଗଳ୍ପ ପଢ଼ିଲେ ପାଠକ ତାଙ୍କର ଗଳ୍ପକଳାର ସମୃଦ୍ଧତାର ସନ୍ଧାନ ପାଏ।

ଆନନ୍ଦ କୁମାରଙ୍କ ଚତୁର୍ଥ ଗଳ୍ପ ସଙ୍କଳନ 'ଅମଣିଷ ଓ ଅନ୍ୟାନ୍ୟ ଗଳ୍ପ' ବହୁ ପାଠକଙ୍କ ପ୍ରିୟ ହୋଇପାରିବ ଏହା ନିଃସନ୍ଦେହ। ଓଡ଼ିଆ ଗଳ୍ପ ସାହିତ୍ୟ ପାଇଁ ସେ ହେଉଛନ୍ତି ଲମ୍ୱା ରେସ୍‌ର ଘୋଡ଼ା। ସାରସ୍ୱତ ପୃଥିବୀର ଅପେକ୍ଷାର ଶେଷ ହୋଇଛି ନିଶ୍ଚୟ- ତାଙ୍କର ଏଇ ଗଳ୍ପ ସଙ୍କଳନଟି ଆଗାମୀ କାଲି ଆହୁରି ସଫଳ ଓ ପାଠକପ୍ରିୟ ଗଳ୍ପ ରଚନା ପାଇଁ ପ୍ରୋତ୍ସାହନ କରିବ। ତାଙ୍କର ଗଳ୍ପମାତ୍ରା ନିଶ୍ଚିତ ସୁବର୍ଣ୍ଣ ସ୍ୱାକ୍ଷରରେ ଲିପିବଦ୍ଧ ହେବ - ବହୁ ପାଠକ ସହ ମୁଁ ଆଶାବାଦୀ।

♥ ଭୁବନେଶ୍ୱର

ଛୋଟ ଗଳ୍ପ

# ମଇ ମାସର ଗୋଟେ ରାତି



## ସୁଧାଂଶୁ ଶେଖର ଦ୍ୱିବେଦୀ



ମଇ ମାସ ଆସୁ ଆସୁ କଞ୍ଚା ଆମ୍ବର ଆଚାର କରିବାକୁ ଆବଶ୍ୟକ ପଡେ। ଚଢ଼େଇମାନେ କଞ୍ଚା ଆମ୍ବକୁ ଖଣ୍ଡିଆ କରି ତଳକୁ ପକାନ୍ତି। ଚେଢେଇ ଖିଆ ଆମ୍ବ ସାଉଣ୍ଟି ଆଣି ଚଟଣୀର ମଜା ନିଅନ୍ତି ଅନ୍ୟମାନେ। ପୁଣି ମଇ ମାସର କୌଣସି ଏକ ରବିବାରରେ କଞ୍ଚା ଆମ୍ବ ବିଛେଇବାର ମହା ଅଭିଯାନ ଆରମ୍ଭ ହୋଇଯାଏ। ପୂରା ପରିବାର ଉତ୍ସାହିତ ହୋଇ ମହା ଅଭିଯାନରେ ସମ୍ମିଳିତ ହୁଅନ୍ତି। ନିଧି ମାଉସୀକୁ ସବୁ କଞ୍ଚା ଆମ୍ବ ଦେଇ ଦିଆଯାଏ।

ସେ ତା' ଚୋପା ଛଡେଇ କାଟି କାସୁନ୍ଦି ଆଚାର, ଗୋଟା ଗୋଟା ବଡ଼ ଆଚାର ଆଦି କରି ଘରେ ଜିମା ଦେଇଯାଏ।

ସେଦିନ ମଇ ମାସର ଏକ ବିନାଶକାରୀ ଝଡ଼ ରାତି ଥିଲା। ତିନିଦିନ ପୂର୍ବରୁ କିଛି କଞ୍ଚା ଆମ୍ବ ତା'ଠାରୁ ତୋଳି ଆଣିଥଲେ। ସେଦିନ ରାତିରେ ରାଧୁ ବାବୁ ପୂର୍ବଦିନ ଅପେକ୍ଷା ଶୀଘ୍ର ଅଫିସ୍‌ରୁ ଘରକୁ ପଳେଇ ଆସିଥିଲେ। ଘରେ ସବୁ ଝରକା କବାଟ ବନ୍ଦ କରି ବର୍ଷାର ତାଣ୍ଡବ ପବନର ସାଇଁ ସାଇଁ ଏବଂ କୁଆପଥର ପଡ଼ିବାର ଶବ୍ଦକୁ ସମସ୍ତେ ଭୟାତୁର ଅବସ୍ଥାରେ ଶୁଣିପାରୁଥିଲେ। ରାତି ବାରଟା ବାଜିବାର କିଛିକ୍ଷଣ ପୂର୍ବରୁ ଏକ ଭୟଙ୍କର ଶବ୍ଦରେ ରାଧୁ ବାବୁ ଓ ଘରଲୋକେ ଚମକି ଉଠିଲେ। ବିନାଶକାରୀ ଝଡ଼-ବତାସରେ କବାଟ ଖୋଲିବା ଅସମ୍ଭବ ହେଉଥାଏ। ଭୋର ଭୋର ଝଡ଼ ବତାସ କମି ଯାଇଥାଏ। ରାଧୁ ବାବୁ କବାଟ ଖୋଲି ଦେଖିଲେ ପ୍ରକୃତିର ମହା ବିନାଶରେ କୋଉଠି ବୃକ୍ଷର ଡାଳ ଭାଙ୍ଗି ପଡିଛି ତ କୋଉଠି ପଡ଼ୋଶୀର ଦିସ୍ତା ଛପର ଉଡେଇ ନେଇଛି। ଘରର ପଛ ପଟକୁ ଦୃଷ୍ଟି ଫେରାଇବା ମାତ୍ରେ ତାଙ୍କ ହୃଦୟର ସ୍ପନ୍ଦନ ଥମିଗଲା ପରି ଅନୁଭବ କଲେ। ପ୍ରିୟ ଆମ୍ବ ଗଛ ସମ୍ଭବତଃ ପଚିଶି ଫୁଟ୍ ଦୂରରେ ଚିତ୍ ହୋଇ ପଡିଥାଏ। ତା'ର ଏଭଳି ଦୟନୀୟ ଅବସ୍ଥା ଦେଖି ତାଙ୍କ ଆଖିରେ ଲୁହ ଛଳ ଛଳ ହେଇଗଲା। ତାଙ୍କୁ ଜଣା ଯାଉଥାଏ ଯେମିତି ଘରର କେହି ସଦସ୍ୟ ମୃତବତ୍ ପଡିରହିଛି !

ତାକୁ ଏପରି ଅବସ୍ଥାରେ ଦେଖି ହତପ୍ରଭ ହେଉଥିଲେ ରାଧୁ ବାବୁ। ତିରିଶି ବର୍ଷର ସାଥୀ ଏମିତି ଏକ ଆକସ୍ମିକ ଝଡ଼-ବତାସରେ ଟଳି ପଡିବ ସେ କେବେ କଳ୍ପନା କରିନଥିଲେ। ତା' ଚାଲିଯିବା ତାଙ୍କୁ ଯେତେ ଆଶ୍ଚର୍ଯ୍ୟ ଏବଂ ଭୟଭୀତ କରୁଥାଏ ସେତେ ପରିମାଣରେ ଦୁଃଖ ଦେଇଥାଏ। ତାଠାରୁ ବୟସାଧିକ୍ୟ ସାଥୀମାନେ ଅଗଣାରେ ମୁଣ୍ଡ ଉଠେଇ ସେମିତି ଦାରୁଭୂତ ଭଳି ଠିଆ ହୋଇଛନ୍ତି। ଯେଉଁ ମାନଙ୍କର ଡାଳ ଓ ପତ୍ରର ଘସର୍ ଘସର୍ ଶବ୍ଦ ରାତିସାରା ଶୁଣେଇଛନ୍ତି। ସକାଳେ ଝଡ଼ ବର୍ଷା ଛାଡିଯିବା ପରେ ବି ଦାମ୍ଭିକତାର ବହପ ଦେଖେଇ ହେଉଛନ୍ତି। କିନ୍ତୁ ବଙ୍କେଇ ଟଙ୍କେଇ ଉପରକୁ ଉଠିଥିବା ଯୁବ ସୁଲଭ ଆମ୍ବ ଗଛଟି ଝଡ଼ର ଝଟକାକୁ ସହି ନପାରି ତଳେ ଚିତମାତ୍ ପଡିଯାଇଛି।

ରାଧୁ ବାବୁ ଯେତେବେଳେ ଏ ଘରକୁ ଆସିଲେ ତାଙ୍କରି ଉଚ୍ଚତାରେ ହୋଇଥିଲା ତା'ର ଉଚ୍ଚତା। ପ୍ରତି ସପ୍ତାହରେ ଦୁଇ ତିନି ଥର ପାଣି ଢାଳନ୍ତି ତା' ମୂଳରେ। ଲୋକଙ୍କୁ ପଚାରି ହେଉ କି ନେଟ୍‌ରେ ସର୍ଚ୍ଚ କରି ହେଉ ତା'ର ଉପଯୁକ୍ତ ହେପାଯତ ପାଇଁ ଉର୍ବର ଖତ ଓ ସାର ଦେଇ ବଢ଼େଇଥିଲେ ତାକୁ। ଦେଖୁ ଦେଖୁ ଅଙ୍କା ବଙ୍କା ଡାଳ ସହିତ ଉପରକୁ ବଢିଚାଲିଲା। ଗୋଟେ ତାଲାରୁ ବି ଆହୁରି ଉଚ୍ଚତା ହେଇ ଗଲା। ଆଖପାଖର ସ୍ଥାନକୁ ଠଉରେଇ ନିଜର ଅସ୍ତିତ୍ୱ ମଜବୁତ୍ କରିନେଲା। କେତେ କେତେ ପ୍ରକାର ଚଢେଇ ଗୁଣ୍ଡୁଚୁମୂଷା ଆଦି ତା' ଶାଖା-ପ୍ରଶାଖାରେ ଆଶ୍ରୟ ନେଲେ। ତା' ଡାଳରେ ଚଲାବୁଲା କଲେ, ଖେଳିଲେ, ଗପସପ ହେଲେ, ମଜା-ମସ୍ତି କଲେ।

ଦିନେ ଉପରବେଳା ରାଧୁ ବାବୁ ଛାତରେ ବୁଲୁଥିବା ବେଳେ ମନ ମୋହକ ସୁଗନ୍ଧରେ ବିମୋହିତ ହୋଇ ଦେଖିଲେ ତା' କଅଁଳ ଡେମ୍ପରେ ବଉଳ ଆସିଛି। ହାଲୁକା ହଳଦୀ ରଙ୍ଗର ବଉଳରେ ଅସ୍ତଗାମୀ ସୂର୍ଯ୍ୟଙ୍କ କିରଣ ପଡି ସୁନାରଙ୍ଗ ଭଳି ଦେଖାଯାଉଥାଏ। ମହୁମାଛି ମକରନ୍ଦ ପାନ କରିବା ପାଇଁ ବଉଳ ଚାରିପଟେ ଭୁଉଁ- ଭୁଉଁ ଶବ୍ଦ କରି ଉଡ଼ି ବୁଲୁଥାନ୍ତି। ପ୍ରସନ୍ନତାରେ ମନ ତାଙ୍କର ଭରିଗଲା। ସେଦିନ ସେ ଘରେ ସମସ୍ତଙ୍କୁ ଖୁସିର କଥା ଜଣେଇବା ପାଇଁ ଛାତ ଉପରକୁ ନେଇ ଦେଖେଇଥିଲେ।

ତା'ପରଠାରୁ ପ୍ରତିବର୍ଷ ତା'ର ସୁଆଦିଆ ଫଳ ଦେଇ ଆମକୁ ଆତ୍ମତୃପ୍ତି କରେଇଲା। ତାହା ନୁହେଁ ଯେ କିଛି କଷ୍ଟ ସହିନାହିଁ ! ଆପେ ଆପେ ଶାଖା-ପ୍ରଶାଖା ପ୍ରସାରି ଏତେ ବଡ଼ ହୋଇଛି ! ପାଞ୍ଚ ବର୍ଷ ପୂର୍ବରୁ ଯେବେ ନୂଆ ଘର ନିର୍ମାଣ ହେଲା କୁରାଢ଼ୀର ଚୋଟ ଖାଇଛି। ଘର ନିର୍ମାଣରେ ବାଧା ହେବାରୁ ତା' ଗଣ୍ଡିରୁ ଏକ ବହଳ ଡାଳକୁ କଟା ହୋଇଛି। ତଥାପି ନିରୀହ ପରି ସବୁ ସହ୍ୟ କରି ସବୁଜିମାରେ ପ୍ଲାବିତ କରିଛି ନିଜକୁ।

ସାଧାରଣତଃ ଆମ୍ବ ଗଛ ନିଜ ସ୍ୱଭାବର ବିଶେଷତା ହେତୁ ପ୍ରସାରିତ ହୋଇଥାଏ ଏବଂ ଏକ ପ୍ରଶସ୍ତ ସ୍ଥାନକୁ ଆବୋରି ନେଇଥାଏ। ସମ୍ଭବତଃ ସହରର ବିଶେଷତାକୁ ଉପଲବ୍ଧି କରି ପ୍ରସାରିତ ହେବା ପରିବର୍ତ୍ତେ ଉପରକୁ ଅଙ୍କା ବଙ୍କା ହୋଇ ବଢିଛି। ଦୁଇ ତାଲାରୁ ଅଧିକ ଉଚ୍ଚତା ହୋଇଯାଇଥିଲା। ରାଧୁବାବୁଙ୍କ ଘରର ଗର୍ବ ଓ ପରିଚୟ ହୋଇ ଯାଇଥିଲା ସେଇ ଆମ୍ର ବୃକ୍ଷ। କେହି ଅଜଣା ଅତିଥି ତାଙ୍କ ଘରକୁ ଆସିଲେ ପଡ଼ୋଶୀମାନେ ବଙ୍କା ଆମ୍ବ ଗଛର ପରିଚୟ ଦେଇ ରାସ୍ତା ବତେଇଦିଆନ୍ତି।

♥ ବିସି-୭୪, ସଲ୍ଟ ଲେକ୍,
କଲକତା-୬୪
ମୋ-୯୬୮୧୩୭୩୫୧୨

# ଓଡ଼ିଶା-ପଶ୍ଚିମବଙ୍ଗ ସୀମାକୁ ଯୋଡ଼ିବ ନୂଆ ରାସ୍ତା: ଜଳେଶ୍ୱରରେ ଆନ୍ତଃରାଜ୍ୟ ସଡ଼କ ପ୍ରକଳ୍ପର ଶୁଭ ଭୂମିପୂଜା ଓ ଉଦ୍ଘାଟନ



ଜଳେଶ୍ୱର, ୨୩/୫ (ନି.ପ୍ର): ଓଡ଼ିଶା ଓ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ମଧ୍ୟରେ ଯୋଗାଯୋଗ ଏବଂ ବ୍ୟବସାୟିକ ସମ୍ପର୍କକୁ ଆହୁରି ମଜବୁତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନିଆଯାଇଛି। ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ଆନ୍ତଃରାଜ୍ୟ ସଂଯୋଗୀକରଣ ଯୋଜନାରେ ଜଳେଶ୍ୱର ଅଞ୍ଚଳରେ ଏକ ପ୍ରମୁଖ ସଡ଼କ ପ୍ରକଳ୍ପର ଶୁଭ ଉଦ୍ଘାଟନ ଓ ଭୂମିପୂଜା ଆଜି ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଜଳେଶ୍ୱର ବ୍ଲକ ନଛିମପୁର ଗ୍ରାମର ତାରିଣୀ ଛକ ଠାରୁ (ଭାୟା ସାହାଡ଼ାପଡ଼ା) ପଶ୍ଚିମବଙ୍ଗ ଦାନ୍ତୁନ ବ୍ଲକର ଜେନାଦିଘି ବୋର୍ଡର ପର୍ଯ୍ୟନ୍ତ ଏହି ନୂତନ ରାସ୍ତା ନିର୍ମାଣ କାର୍ଯ୍ୟର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଛି। ଏହି ସଡ଼କ ନିର୍ମାଣ ହେବା ଫଳରେ ଓଡ଼ିଶାର ଜଳେଶ୍ୱର ଅଞ୍ଚଳ ସହିତ ପଶ୍ଚିମବଙ୍ଗର ଦାନ୍ତୁନ ବ୍ଲକ ମଧ୍ୟରେ ଯାତାୟାତ ବ୍ୟବସ୍ଥା ଅତି ସହଜ ଓ ସୁଗମ ହେବ।ଏହି ପ୍ରକଳ୍ପ ଦୁଇ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ସାମାଜିକ ସମ୍ପର୍କକୁ ନିବିଡ଼ କରିବା ସହ ସ୍ଥାନୀୟ ବ୍ୟବସାୟ ଓ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଆସନ୍ତା ୩ ମାସ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଶୁଭ ଭୂମିପୂଜା ଓ ଉଦ୍ଘାଟନୀ ଉତ୍ସବରେ ସ୍ଥାନୀୟ ନେତୃବୃନ୍ଦ ଓ ପ୍ରଶାସନିକ ପ୍ରତିନିଧିମାନେ ସାମିଲ ହୋଇଥିଲେ। ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ, ବିଜେପି ବିଧାୟକ ପ୍ରାର୍ଥୀ ତଥା ସମିତି ସଭ୍ୟ ବ୍ରଜମୋହନ ପ୍ରଧାନ ଏବଂ ସରପଞ୍ଚ ରାଜେଶ ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏଥିସହିତ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିତ୍ୱ ରତନ ସେଣ, ଅମୂଲ୍ୟ ପାତ୍ର, ରାମଚନ୍ଦ୍ର ପ୍ରଧାନ, ନାରାୟଣ ଗିରି, ଗୋପାଳ ରାଉଳ, ଆଦିକନ୍ଦ ଦେ, ନରୋତ୍ତମ ଗିରି, ହରିଶ୍ଚନ୍ଦ୍ର ଦେ, ଅଭିମନ୍ୟୁ ସେଣ, ଅମର ପାତ୍ର, ସୂର୍ଯ୍ୟକାନ୍ତ ଦେ, ଉମାକାନ୍ତ ଦେ, ନନ୍ଦ ଗୋପାଳ ରାଜା, ଗଣେଶ ପାତ୍ର, ସୁଜୟ ପାତ୍ର, ପଦ୍ମ ଲୋଚନ ସେଣ, ସତ୍ୟ ଭୂୟାଁ, ହରିଶଙ୍କର ସେଣ, ରାମ ଶଙ୍କର ସେଣ, ମଧୁସୂଦନ ସିଂ ଏବଂ ବିଜୟ ପାତ୍ରଙ୍କ ସମେତ ଶତାଧିକ ସ୍ଥାନୀୟ ଜନସାଧାରଣ ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ଏହି ଶୁଭ କାର୍ଯ୍ୟକୁ ସମ୍ପାଦନ କରିଥିଲେ। ଦୀର୍ଘ ଦିନର ଦାବି ପୂରଣ ହେବାକୁ ଯାଉଥିବାରୁ ଏବଂ ପଡ଼ୋଶୀ ରାଜ୍ୟ ସହ ସିଧାସଳଖ ଯୋଗାଯୋଗର ଏହି ନୂଆ ମାଧ୍ୟମକୁ ନେଇ ଜଳେଶ୍ୱର ଓ ସୀମାନ୍ତ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଆନନ୍ଦର ମାହୋଲ ଦେଖିବାକୁ ମିଳିଛି।

# ଗୀତାଞ୍ଜଳି ସାହୁ ପାଇଲେ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ -୨୦୨୬



ଭୁବନେଶ୍ୱର, ୨୩/୫ (ନି.ପ୍ର): ଭୁବନେଶ୍ୱର ଜୟଦେବ ଭବନ ପରିସରରେ ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ୍ ଫୋରମ୍ ଓ ରାଜୀବ ଗାନ୍ଧୀ ଷ୍ଟଡି ସର୍କଲ ପକ୍ଷରୁ ଭାରତ ରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୩୫ ତମ ଶ୍ରାଦ୍ଧ ଦିବସରେ ଓଡ଼ିଶାର କୋଣ ଅନୁକୋଣରରୁ ଜାତୀୟ ସେବା ଯୋଜନା, ଯୁବ ରେଡ୍ କ୍ରସ୍, ଭାରତ ସ୍କାଉଟ୍ ଗାଇଡ୍, ଏନ୍ସିସି, କଳା, ସଙ୍ଗୀତ, ସାହିତ୍ୟ, ବିଜ୍ଞାନ ଓ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କରିଥିବା ବିଭିନ୍ନ ମହାବିଦ୍ୟାଳୟ , ବିଶ୍ୱବିଦ୍ୟାଳୟ , ବିଦ୍ୟାଳୟର ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ମାନଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ -୨୦୨୬ ରେ ସମ୍ମାନିତ କରାଯାଇଥିଲା, ଏହି ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନ ବାବା ପଞ୍ଚଲିଙ୍ଗେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ , ସନ୍ତରାଗଡିଆ, ବାଲେଶ୍ୱରର ଆଗ ଧାଡ଼ିର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଗୀତାଞ୍ଜଳି ସାହୁଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ ୨୦୨୬ ରେ ସମ୍ବର୍ଦ୍ଧିତ କରାଯାଇଥିଲା । ସୂଚନା ଯୋଗ୍ୟଯେ ଗୀତାଞ୍ଜଳି ବାଲେଶ୍ୱର ଜିଲ୍ଲା , ସୋର ବ୍ଲକ୍, ମାଣତ୍ରୀ ଗ୍ରାମର ପିତା ଘନଶ୍ୟାମ ସାହୁ ଓ ମାତା କୌଶଲ୍ୟା ସାହୁଙ୍କ କନିଷ୍ଠା କନ୍ୟା, ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟ , ସନ୍ତରାଗାଡିଆ, ବାଲେଶ୍ୱର ରେ ଅଧ୍ୟାପନା ସହିତ ସେ ବୃକ୍ଷରୋପଣ, ପରିବେଶ ସୁରକ୍ଷା, ରକ୍ତଦାନ, ନିଶା ନିବାରଣ, ସ୍ୱାସ୍ଥ୍ୟ ସେବା , ଭଳି ଅନେକ ଜନହିତକର କାର୍ଯ୍ୟମାନ ମହାବିଦ୍ୟାଳୟର ଅଧକ୍ଷ ଗୌରହରି ଜେନା ଓ କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀହରି ଶଙ୍କର ପାଣଗ୍ରାହୀଙ୍କ ମାର୍ଗଦର୍ଶନରେ କରନ୍ତି। ଏହି ପୁରସ୍କାର ପାଇବା ପରେ ତାଙ୍କୁ ଅନେକ ଆଡୁ ଶୁଭେଚ୍ଛାର ସୁଅ ଛୁଟିଚି । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ୍ ଫୋରମର ସଭାପତି ସତ୍ୟବ୍ରତ ନାୟକଙ୍କ ସଭାପତିତ୍ୱରେ ମଞ୍ଚାସିନ ଅତିଥି ଭାବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଜଷ୍ଟିସ୍ ଡ଼ ଡିପି ଚୌଧୁରୀ , ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର କୁମରବର ଦାସ୍ , ଓଡ଼ିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବରିଷ୍ଠ ସାମ୍ବାଦିକ ତଥା ଓପିସିସିବମିଡ଼ିଆ ସେଲର ଅଧକ୍ଷ ଅରବିନ୍ଦ ଦାସ , ପର୍ଯ୍ୟବେକ୍ଷକ ଓ କଳିଙ୍ଗ ଗଣମାଧମର ମୁଖ୍ୟ ସମ୍ପାଦକ ଡ଼ ପବିତ୍ର ମୋହନ ସାମନ୍ତରାୟ , ପୂର୍ବତନ ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ଆଧୁନିକ ଭାରତର ନବନିର୍ମାତା, ଭାରତୀୟ ରାଜନୀତିର ପ୍ରମୁଖ ବିଦ୍ଧାଣି ପରୋପକାରୀ , ଆଦର୍ଶ ଜନ ସେବକ ତଥା ସୋସିଆଲ ମିଡ଼ିଆର ମୁଖ୍ୟ ଜନନାୟକ , ଯୁବ ଶକ୍ତି ମାନଙ୍କ ନେତୃତ୍ୱ ଭାବରେ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଗୁଣଗାନ କରିଥିଲେ ଶେଷରେ ଉତ୍ତର ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ୍ ଫୋରମର ସଂଯୋଜକ ଦେବେନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ୍ ଦେଇଥିଲେ । ଗୀତାଞ୍ଜଳିଙ୍କ ଏହି ସଫଳତା ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ, ବାଲେଶ୍ୱର ଜିଲ୍ଲାର ଜାତୀୟ ସେବା ଯୋଜନା ସଂଯୋଜକ ପ୍ରଫେସର ଅମୂଲ୍ୟ ଆଚାର୍ଯ୍ୟ, ପୂର୍ବତନ ଓ ବର୍ତ୍ତମାନର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଗୌରାଙ୍ଗ ପଣ୍ଡା ଓ ପ୍ରତିମା ପ୍ରଧାନ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## କୁଆଖାଇ ନଦୀତଟରୁ ୩୮ଟି ହାଇୱା ଓ ୧ଟି ଜେସିବି ଜବତ

ଭୁବନେଶ୍ୱର, ୨୩/୫ (ନି.ପ୍ର): ବାଲି ଚୋରା ଚାଲାଣ ରୋକିବା ପାଇଁ ନନ୍ଦନକାନନ ପୋଲିସ ପକ୍ଷରୁ ବିଶେଷ ଅଭିଯାନରେ କୁଆଖାଇ ନଦୀତଟରୁ ୩୮ଟି ହାଇୱା ଓ ୧ଟି ଜେସିବି ଜବତ କରାଯାଇଛି।
ସୂଚନା ଅନୁଯାୟୀ ଗତକାଲି ରାତିରେ କଲ୍ୟାଣପୁର ବାଲିଘାଟରୁ ଅବୈଧ ଭାବେ, ବିନା ସଠିକ କାଗଜପତ୍ର ରେ ବାଲିର ଚୋରା ଚାଲାଣ କରୁଥିବା ୩୮ଗୋଟି ହାଇୱା , ଗୋଟିଏ ଜେସିବି ଓ ୨ ଟି ପ୍ରୋକଲିନ୍ କୁ ଜବତ କରି ତାଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।
ଭୁବନେଶ୍ୱ- କଟକ ପୋଲିସ୍ କମିଶନର ସୁରେଶ ଦେବଦତ ସିଂହ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

# ମାତୃଭାଷା ପ୍ରତି ସିବିଏସଇର ବିଚିତ୍ର ନୀତି: ଡ. ରାଧାରଂଜନ



ବାଲେଶ୍ୱର, ୨୩/୫ (ନି.ପ୍ର): ଓଡ଼ିଶାର ଶିକ୍ଷା ସଂସ୍କୃତି ଓ ମାତୃଭାଷାର ସୁରକ୍ଷାକୁ ନେଇ ଏକ ଗମ୍ଭୀର ସଙ୍କଟ ସୃଷ୍ଟି ହୋଇଛି, ଯାହା ବିରୋଧରେ ପ୍ରତିଷ୍ଠିତ ଶିକ୍ଷାବିତ ତଥା ସାରସ୍ୱତ ସାଧକ ଡ. ରାଧାରଞ୍ଜନ ପଟ୍ଟନାୟକ ପ୍ରତିବାଦର ସ୍ୱର ଉତ୍ତୋଳନ କରିଛନ୍ତି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ଉଇଝରେ) ପକ୍ଷରୁ ଆଗାମୀ ୨୦୨୬-୨୭ ଶିକ୍ଷାବର୍ଷରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ତୃତୀୟ ଭାଷା ପରୀକ୍ଷା ଉଚ୍ଛେଦ କରାଯିବା ନେଇ ଯେଉଁ ନିଷ୍ପତ୍ତି ପ୍ରକାଶ ପାଇଛି, ତାହାକୁ ଓଡ଼ିଆ ଭାଷାକୁ ଶିକ୍ଷା ବ୍ୟବସ୍ଥାରୁ ଦୂରେଇ ଦେବାର ଏକ ସୁଚିନ୍ତିତ ଚକ୍ରାନ୍ତ ବୋଲି ସେ ଅଭିହିତ କରିଛନ୍ତି। ସିବିଏସଇର ଏଭଳି ଏକତରଫା ଆଭିମୁଖ୍ୟ ବିରୋଧରେ ଡ. ପଟ୍ଟନାୟକ ମାନ୍ୟବର ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଜରୁରୀ ପ୍ରେସ ବିବୃତି ଜାରି କରି ତୁରନ୍ତ ହସ୍ତକ୍ଷେପ କରିବାକୁ ଦୃଢ଼ ଦାବି କରିଛନ୍ତି। ଶିକ୍ଷାବିତ ଡ. ପଟ୍ଟନାୟକ ନିଜ ବିବୃତିରେ ଦର୍ଶାଇଛନ୍ତି ଯେ, ଯେଉଁ ମାତୃଭାଷା ଶିକ୍ଷାର ପ୍ରଥମ ଓ ପ୍ରଧାନ ଭାଷାର ମର୍ଯ୍ୟାଦା ପାଇବା କଥା, ସିବିଏସଇ ନିଜର ମନମୁଖୀ ଗାଇଡ଼ଲାଇନ ବଳରେ ତାହାକୁ ତୃତୀୟ ଭାଷାର ସ୍ଥାନକୁ ଠେଲି ଦେଇଛି। ଏହି ବ୍ୟବସ୍ଥାରେ ଇଂରାଜୀକୁ ପ୍ରଥମ ଏବଂ ହିନ୍ଦୀକୁ ଦ୍ୱିତୀୟ ସ୍ଥାନ ଦିଆଯାଇଥିବା ବେଳେ ଆଞ୍ଚଳିକ ମାତୃଭାଷାକୁ ଅବହେଳିତ ତୃତୀୟ ସ୍ଥାନରେ ରଖାଯାଇଛି। ବାସ୍ତବରେ ନିୟମ ଅନୁସାରେ ଯେଉଁ ରାଜ୍ୟର ପିଲା, ସେହି ରାଜ୍ୟର ଭାଷା ହିଁ ପ୍ରଥମ ଭାଷା ହେବା ଉଚିତ। ପୂର୍ବରୁ ପ୍ରଚଳିତ ପରମ୍ପରା ଅନୁଯାୟୀ ଇଂରାଜୀ ସହିତ ହିନ୍ଦୀ, ଓଡ଼ିଆ କିମ୍ବା ସଂସ୍କୃତ ମଧ୍ୟରୁ ଛାତ୍ରଛାତ୍ରୀମାନେ ନିଜ ରୁଚି ଅନୁସାରେ ବିଷୟ ନିର୍ବାଚନ କରି ପଢ଼ିବା ସହ ପରୀକ୍ଷା ଦେଉଥିଲେ। ମାତ୍ର ବର୍ତ୍ତମାନର ଏହି ନୂତନ ନିୟମର କୁପରିଣାମ ସ୍ୱରୂପ ଓଡ଼ିଶାରେ ଥାଇ ମଧ୍ୟ କେତେକ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓଡ଼ିଆ ଭାଷାକୁ ସଂପୂର୍ଣ୍ଣ ବାଦ୍ ଦେଇ କେବଳ ହିନ୍ଦୀ ଓ ସଂସ୍କୃତ ପଢ଼ାଉଛନ୍ତି, ଯାହା ଅତ୍ୟନ୍ତ ପରିତାପର ବିଷୟ। ଏହି ନୀତିକୁ ତୀବ୍ର ସମାଲୋଚନା କରି ଡ. ପଟ୍ଟନାୟକ ପ୍ରଶ୍ନ ଉଠାଇଛନ୍ତି ଯେ, ଗୋଟିଏ ନିର୍ଦ୍ଦିଷ୍ଟ ରାଜ୍ୟରେ ପ୍ରତିଷ୍ଠିତ ବିଦ୍ୟାଳୟଗୁଡ଼ିକରେ ଯଦି ସେହି ରାଜ୍ୟର ସ୍ୱାଭିମାନ ଓ ମାତୃଭାଷାକୁ ଗୁରୁତ୍ୱ ଦିଆନଯିବ, ତେବେ ସରକାର ମାତୃଭାଷାର ଭବିଷ୍ୟତକୁ କେଉଁ ଆଡ଼କୁ ନେଇଯାଉଛନ୍ତି ? କେବଳ ନବମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ତ୍ରିଭାଷା ସୂତ୍ର ଅଧୀନରେ ଓଡ଼ିଆ ପଢ଼ିବେ ଏବଂ ଦଶମ ଶ୍ରେଣୀରେ ବୋର୍ଡ ପରୀକ୍ଷା ଦେବେ ନାହିଁ, ଏହା କେଉଁ ପ୍ରକାରର ବିକୃତ ମାନସିକତା ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏଭଳି ପରିସ୍ଥିତିରେ ଯେଉଁ ଛାତ୍ରଛାତ୍ରୀମାନେ ଦଶମ ଶ୍ରେଣୀ ପରେ ସିବିଏସଇ ଛାଡ଼ି ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା କଲେଜଗୁଡ଼ିକରେ ନାମ ଲେଖାଇବେ, ସେମାନେ ଓଡ଼ିଆ ଭାଷାକୁ କିପରି ଆୟତ୍ତ କରିବେ ଏବଂ ନିଜ ମାତୃଭାଷାରେ ଶିକ୍ଷା ଗ୍ରହଣ କରିବେ, ତାହା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଗତ ଦିନରେ ଏହି ମାତୃଭାଷା ଓଡ଼ିଆ ପାଇଁ ହିଁ ସିବିଏସଇର ଛାତ୍ରଛାତ୍ରୀମାନେ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହେଉଥିଲେ, ଯାହା ସେମାନଙ୍କ ସାମଗ୍ରିକ ସଫଳତାରେ ବଡ଼ ଭୂମିକା ଗ୍ରହଣ କରୁଥିଲା। ତେଣୁ ଓଡ଼ିଆ ଭାଷାର ଅସ୍ତିତ୍ୱ ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାର ଏହି ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ତୁରନ୍ତ ଧ୍ୟାନ ଦେବା ଆବଶ୍ୟକ। ମାନ୍ୟବର ଶିକ୍ଷାମନ୍ତ୍ରୀ ଏହି ବିଷୟରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ପୂର୍ବଭଳି କିପରି ତୃତୀୟ ଭାଷା ଭାବେ ଓଡ଼ିଆ ପରୀକ୍ଷା ଦେଇପାରିବେ, ସେଥିପାଇଁ ଏକ ଦୃଢ଼ ସରକାରୀ ଆଦେଶନାମା ଜାରି କରନ୍ତୁ ବୋଲି ଶିକ୍ଷାବିତ ଡ. ରାଧାରଞ୍ଜନ ପଟ୍ଟନାୟକ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଜୋରଦାର ଦାବି କରିଛନ୍ତି।

# ଇବୋଲା ରୋଗ ଉପରେ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୨୩/୫ (ନି.ପ୍ର): ରାଜ୍ୟ ସଚିବାଳୟରେ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଇବୋଲା ଭାଇରସ୍ ସମ୍ଭାବ୍ୟ ସଂକ୍ରମଣ ପ୍ରତିରୋଧ ଓ ପ୍ରସ୍ତୁତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟରେ ସତର୍କତାମୂଳକ ପଦକ୍ଷେପ, ଏଥିପାଇଁ ଆବଶ୍ୟକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପ୍ରସ୍ତୁତି ଓ ଆବଶ୍ୟକ ଚିକିତ୍ସା ସୁବିଧା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ମନ୍ତ୍ରୀ ରାଜ୍ୟର ସମସ୍ତ ବିମାନବନ୍ଦରରେ ସ୍କ୍ରିନିଂ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ସନ୍ଦିଗ୍ଧ ରୋଗୀଙ୍କ ଚିହ୍ନଟ, ଆଇସୋଲେସନ୍ ୱାର୍ଡର ପ୍ରସ୍ତୁତି, ଔଷଧ ଓ ସୁରକ୍ଷା ସାମଗ୍ରୀର ଉପଲବ୍ଧତା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ବୈଠକରେ ଜନସାଧାରଣଙ୍କ ମଧ୍ୟରେ ଇବୋଲା ଭାଇରସ୍ ସମ୍ପର୍କିତ ସଚେତନତା ବୃଦ୍ଧି, ଭୟ ଓ ଗୁଜବକୁ ଦୂର କରିବା ପାଇଁ ସଠିକ୍ ସୂଚନା ପ୍ରଚାର କରିବାକୁ ମଧ୍ୟ ନିଷ୍ପତି ନିଆଯାଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଟ୍ରମ୍ପଙ୍କ ଝିଅ ଇଭାଙ୍କାଙ୍କୁ ...

ୱାଶିଂଟନରେ ଇରାକୀ ଦୂତାବାସର ପୂର୍ବତନ ଡେପୁଟି ମିଲିଟାରୀ ଆଟାଚି ଏଣ୍ଟିଫାଦ କନବାର ଏହି ଆତଙ୍କବାଦୀ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଜାରି କରିଛନ୍ତି। ସେ କହିଛନ୍ତି, କାସେମ ସୋଲେମାନିର ହତ୍ୟା ପରେ, ଅଲ-ସାଦି ଇଭାଙ୍କା ଟ୍ରମ୍ପଙ୍କୁ ହତ୍ୟା କରି ପ୍ରତିଶୋଧ ନେବାକୁ ଚାହୁଁଥିଲେ । ଟ୍ରମ୍ପଙ୍କ ସମଗ୍ର ପରିବାରକୁ ଜଳାଇ ପାଉଁଶ କରିଦେବା ଉଚିତ ବୋଲି ସେ ଭାବୁଥିଲେ ।

## ପଞ୍ଚାୟତ ନିର୍ବାଚନ...

ଗଜପତି, ରାୟଗଡ଼ା, ମାଲକାନଗିରି ଓ ନବରଙ୍ଗପୁର ଭଳି ସୀମାନ୍ତ ଅଞ୍ଚଳରେ ମୌଳିକ ସୁବିଧା ଅଭାବରୁ ଲୋକମାନଙ୍କ ମଧ୍ୟରେ ଓଡ଼ିଶା ସରକାର ପ୍ରତି ଅସନ୍ତୋଷ ରହିଛି । ଆନ୍ଧ୍ର ପ୍ରଦେଶ ପକ୍ଷରୁ ସୀମାନ୍ତ ଗାଁରେ ରାସ୍ତା, ଭତ୍ତା, ସ୍ୱାସ୍ଥ୍ୟ ସୁବିଧା, ବିଦ୍ୟୁତ୍ ଓ ଅନ୍ୟ ଯୋଜନାରେ ସ୍ଥାନୀୟ ପଞ୍ଚାୟତବାସୀ ସୁବିଧା ପାଉଥିବାରୁ ଓଡ଼ିଶାର ପଞ୍ଚାୟତ ନିର୍ବାଚନ କୁ ବ୍‌ଏ କଟ କରିପାରନ୍ତି । କିନ୍ତୁ କେନ୍ଦ୍ରମନ୍ତ୍ରୀ କହୁଛନ୍ତି ପୂର୍ବ ସରକାରରେ ଲୋକ ଭୋଟ୍ ଦେଉନଥିଲେ ଏ ସରକାରରେ କିନ୍ତୁ ବିକାଶ ଦେଖିକି ଭୋଟ ବର୍ଜନ କରିବେନି ।

## ନୂଆ ବଦଳି ନୀତି ଆଣିଲେ...

ନଜର ପକାନ୍ତୁ ଏହି ଚିଠି ଉପରେ, ସାଧରଣ ପ୍ରଶାସନ ବିଭାଗ ପକ୍ଷରୁ ସବୁ ବିଭାଗ, ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ରାଜ୍ୟରେ ଅଫିସର ଓ ଅଧିକାରୀଙ୍କ ନିଯୁକ୍ତି, ବଦଳିକୁ ଶୃଙ୍ଖଳିତ ଓ ସ୍ୱଚ୍ଛତା ରଖିବାକୁ ନୂଆ ବଦଳିନୀତି ଆଣିଛନ୍ତି ସରକାର । ବୁକ ସର୍କୁଲାର ୪୨ ଓ ବିଭିନ୍ନ ସମୟରେ ଜାରି ହୋଇଥିବା ନିର୍ଦ୍ଦେଶାବଳିକୁ ଅନୁପାଳନ କରାଯାଉନଥିବା ସରକାରଙ୍କ ନଜରକୁ ଆସିଥିଲା ।

## ଆହୁରି ୫ ଦିନ ଜଳିବ...

ବଲାଙ୍ଗିରରେ ଉଷ୍ଣରାତି ଅନୁଭୂତ ହେବ । ଏଥିସହ ଗରମ ଓ ଗୁଳୁଗୁଳି ପାଇଁ ୧୪ ଜିଲ୍ଲାକୁ ଏବଂ କାଳବୈଶାଖୀ ପାଇଁ ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେପଟେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପୁଣି ଆଗକୁ ବଢ଼ିଛି । ଆରବ ସାଗରର କିଛି ଅଂଶ, କୋମୋରିନ ଅଞ୍ଚଳ, ଦକ୍ଷିଣ-ପଶ୍ଚିମ, ଦକ୍ଷିଣ-ପୂର୍ବ ଓ ପୂର୍ବ-ମଧ୍ୟ ବଙ୍ଗୋପସାଗର ଏବଂ ଆଣ୍ଡାମାନ ସାଗରର ଅଧିକାଂଶ ଅଞ୍ଚଳକୁ ଅଗ୍ରସର ହୋଇଛି ।

## ଛୁଟିରେ ଅଫିସ୍ ଆସିଲେ...

ଆଜିର ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର, ଗୃହ ସଚିବ ହେମନ୍ତ ଶର୍ମା ଓ ପୁଲିସ ଡିଜି ୱାଇବି ଖୁରାନିଆଙ୍କ ସହ ରାଜ୍ୟର ଆଇନଶୃଙ୍ଖଳା ଓ ଶିକ୍ଷାୟନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟରେ ବିଗତ କିଛିଦିନ ଧରି ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପୁଲିସ ବିଫଳ ହୋଇଥିବାବେଳେ ସରକାରଙ୍କୁ ବେଶ୍ ସମାଲୋଚିତ ହେବାକୁ ପଡୁଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଚଳିତମାସ ୯ ତାରିଖ ଓ ୧୪ତାରିଖରେ ଦୁଇଥର ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିର ଉଚ୍ଚସ୍ତରୀୟ ସମୀକ୍ଷା କରି ପୁଲିସକୁ କଡ଼ା ଭାଷାରେ ଚେତାବନୀ ଦେଇଥିଲେ। ଆଜି ପୁଣିଥରେ ପୁଲିସ ଡିଜି ଓ ଗୃହ ସଚିବଙ୍କ ସହ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନାକୁ ପ୍ରଶାସନିକ ମହଲରେ ବେଶ୍ ଗୁରୁତ୍ୱ ଦିଆଯାଉଛି। ରାଜ୍ୟର ବିଜେପି ସରକାର ଆଉ ଦୁଇ ସପ୍ତାହପରେ ନିଜର ଦୁଇବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଥିବାବେଳେ ଆଇନଶୃଙ୍ଖଳା ପରିସ୍ଥିତି ସରକାରଙ୍କ ଚିନ୍ତା ବଢ଼ାଇଛି।

## ଇରାନ ଯୁଦ୍ଧ ମଧ୍ୟରେ ଆର୍ଥିକ...

ଏହା ମାଧ୍ୟମରେ ଦେଶଗୁଡ଼ିକ ପ୍ରାୟ ୨୦ ରୁ ୨୫ ବିଲିୟନ ଡଲାରର ତୁରନ୍ତ ପାଣ୍ଠି ପାଇପାରିବେ ଏବଂ ଆଗାମୀ ୬ ମାସ ମଧ୍ୟରେ ନିଜର ପୋର୍ଟଫୋଲିଓ ବଦଳାଇ ଏହାକୁ ୬୦ ବିଲିୟନରୁ ସର୍ବାଧିକ ୧୦୦ ବିଲିୟନ ଡଲାର ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ। ଏହି ସୁବିଧା ପାଇବାକୁ ଥିବା ୧୦୧ଟି ଦେଶ ମଧ୍ୟରେ ୫୪ଟି ଦେଶ ''ରାପିଡ୍ ରେସପନ୍ସ ଅପ୍ସନ'' ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି, ଯାହା ସେମାନଙ୍କୁ ନିଜର ଅବ୍ୟବହୃତ ପାଣ୍ଠିରୁ ୧୦% ତୁରନ୍ତ ବ୍ୟବହାର କରିବାର ଅନୁମତି ଦେଇଥାଏ। ଅର୍ଥନୈତିକ ବିଶେଷଜ୍ଞ କେଭିନ୍ ଗାଲାଘରଙ୍କ ଅନୁଯାୟୀ, ସଙ୍କଟଗ୍ରସ୍ତ ଦେଶଗୁଡ଼ିକ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ୍) ଅପେକ୍ଷା ବିଶ୍ୱ ବ୍ୟାଙ୍କରୁ ଋଣ ନେବାକୁ ଅଧିକ ପସନ୍ଦ କରୁଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ଆଇଏମଏଫର କାର୍ଯ୍ୟକ୍ରମଗୁଡ଼ିକରେ କଠୋର ଆର୍ଥିକ ସଂସ୍କାର ବା ସଂକୋଚନ ନୀତି ରହିଥାଏ, ଯାହା କେନ୍ୟା ଭଳି ଦେଶଗୁଡ଼ିକରେ ଚାଲିଥିବା ଜନ ଅସନ୍ତୋଷ ଓ ସାମାଜିକ ବିଦ୍ରୋହକୁ ଆହୁରି ବଢ଼ାଇ ଦେଇପାରେ। ଯଦିଓ ଆଇଏମଏଫ୍ ମୁଖ୍ୟ କ୍ରିଷ୍ଟାଲିନା ଜର୍ଜିଭା ପ୍ରାୟ ୧୨ଟି ଦେଶ ଆଗାମୀ ଦିନରେ ୨୦ ରୁ ୫୦ ବିଲିୟନ ଡଲାରର ଜରୁରୀ ସହାୟତା ମାଗିପାରନ୍ତି ବୋଲି ଆଶା କରିଥିଲେ, କିନ୍ତୁ ବର୍ତ୍ତମାନ ଅଧିକାଂଶ ଦେଶ ପରିସ୍ଥିତିକୁ ପରଖିବା ସହ 'ଅପେକ୍ଷା କର ଏବଂ ଦେଖ' ନୀତି ଆପଣାଇଛନ୍ତି।

# ପିଏନଜି ଯୋଗାଣ ପାଇଁ ଗେଲ୍ , ଇଣ୍ଡିଆ ଲିମିଟେଡ୍ ସହ ସେଲ୍, ରାଉରକେଲା ଇସ୍ପାତ କାରଖାନାର ଚୁକ୍ତିନାମା ସ୍ୱାକ୍ଷରିତ




ରାଉରକେଲା, ୨୩/୫ (ନି.ପ୍ର): ସେଲ୍‌ର ରାଉରକେଲା ଇସ୍ପାତ କାରଖାନା ଏବଂ ମେସର୍ସ ଗ୍ୟାସ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିନାମା ଅଧୀନରେ, ମେସର୍ସ ଗେଲ୍ ପକ୍ଷରୁ ରାଉରକେଲା ଇସ୍ପାତ କାରଖାନାକୁ ପାଇପ୍ଡ୍ ପ୍ରାକୃତିକ ଗ୍ୟାସ୍ (ପିଏନଜି) ଯୋଗାଇ ଦିଆଯିବ। ଏହି ବୁଝାମଣାପତ୍ର ପାଞ୍ଚ ବର୍ଷ ଅବଧି ପାଇଁ ବୈଧ ରହିବ ଏବଂ ଏହାକୁ ପରବର୍ତ୍ତୀ ସମୟରେ ବୃଦ୍ଧି କରିବାର ବ୍ୟବସ୍ଥା ମଧ୍ୟ ରହିଛି। ୧୯ ମେ ୨୦୨୬ ରେ ରାଉରକେଲା ଇସ୍ପାତ କାରଖାନା ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏମ.ଏମ) ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସ୍ୱାକ୍ଷର ସମାରୋହରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏମ.ଏମ) ଶ୍ରୀ ଅନିଲ୍ କୁମାର, ସିଜିଏମ (ମାର୍କେଟିଂ) ଶ୍ରୀ ଟି. ବିନୋଦ, ସିଜିଏମ (ୟୁଟିଲିଟିଜ୍ ଆଣ୍ଡ ଏନଭାଇରନମେଣ୍ଟ) କୁମାରୀ ଆଶା କାର୍ଥା, ଜିଏମ (ଏମ.ଏମ -ପର୍ଚେଜ୍) ଶ୍ରୀ ସି. ଭି. ଆପ୍ପାରାଓ ଏବଂ କାରଖାନାର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମେସର୍ସ ଗେଲ୍ (ଗେଲ୍) ଇଣ୍ଡିଆ ଲିମିଟେଡ୍‌ର ସିଜିଏମ (ମାର୍କେଟିଂ- ମୁଖ୍ୟ) ମହମ୍ମଦ ଜାଫର ଖାନ ଏବଂ ସେଲ୍, ରାଉରକେଲା ଇସ୍ପାତ କାରଖାନା ର ଜିଏମ (ଅକ୍ସିଜେନ ପ୍ଲାଣ୍ଟ) ଶ୍ରୀ ୟୁ. କେ. ଭୁଜବଳ ଏହି ଚୁକ୍ତିନାମା ଦସ୍ତାବିଜରେ ସ୍ୱାକ୍ଷର କରିଥିଲେ। ଏନର୍ଜି ମ୍ୟାନେଜମେଣ୍ଟ ବିଭାଗ ଏବଂ ଅକ୍ସିଜେନ ପ୍ଲାଣ୍ଟର ପ୍ରତିନିଧିମାନେ ମଧ୍ୟ ଏହି କାର୍ଯ୍ୟକ୍ରମର ସାକ୍ଷୀ ରହିଥିଲେ। ଏହି ଚୁକ୍ତିନାମା କାରଖାନାର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଏକ ବିକଳ୍ପ ଇନ୍ଧନ ଉତ୍ସର ନିରନ୍ତର ଉପଲବ୍ଧତାକୁ ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପିଏନଜିର ବ୍ୟବହାର ଯୋଗୁଁ ପ୍ରୋପେନ୍ ଗ୍ୟାସ୍ ଉପରେ ନିର୍ଭରଶୀଳତା ଯଥେଷ୍ଟ ହ୍ରାସ ପାଇବ ଏବଂ ଗୁରୁତ୍ୱପୂର୍ଣ୍ଣ ଉତ୍ପାଦନ ପ୍ରକ୍ରିୟାରେ କାର୍ଯ୍ୟକ୍ଷମ ବିଶ୍ୱସନୀୟତା ଏବଂ ଦକ୍ଷତା ବୃଦ୍ଧି ପାଇବ। ଏହି ପ୍ରୟାସର ଅଂଶସ୍ୱରୂପ, କାରଖାନାକୁ ପିଏନଜି ଯୋଗାଣ ପାଇଁ ଆବଶ୍ୟକୀୟ ପାଇପଲାଇନ ଭିତ୍ତିଭୂମି ବିଛାଇବାରେ ମଧ୍ୟ ଗେଲ ସହାୟତା ପ୍ରଦାନ କରିବ। ପିଏନଜି ର ପ୍ରଚଳନ ଦ୍ୱାରା ରାଉରକେଲା ଇସ୍ପାତ କାରଖାନା କୁ ଅନେକ ଦୀର୍ଘକାଳୀନ ସୁବିଧା ମିଳିବ ବୋଲି ଆଶା କରାଯାଉଛି, ଯେଉଁଥିରେ ସ୍ୱଚ୍ଛ ଇନ୍ଧନର ବ୍ୟବହାର, ଉନ୍ନତ ଶକ୍ତି ଦକ୍ଷତା, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ଏବଂ ଉତ୍ତମ ମୂଲ୍ୟ ଅପ୍ଟିମାଇଜେସନ ସାମିଲ ଅଛି। ପ୍ରାକୃତିକ ଗ୍ୟାସ୍ ଆଡ଼କୁ ଏହି ପରିବର୍ତ୍ତନ କାରଖାନାର ସ୍ଥାୟୀ ବିକାଶ ଲକ୍ଷ୍ୟ ଏବଂ ସବୁଜ ଉତ୍ପାଦନ ପ୍ରୟାସକୁ ଆହୁରି ସମର୍ଥନ କରିବ, ଏଥିସହିତ କାର୍ଯ୍ୟକଳାପ ପାଇଁ, ବିଶେଷ କରି ଅକ୍ସିଜେନ ପ୍ଲାଣ୍ଟ ଏବଂ ଅନ୍ୟାନ୍ୟ ୟୁଟିଲିଟି ଅଞ୍ଚଳରେ ଏକ ସ୍ଥିର ଏବଂ ପରିବେଶ ଅନୁକୂଳ ଇନ୍ଧନ ଯୋଗାଣ ସୁନିଶ୍ଚିତ କରିବ। ସାମ୍ପ୍ରତିକ ଭୂ-ରାଜନୈତିକ ଅନିଶ୍ଚିତତା ଏବଂ ପାରମ୍ପରିକ ତଥା ଆମଦାନୀ ହେଉଥିବା ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରିବାର ବଢୁଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପ୍ରୟାସ ଅଧିକ ଗୁରୁତ୍ୱ ବହନ କରୁଛି।

# ଲବଣ ସତ୍ୟାଗ୍ରହ ସଂଗ୍ରାମୀ ସ୍ମୃତିପୀଠ କୁହୁଡ଼ିରେ ଗାନ୍ଧୀ ମନ୍ଦିର ନିର୍ମାଣ ଦାବି

ଭୁବନେଶ୍ୱର, ୨୩/୫ (ନି.ପ୍ର): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥିଙ୍କ ଦ୍ୱାରା ୧୧.୪.୧୯୭୪ ମସିହାରେ ସମ୍ବଲପୁର ସହରର ଭତରାଠାରେ ଗାନ୍ଧୀ ମନ୍ଦିର ପ୍ରତିଷ୍ଠା କରାଯାଇ ପ୍ରତ୍ୟହ ପୂଜକଙ୍କ ଦ୍ୱାରା ନିୟମିତ ଦୁଇବେଳା ଗାନ୍ଧୀଜୀଙ୍କୁ ପୂଜା କରାଯାଇ ଆସୁଅଛି। ସେହିପରି ଭାରତବର୍ଷର ଅନ୍ୟତମ ଐତିହାସିକ ତୀର୍ଥଭୂମି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ କୁହୁଡି। ୧୯୩୦ ମସିହା ମଇ ୨୧ ତାରିଖ ଦିନ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ଗାନ୍ଧୀବାଦୀ ନେତା ପୂର୍ଣ୍ଣାନନ୍ଦ ସ୍ୱାଇଁ, ମଧୁସୂଦନ ମିଶ୍ର, ଭୁବନାନନ୍ଦ ସ୍ୱାଇଁ ଓ ବାଳକୃଷ୍ଣ ସ୍ୱାଇଁ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ ଓ ଲବଣ ସତ୍ୟାଗ୍ରହୀମାନେ ମାନେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଏଠାରେ ଲବଣ ଆଇନ ଭଙ୍ଗ କରିଥିଲେ। ଯାହା ଆଜି ମଧ୍ୟ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଗାନ୍ଧୀଜୀଙ୍କ ଆହ୍ୱାନରେ ଅନୁପ୍ରାଣିତ ଏହି ସଂଗ୍ରାମୀ ସ୍ମୃତି ପୀଠ ପ୍ରତିବର୍ଷ ସ୍ମୃତି ବହନ କରି ଚାଲିଛି। ଉକ୍ତ ପୀଠକୁ ଜୀବନ୍ତ, ଐତିହ୍ୟ ଓ ସଂସ୍କୃତିର ଏକ ପ୍ରମୁଖ ତୀର୍ଥସ୍ଥଳୀର ମାନ୍ୟତା ଦିଆଯାଇ ଏହାର ସାମଗ୍ରୀକ ବିକାଶ ପାଇଁ ସରକାର ପଦକ୍ଷେପ ନେବାକୁ ସ୍ମୃତି ସମିତି ପକ୍ଷରୁ ନିବେଦନ କରାଯାଇଛି। ଗାନ୍ଧୀଜୀଙ୍କ ଆଦର୍ଶ ଓ ତାଙ୍କର ସାମଗ୍ରୀକ ଜୀବନ ସମ୍ପର୍କରେ ଯୁବସମାଜ ଅଧିକରୁ ଅଧିକ ଜାଣିବା ଦରକାର।

ରବିବାର, ମଇ ୨୪, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସହରାଂଚଳ ଶାସନ ବ୍ୟବସ୍ଥା ଉପରେ ଆଇଏଏସ୍ ପ୍ରୋବେସନରଙ୍କୁ ଦିଗଦର୍ଶନ ଦେଲା ଟିମ୍ ଅର୍ବାନ୍

ଭୁବନେଶ୍ୱର, ୧୮/୫ (ନି.ପ୍ର): ଓଡ଼ିଶାର କ୍ରମବିକଶିତ ସହରାଂଚଳ ଶାସନ ଗଠନତନ୍ତ୍ର ଏବଂ ନାଗରିକ-କେନ୍ଦ୍ରିକ ଆଭିମୁଖ୍ୟ ବିଷୟରେ ବିସ୍ତୃତ ଧାରଣା ପ୍ରଦାନ କରିବା ଉଦ୍ଦେଶ୍ୟରେ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଓଡ଼ିଶା କ୍ୟାଡରର ୨୦୨୫ ବ୍ୟାଚ୍ ର ୬ ଜଣ ଆଇଏଏସ୍ ପ୍ରୋବେସନରଙ୍କ ପାଇଁ ଏକ ଓରିଏଂଟେସନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପୌରପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଭାଗର ବରିଷ୍ଠ ଅଧିକାରୀ ଓ ବିଭିନ୍ନ ବିଭାଗୀୟ ମୁଖ୍ୟମାନେ ଯୋଗଦେଇ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ କାର୍ଯ୍ୟକଳାପ, ଫ୍ଲାଗସିପ୍ କାର୍ଯ୍ୟକ୍ରମ ଏବଂ ଆନୁଷ୍ଠାନିକ ବ୍ୟବସ୍ଥା ବିଷୟରେ ଉପସ୍ଥାପନା କରିଥିଲେ। ଏହି ଆଲୋଚନା ସମୟରେ 'ଟିମ୍ ଅର୍ବାନ୍' ପକ୍ଷରୁ ପ୍ରୋବେସନର ମାନଙ୍କୁ ସହରାଂଚଳର ପ୍ରମୁଖ ଯୋଜନା ଯଥା— ସୁଲଭ ମୂଲ୍ୟରେ ବାସଗୃହ, ଜଳ ଯୋଗାଣ, ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା, ସହରାଂଚଳ ଭିତିଭୂମି ଏବଂ ପ୍ରଯୁକ୍ତିବିଦ୍ୟା ଆଧାରିତ ଶାସନ ପ୍ରଣାଳୀ ବିଷୟରେ ଅବଗତ କରାଯାଇଥିଲା। ସମନ୍ୱିତ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ମାଧ୍ୟମରେ ନୀତିଗତ ନିଷ୍ପତିଗୁଡ଼ିକୁ କିଭଳି ପ୍ରଭାବଶାଳୀ ଜନସେବାରେ ରୂପାନ୍ତରିତ କରାଯାଉଛି, ସେ ସମ୍ପର୍କରେ ଅଧିକାରୀମାନେ ବୁଝାଇଥିଲେ। ଦ୍ରୁତ ସହରୀକରଣର ଆହ୍ୱାନଗୁଡ଼ିକୁ ସମ୍ଭାଳିବା ପାଇଁ ସହାନୁଭୂତିପୂର୍ଣ୍ଣ, ପ୍ରତିକ୍ରିୟାଶୀଳ ଏବଂ ହିତାଧିକାରୀ-କେନ୍ଦ୍ରିକ ଶାସନର ଆବଶ୍ୟକତା ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଥିଲା।

# ମିତ୍ରପୁର ଅଞ୍ଚଳରେ ଖଣି ବିଭାଗର ଅଚାନକ ଚଢ଼ାଉ: ୨ ଗାଡି ଜବତ



ନୀଳଗିରି, ୨୩/୫ (ନି.ପ୍ର): ଆଜି ଅପରାହ୍ନରେ ୪ଟା ସମୟରେ କନିଷ୍ଠ ଖଣିଅଧିକାରୀ ଜଗନ୍ନାଥ ବେହେରା, ସମ୍ପିତ ମାଣିକ ଅଚାନକ ମିତ୍ରପୁର ଅଞ୍ଚଳରେ ଏକ ପଡ଼ିଆରେ ମୋରମ ମହଜୁଦ ରଖିଥିବା ମାଲିକଙ୍କ ଉପରେ ୨୩,୪୫୦ଟଙ୍କା ଫାଇନକରି ଥିବା ବେଳେ ମୋରମ ମହଜୁଦ ନିକଟରେ ଥିବା ଓଡି ୦୧ଏମ ୪୪୫୧ନମ୍ବର ଏକ ପଥର ବୋଝେଇ ଟିପର ଗାଡ଼ିଟିକୁ ସିଜ କରିଛନ୍ତି। ଅପରପକ୍ଷରେ ଚଣ୍ଡିପୁର ଜଙ୍ଗଲରୁ ଆସୁଥିବା ଏକ ପକ୍ଲିନକୁ ଜବତକରି ନୀଳଗିରି ଥାନାରେ ଜିମା ଦେଇଛନ୍ତି। ସୋମବାର ଦିନ ଅଫିସ ଖୋଲିଲେ ଗାଡିଗୁଡିକର ଫାଇନ କରାଯିବାସହ ଥାନାରେ ଅଭିଯୋଗ କରାଯିବ ବୋଲି ଜୁନିୟର ଖଣିଅଧିକାରୀ ଶ୍ରୀ ବେହେରା କହିଛନ୍ତି।ଉକ୍ତ ଚଢ଼ାଉରେ ଅତିରିକ୍ତ ଏସପି ତଥା ଭାରପ୍ରାପ୍ତ ନୀଳଗିରି ଏସ୍ ଡିପିଓ ପ୍ରମୋଦ କୁମାର ମଲ୍ଲିକ, ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ, ନୀଳଗିରି ତହସିଲଦାର ସୋନମ ଦାସ ଓ ଏପିଆର ଫୋର୍ସ ସାମିଲଥିବା ଦେଖିବାକୁ ମିଳିଛି।

# ବାଲେଶ୍ୱର ବ୍ରାହ୍ମସମାଜ ପରିସରରେ ମହାତ୍ମା ରାଜା ରାମମୋହନ ରାୟଙ୍କ ୨୫୪ତମ ଜୟନ୍ତୀ ସମାରୋହ



ବାଲେଶ୍ୱର, ୨୩/୫ (ନି.ପ୍ର): ଭାରତବର୍ଷରେ ଦୀର୍ଘବର୍ଷ ଧରି ଚାଲିଥିବା ଏକ ଅମାନୁଷିକ କୁସଂସ୍କାରର ମୂଳୋତ୍ପାଟନ କରି ସମଗ୍ର ଭାରତୀୟ ନାରୀମାନଙ୍କ ପାଇଁ ମୁକ୍ତିସୂର୍ଯ୍ୟ ଉଦୟ କରାଇଥିବା, ସତୀଦାହ ଭଳି ଘୃଣ୍ୟପ୍ରଥାର ବିଲୋପ ଏବଂ ବାଲ୍ୟବିବାହ ଉଚ୍ଛେଦ ସହ ବିଧବା ବିବାହ ପ୍ରଚଳନ ଭଳି ମହାନ ସଂସ୍କାର ଆଣିଥିବା ମହାତ୍ମା ରାଜାରାମମୋହନ ରାୟଙ୍କ ୨୫୪ତମ ପୁଣ୍ୟ ଜୟନ୍ତୀ ବାଲେଶ୍ୱର ସହରସ୍ଥ ସୁଏଲପୁର ଠାରେ ଥିବା ଉତ୍କଳ ନବବିଧାନ ବ୍ରାହ୍ମସମାଜ ପରିସରରେ ୨୨ତାରିଖ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବ୍ରହ୍ମଉପାସନା ଆଚାର୍ଯ୍ୟ ବିଶ୍ୱରଞ୍ଜନ ପଣ୍ଡା କରିଥିଲାବେଳେ ସଂଗୀତ ଗାନ କରିଥିଲେ ସତ୍ୟସିଂହ ଦାସ, ସୁଧିରଚନ୍ଦ୍ର ଦାସ, ଗୀତି ପଣ୍ଡାଙ୍କ ସହ ଉପସ୍ଥିତ ସଦସ୍ୟଗଣ। ଏହାପରେ ବକ୍ତୃତା ପ୍ରଦାନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଚାର୍ଯ୍ୟ ଇଂ ଅମରେନ୍ଦ୍ର କର ସଭାପତିତ୍ୱ କରିଥିଲାବେଳେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଇତିହାସ ବିଭାଗର ପ୍ରଫେସର ଡ. ଅନନ୍ତ କର ଏବଂ ମୁଖ୍ୟବକ୍ତ ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅରବିନ୍ଦ ଗିରି ଓ ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରାକ୍ତନ ସଦସ୍ୟ କବି ଡ. କାଳୀପଦ ପଣ୍ଡା ଯୋଗଦାନ କରି ବ୍ରିଟିଶ ଶାସନକାଳରେ ରାଜା ରାମମୋହନ ଭାରତରେ ଧର୍ମାନ୍ଧମାନଙ୍କ ଦ୍ୱାରା ପ୍ରଚଳିତ ହୋଇଆସୁଥିବା ଲୋମହର୍ଷଣକାରୀ ସତୀଦାହ ପ୍ରଥାକୁ କିଭଳି ଉଚ୍ଛେଦ କରିବା ପାଇଁ ସାରା ଜୀବନ ସଂଗ୍ରାମ କରି ସଫଳ ହୋଇଥିଲେ ତାହାର ତଥ୍ୟ ଓ ତତ୍ତ୍ୱଗତ ଉପସ୍ଥାପନା କରି ରାମମୋହନଙ୍କ ଅବଦାନ ଭାରତ ଭୂଖଣ୍ଡ ପାଇଁ ସଦା ଚିରସ୍ମରଣୀୟ ବୋଲି ମତବ୍ୟକ୍ତ କରିଥିଲେ। ଉତ୍କଳ ନବବିଧାନ ବ୍ରାହ୍ମସମାଜ ବାଲେଶ୍ୱର ଶାଖାର ସଭାପତି ଶ୍ରୀମତୀ ସୁଚିତ୍ରା ଦାସ ଓ ସଂପାଦକ ଶ୍ରୀଯୁକ୍ତ ଜିତେନ୍ଦ୍ର କର ସ୍ୱାଗତ ସମ୍ଭାଷଣ ତଥା କୃତଜ୍ଞତା ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ ଜ୍ଞାନରଞ୍ଜନ ପଣ୍ଡା, ଶାକ୍ୟସିଂହ ଦାସ, ସତ୍ୟସିଂହ ଦାସ, ଅଶ୍ୱିନୀ କୁମାର କର, ସୁଶ୍ରୀ ସିପ୍ରା ଦାସ, ଶ୍ରୀମତୀ ସ୍ୱପ୍ନା କର, ଶ୍ରୀମତୀ ଚିତ୍ରା ଦାସ, ଚଞ୍ଚଳ ଚନ୍ଦ୍ର ବର୍ଦ୍ଧନ, ଶ୍ରୀମତୀ ରୂପାବେଣୀ ପଣ୍ଡା, ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ।

# ବାଡ଼ିଆଘାଟରୁ ବାଲିମାଫିଆଙ୍କୁ ଧରିବାକୁ ଯାଇ ଆହତ ହେଲେ ଫାଣ୍ଡି ଅଧିକାରୀ

ନୀଳଗିରି, ୨୩/୫ (ନି.ପ୍ର): ଶୁକ୍ରବାର ବିଳମ୍ବିତ ରାତିରେ ସୋନ ନଦୀର ବାଡ଼ିଆଘାଟରେ ବାଲିମାଫିଆ ମାନେ ବାଲି ଚୋରିକରୁଥିବାର ଅତିରିକ୍ତ ଏସପି ପ୍ରମୋଦ କୁମାର ମଲ୍ଲିକ ବିଶେଷ ସୂତ୍ରରୁ ଖବରପାଇଥିଲେ।ଶ୍ରୀଯୁକ୍ତ ମଲ୍ଲିକଙ୍କ ନିର୍ଦ୍ଦେଶରେ ଅଯୋଧ ଫାଣ୍ଡି ଅଧିକାରୀ ସୁମନ୍ତ କୁମାର ପାତ୍ର ଓ କନେଷ୍ଟବଳ ରବୀନ୍ଦ୍ର କୁମାର ମଢେଇ ଏକ ମଟରସାଇକେଲରେ ଘଟଣାସ୍ଥଳକୁ ଯାଇଥିଲେ। ଫାଣ୍ଡି ଅଧିକାରୀ ଶ୍ରୀ ପାତ୍ରଙ୍କଠାରେ ବନ୍ଧୁକ ଦେଖି ବାଲିମାଫିଆ ଛୁ ମାରିଥିଲେ। ବାଲିମାଫିଆ ମାନଙ୍କୁ ଧରିବାକୁଯାଇ ଫାଣ୍ଡି ଅଧିକାରୀ ଶ୍ରୀ ପାତ୍ର ଓ କନେଷ୍ଟବଳ ଆହତ ହୋଇଥିବା ଜଣାପଡିଛି।

# ବନ୍ଧୁକ ଦେଖାଇ କଳା କନା ବୁଲାଇଲେ

ଭଦ୍ରକ , ୨୩/୫ (ନି.ପ୍ର): ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଆମ୍ବରୁଳି ଗାଁରେ ବନ୍ଧୁକ ମୁନରେ ଲୁଟ। ସୂଚନା ଅନୁଯାଇ ଏହି ଗାଁର ଗଙ୍ଗାଧର ମଲ୍ଲିକ ନିଜ ପରିବାର ସହ ଘରେ ଥିବା ସମୟରେ ସାତ ଜଣ ଡକାୟତ ହାତରେ ବନ୍ଧୁକ ଛୁରୀ ଦେଖାଇ ଭୟଭୀତ କରି ସୁନା ଗୋହନା ସହ ୨୨ ଲକ୍ଷ ଲୁଟି ନେଇଥିବା ଅଭିଯୋଗ ହେଇଚି। ବିଳମ୍ବିତ ରାତିରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ନିକଟ ଆମ୍ବରୋଳି ପଞ୍ଚାୟତ ତଳାଙ୍ଗ କେନାଲ ବନ୍ଧ ଗଙ୍ଗାଧର ମଲ୍ଲିକଙ୍କ ଘରୁ ଡକାୟତି। ଗତକାଲି ରାତ୍ରୀ ରେ ୭-୮ ଜଣ ଡକାୟତ ଆସି ପରିବାର ଲୋକ ଙ୍କୁ ଭୟଭୀତ କରି ୨୨ ଲକ୍ଷ ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟିନେଲେ. ଗଙ୍ଗାଧର ଜମି କିଣିବାକୁ ଟଙ୍କା ରଖିଥିବା ବେଳେ ଜମି କିଣିବା ପୂର୍ବରୁ ଲୁଟିନେଲେ ଲୁଟେରା। ପୋଲିସର ତଦନ୍ତ ଆରମ୍ଭ ।

# ସମାଧାନ ସମାରୋହ ଆସନ୍ତା ଅଗଷ୍ଟ ମାସ ୨୧ରୁ ୨୩

ଭଦ୍ରକ:- ୨୩/୫/୨୬ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକଙ୍କ ତରଫରୁ ସୂଚନା ଦିଆଯାଇଛି ଯେ ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟଙ୍କ ବିଶେଷ ଲୋକ ଅଦାଲତ (ସମାଧାନ ସମାରୋହ) -୨୦୨୬ ଆସନ୍ତା ଅଗଷ୍ଟ ମାସ ୨୧, ୨୨, ଓ ୨୩ ତାରିଖରେ ଆୟୋଜନ ହେବାକୁ ଯାଉଅଛି। ଏହି ବିଶେଷ ଲୋକ ଅଦାଲତର ଉଦ୍ଦେଶ୍ୟ ହେଉଛି ସହମତି ଆଧାରିତ ସମାଧାନ ବ୍ୟବସ୍ଥା ମାଧ୍ୟମରେ ମକଦ୍ଦମାକାରୀ ଏବଂ ଅଂଶୀଦାରମାନଙ୍କୁ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିବା ସହିତ ସହଯୋଗ କରିବା ଏବଂ ଏହି ସୁଯୋଗର ସଦୁପଯୋଗ କରିବା। ଏ ସମ୍ପର୍କରେ ସବିଶେଷ ବିବରଣୀ ପାଇଁ ତଥା ବିବାଦର ସମାଧାନ ପାଇଁ ଜିଲ୍ଲା ଆଇନ ସେବା ପ୍ରଧୀକାରଣର ସମ୍ମୁଖ କାର୍ଯ୍ୟାଳୟରେ ଖୁବ ଶୀଘ୍ର ଯୋଗାଯୋଗ କରିବା ପାଇଁ ଆଇନସେବା ପ୍ରଧୀକାରଣ ପକ୍ଷରୁ କୁହାଯାଇଛି।

# ବାଲେଶ୍ୱର ପୌରପାଳିକା ପକ୍ଷରୁ ଚାଲିଥିବା ମହାନାଳ ସଫେଇ କାର୍ଯ୍ୟର ତଦାରଖ କଲେ ବିଧାୟକ ମାନସ ଦତ୍ତ

## ମୌସୁମୀ ବର୍ଷା ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କାର୍ଯ୍ୟ ସାରିବାକୁ ଅଧିକାରୀଙ୍କୁ ଦେଲେ ନିର୍ଦ୍ଦେଶ

ବାଲେଶ୍ୱର, ୨୩/୫ (ନି.ପ୍ର): ବାଲେଶ୍ୱର ସହରରୁ ଉଦବୃତ ବର୍ଷା ଜଳ ନିଷ୍କାସନ ସମସ୍ୟା ଦୀର୍ଘ ବର୍ଷ ପୁରୁଣା । ଏହି ସମସ୍ୟାର ଦୀର୍ଘମିଆଦୀ ନିରାକରଣ ପାଇଁ ମହାନାଳ ପୁନରୁଦ୍ଧାର ଯୋଜନା କାର୍ଯ୍ୟକାରୀ ପ୍ରକ୍ରିୟା ସମ୍ପ୍ରତି ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଆସନ୍ତା ମୌସୁମୀ ବାୟୁ ପ୍ରବାହ ଜନିତ ବର୍ଷରତୁକୁ ଦୃଷ୍ଟିରେ ରଖି ଉଦବୃତ ବର୍ଷା ଜଳର ସୁଚାରୁ ରୂପେ ନିଷ୍କାସନ ପାଇଁ ସମସ୍ତ ମହାନାଳଗୁଡିକର ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି । ବାଲେଶ୍ୱର ପୌରପାଳିକା ପକ୍ଷରୁ ୫୦ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକୁ ସହରର ବିଭିନ୍ନ ସ୍ଥାନରେ ପହଂଚି ତଦାରଖ କରିଥିଲେ ସଦର ବିଧାୟକ ମାନସ କୁମାର ଦତ୍ତ । ପ୍ରଥମେ ସହରର ଲାଲବାହାଦୂର ଶାସ୍ତ୍ରୀ ମାର୍ଗର ଶ୍ରୀନିକ୍ସ କଲେଜ ନିକଟରେ ମହାନାଳର ଅବସ୍ଥା ଦେଖିବା ସହ ସଠିକ୍ ଢଙ୍ଗରେ ସଫେଇ କାର୍ଯ୍ୟ ସାରିବାକୁ ପୌରପାଳିକା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଚିଡିଆପୋଲ ନିକଟରେ ମହାନାଳର ଜଳ ନିଷ୍କାସନ ବ୍ୟବସ୍ଥାର ସାମ୍ପ୍ରତିକ ଅବସ୍ଥା ଅନୁଧ୍ୟାନ ସହ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅଧିକାରୀଙ୍କୁ କହିଥିଲେ । ମହାନାଳଗୁଡିକୁ ମେସିନ ସାହାର୍ଯ୍ୟରେ ସଫେଇ କରାଯାଉଥିବା ବେଳେ ଯେଉଁ ସ୍ଥାନରେ ମେସିନ ନ ପହଂଚିପାରୁଛି ସେଠାରେ ଅଧିକ ସଂଖ୍ୟକ ଶ୍ରମିକ ନିୟୋଜନ ସହ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କାର୍ଯ୍ୟ ସାରିବାକୁ ବିଧାୟକ ଶ୍ରୀ ଦତ୍ତ ପରାମର୍ଶ ଦେଇଥିଲେ । ତେବେ ପୋତି ହୋଇପଡିଥିବା ମହାନାଳର ଆବଶ୍ୟକସ୍ଥଳେ ଖନନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ମହାନାଳ ସଙ୍କୁଚିତ ହୋଇଥିବା ସ୍ଥାନରେ ସଫେଇ ପାଇଁ ବ୍ୟକ୍ତିଗତ ମାଲିକାନାରେ ଥିବା ଜାଗା ମାଲିକଙ୍କ ସହ ଆଲୋଚନା କରିବା ଉପରେ ବିଧାୟକ ଶ୍ରୀ ଦତ୍ତ ଗୁରୁତ୍ୱାରୋପ କରିଛନ୍ତି । ଉଦବୃତ ବର୍ଷାଜଳ ନିଷ୍କାସନକୁ ନେଇ ସହରବାସୀ ଦୀର୍ଘ ଦିନ ଧରି ଯେଉଁ ସମସ୍ୟା ଭୋଗୁଛନ୍ତି, ଆଗାମୀ ଦିନରେ ଯେପରି ତାହାର ପୁନରାବୃତି ନ ହୁଏ ସେଥିପ୍ରତି ପ୍ରାଥମିକତା ଦେବାକୁ ବିଧାୟକ ଶ୍ରୀ ଦତ୍ତ କହିଛନ୍ତି । ବାଲେଶ୍ୱର ସହରର ଆଖପାଖ ଅଂଚଳ ଓ ସହର ମଧ ଦେଇ ଯାଉଥିବା ମୋଟ ୬ଗୋଟି ମହାନାଳର ସଂସ୍କାର ଯୋଜନା କାର୍ଯ୍ୟକାରୀ ପାଇଁ ପ୍ରକ୍ରିୟା ସମ୍ପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବିଭିନ୍ନ ସ୍ଥାନରେ ମହାନାଳ ପ୍ଲାଷ୍ଟିକ ଆବର୍ଜନା ଦ୍ୱାରା ଅବରୋଧ ହେବାକୁ ନେଇ ଶ୍ରୀ ଦତ୍ତ ଉଦବେଗ ପ୍ରକାଶ ସହ ଜନ ସାଧାରଣ କୌଣସି ପ୍ରକାର ଆବର୍ଜନା ନାଳରେ ନ ପକାଇବାକୁ ଅନୁରୋଧ କରିଛନ୍ତି। ଜଳ ନିଷ୍କାସନରେ ସୁଧାର ଆଣିବା ପାଇଁ ପୌରପାଳିକା ପକ୍ଷରୁ ଚାଲିଥିବା ଅଭିଯାନରେ ବିଧାୟକ ଶ୍ରୀ ଦତ୍ତ ସହରବାସୀଙ୍କ ସହଯୋଗ କାମନା କରିଛନ୍ତି। ଏହି ଅବସରରେ ବାଲେଶ୍ୱର ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସିରିୟାଲ ଶୁଭ୍ର ପଟେଲ ଓ ପୌରପାଳିକା ଯନ୍ତ୍ରୀ ସୀମାଂଚଳ ମିଶ୍ରଙ୍କ ସହ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ପୋରପାଳିକାର କାଉନସିଲର ଗୌରାଙ୍ଗ ଦାସ, ଉପେନ୍ଦ୍ର ଶତପଥୀ, ସୁଧାଂଶୁ ପଣ୍ଡା, ରାଜେନ୍ଦ୍ର ଚାଟାର୍ଜୀ, ପବନ କମିଳା, ଜିତେନ୍ଦ୍ର ପରମାଣିକ, ଦୁର୍ଗା ବେହେରା, ବାବୁଲି ଧଳ, ଶୈଳେନ୍ଦ୍ର ଦାଶ, ଜୟ ପ୍ରକାଶ ଦାଶ, ସଞ୍ଜୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।




# ଆତଙ୍କ ଖେଳାଇଥିବା ଦୁର୍ଦ୍ଧାନ୍ତ ଚୋରକୁ କାବୁ କରି ପୋଲିସକୁ ଜିମା ଦେଲେ ଗ୍ରାମବାସୀ

ଜଳେଶ୍ୱର, ୨୩/୫ (ନି.ପ୍ର): ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅନ୍ତର୍ଗତ ଖୁଆଡ଼ ପଞ୍ଚାୟତ ପୁରୁଣାପାଣି ଗ୍ରାମରେ ଦୀର୍ଘ ଦିନରୁ ଚାଲିଥିବା ଚୋରର ଆତଙ୍କ ଏବେ ଶେଷ ହୋଇଛି। ଗ୍ରାମରେ ଘନ ଘନ ଚୋରି କରି ଆତଙ୍କ ଖେଳାଇଥିବା ଜଣେ ୨୫ ବର୍ଷୀୟ ଯୁବକ ସେହି ପୁରୁଣାପାଣି ଗ୍ରାମରେ ସଞ୍ଜୟ ଗାନ୍ଧୀଙ୍କ ପୁଅ ତାପସ ଗାନ୍ଧୀକୁ ଗ୍ରାମବାସୀ ସାହସର ସହ କାବୁ କରି ରାଇବଣିଆ ପୋଲିସରେ ଜିମା ଦେଇଛନ୍ତି। ଚୋରଟି ଧରାପଡ଼ିବା ପରେ ପୁରୁଣାପାଣି ଗ୍ରାମ ସହିତ ଏହାର ଆଖପାଖ ଅଞ୍ଚଳର ଲୋକେ ଏବେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ପୁରୁଣାପାଣି ଏବଂ ଏହାର ଆଖପାଖ ଅଞ୍ଚଳରେ କିଛି ବର୍ଷ ହେବ ଚୋରି ମାମଲା କ୍ରମାଗତ ଭାବେ ବଢ଼ିବାରେ ଲାଗିଥିଲା,ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ବେଶ୍ ଚିନ୍ତାରେ ଥିଲେ। ତେବେ ଶନିବାର ସକାଳ ସମୟରେ ଉକ୍ତ ଚୋରଟି ପୁରୁଣାପାଣି ଗ୍ରାମରେ ବୁଲୁଥିବା ବେଳେ ଲୋକଙ୍କ ନଜରରେ ପଡ଼ିଯାଇଥିଲା। ଗ୍ରାମବାସୀଙ୍କୁ ଦେଖି ସେ ସେଠାରୁ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ, ଉପସ୍ଥିତ ସ୍ଥାନୀୟ ଲୋକେ ଚତୁରତାର ସହ ତାକୁ ଚାରିପଟୁ ଘେରି କାବୁ କରିନେଇଥିଲେ। ଏହାପରେ ରାଇବଣିଆ ଥାନାକୁ ତୁରନ୍ତ ଖବର ଦିଆଯାଇଥିଲା। ଖବର ପାଇ ରାଇବଣିଆ ପୋଲିସ ପକ୍ଷରୁ ଏଏସଆଇ ରାମେଶ୍ୱର ସୋରେନ ଏବଂ ଚନ୍ଦନ ମହାନ୍ତି ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। କିଛି ମାସ ପୂର୍ବେ ସେ ଗ୍ରାମର ଭୀମ ସିଂଙ୍କ ଘରୁ ଏକ ହିରୋ ସ୍ପ୍ଲେଣ୍ଡର ପ୍ଲସ ମୋଟର ସାଇକେଲ ଚୋରି କରିଥିଲା।ସାଗର ଜେନା ଏବଂ ଥମ ମାରାଣ୍ଡିଙ୍କ ଗାଇ ଚୋରି କରିବାରେ ମଧ୍ୟ ତାର ସମ୍ପୃକ୍ତି ଥିଲା। ଗ୍ରାମରେ ଏଭଳି ଅନେକ ଚୋରି କରିବା ପରେ ସେ ପୋଲିସ ଆଖିରେ ଧୂଳି ଦେଇ ହାଇଦ୍ରାବାଦ ପଳାଇଥିଲା।ସେଠାରେ ଥିବା ସମୟରେ ଗ୍ରାମର ଅନ୍ୟ ଜଣେ ବ୍ୟକ୍ତି ଅକ୍ଷୟ ଗାନ୍ଧିଙ୍କ ଠାରୁ ନଗଦ ୪୦ ହଜାର ଟଙ୍କା ଓ ଏକ ଗ୍ୟାସ ସିଲିଣ୍ଡର ଚୋରି କରି ବିକି ଦେଇ ସେଠାରୁ ମଧ୍ୟ ଫେରାର ହୋଇଯାଇଥିଲା। ଗ୍ରାମବାସୀଙ୍କ କହିବା ଅନୁସାରେ, ଉକ୍ତ ଚୋର ପାଖରେ ଏକ ଚୋରା ବନ୍ଧୁକ ମଧ୍ୟ ରହିଛି। ସେହି ବନ୍ଧୁକ ଦେଖାଇ ସେ ସ୍ଥାନୀୟ ଲୋକଙ୍କୁ ସଦାବେଳେ ଭୟଭୀତ କରୁଥିଲା ଏବଂ ନିଜର ପ୍ରଭାବ ବିସ୍ତାର କରୁଥିଲା। ବର୍ତ୍ତମାନ ପୋଲିସ ଅଭିଯୁକ୍ତକୁ ୭୯/୨୬ ନମ୍ବର ର ମାମଲା ମୂଳେ ଗିରଫ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।ଚୋରା ବନ୍ଧୁକ ଓ ଅନ୍ୟାନ୍ୟ ଚୋରି ସାମଗ୍ରୀ ଉଦ୍ଧାର ପାଇଁ ପୋଲିସ ପକ୍ଷରୁ ପଚରାଉଚରା କରାଯାଉଥିବା ସୂଚନା ମିଳିଛି।

# ୧୯୯୪ ମାଟ୍ରିକ ବନ୍ଧୁ ମିଳନ ପାଇଁ ପ୍ରସ୍ତୁତି ବୈଠକ



ବାସୁଦେବପୁର, ୨୩/୫ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ମାନଙ୍କ ପକ୍ଷରୁ ୧୯୯୪ ମସିହା ମାଟ୍ରିକ ବ୍ୟାଚ୍ ବନ୍ଧୁ ମିଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଆସନ୍ତା କାଲି ଏହି ବନ୍ଧୁ ମିଳନ ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏହି ପ୍ରସ୍ତୁତି ବୈଠକ ରେ ଯୋଗ ଦେଇଥିଲେ ଅବସର ପ୍ରାପ୍ତ ଶିକ୍ଷକ ବିଶିଷ୍ଟ ଶିକ୍ଷାବିତ୍ ଦୁଃଶାସନ ରାଉତ, ଗଜେନ୍ଦ୍ର ମିଶ୍ର ,ଲୋକନାଥ ଶତପଥୀ, ରେବତୀ କାନ୍ତ ପାଢ଼ୀ ଏବଂ ପୁରାତନ ଛାତ୍ର ବନ୍ଧୁ ଗଣ। ଏହି ବନ୍ଧୁ ମିଳନ ଉତ୍ସବରେ ସ୍ୱର୍ଗତ ଶିକ୍ଷକ ବନ୍ଧୁ ଓ ଛାତ୍ର ବନ୍ଧୁ ମାନଙ୍କ ପାଇଁ ନୀରବ ପ୍ରାର୍ଥନା କରାଯିବ ଏବଂ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହେବ। ଏହି ଉତ୍ସବରେ କ୍ରିକେଟ ମ୍ୟାଚ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ର ବ୍ୟବସ୍ଥାମଧ୍ୟ ରହିଛି। ଅନେକ ପୁରାତନ ଛାତ୍ର ଓ ଅବସର ପ୍ରାପ୍ତ ଶିକ୍ଷକ ବନ୍ଧୁ ସେମାନଙ୍କର ଅତୀତର ସ୍ମୃତି ଚାରଣ କରିବେ ବୋଲି ଏହି ବୈଠକରେ ସ୍ଥିର ହୋଇ ଥିଲା। ଏହି ବନ୍ଧୁ ମିଳନ ଉତ୍ସବରେ ସମସ୍ତେ ଯୋଗ ଦେଇ ଉତ୍ସବକୁ ସଫଳ କରିବା ପାଇଁ ପୁରାତନ ଛାତ୍ର ଅମିତ୍ ଅମିତାଭ ମହାକୁଡ଼ ଆବାହକ ଭାବେ ସମସ୍ତଙ୍କୁ ଅନୁରୋଧ ଜଣାଇଛନ୍ତି। ଏହି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକରେ ସମସ୍ତ ପୁରାତନ ଛାତ୍ର ଯୋଗ ଦେଇଥିଲେ।

# ପାଠପଢ଼ାରେ ଡ଼ୋରି ବାନ୍ଧିଲେ ବାପଛେଉଣ୍ଡ କନ୍ୟା 'ଆଲାଦି'

ଉଦଳା, ୨୩/୫ (ନି.ପ୍ର): କପ୍ତିପଦା ବ୍ଲକର ଜେ.ଏସ୍. ଜାମଡ଼ିହା ପଂଚାୟତ ଅନ୍ତର୍ଗତ ଦାମାସାହିସ୍ଥିତ ମାଙ୍କିଡ଼ିଆ କଲୋନିରେ ବସବାସ କରୁଥିବା ସ୍ୱର୍ଗତଃ ନରେନ୍ଦ୍ର ମାଙ୍କିଡ଼ିଆଙ୍କ ୧୦ ବର୍ଷ ବୟସର କନ୍ୟା ଆଲାଦି ମାଙ୍କିଡ଼ିଆ ଆଜକୁ ୩ବର୍ଷ ଧରି ପାଠପଢ଼ାରେ ଡ଼ୋରି ବାନ୍ଧିଦେବାକୁ ବାଧ ହୋଇଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଖବର ନେବାରୁ ଗ୍ରାମନିକଟରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଲାଦି ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । ବାପାଙ୍କର ଦେହାନ୍ତ ପରେ ପରିବାର ଚଳାଇବା ମାତା ବାସନ୍ତିଙ୍କ ପକ୍ଷେ ଖୁବ୍ କଷ୍ଟକର ହୋଇପଡ଼ିଲା । ଏପରିକି ସରକାର ଯୋଗାଇ ଦେଉଥିବା ଖାଦ୍ୟ ଯୋଜନାରେ ଚାଉଳ ଓ ସାମାଜିକ ସୁରକ୍ଷା ଯୋଜନାରେ



ଭତା ଏହିପରିବାରକୁ ମିଳିଲା ନାହିଁ । ଫଳରେ ଆଲାଦି ଜଙ୍ଗଲରୁ ଶାଳପତ୍ର ସଂଗ୍ରହ କରି ଖଲିଟିପି ପଇସା ରୋଜଗାର କଲେ । ଏହି ପଇସାରେ ପରିବାର ନିର୍ଭର କରୁଥିବାରୁ ଆଲାଦି ପାଠପଢ଼ା ଛାଡ଼ି ଦେବାକୁ ବାଧ ହେଲେ । ଦିର୍ଘବର୍ଷ ଧରି ସେ ବିଦ୍ୟାଳୟ ଯାଇ ନାହାଁନ୍ତି, କିନ୍ତୁ ବିଦ୍ୟାଳୟ ଖାତାରେ ତାଙ୍କର ନାମ ଗଡ଼ିଚାଲିଛି କି କଟି ଯାଇଛି ତାହା ତାଙ୍କୁ ଜଣାନଥିବାର କଥା ସେ କହିଛନ୍ତି । ସେହିପରି ଆଲାଦିଙ୍କର ଆଧାରକାର୍ଡ଼ ନଥିବାର କଥା ଜଣାଇଛନ୍ତି । ଆଧାର କାର୍ଡ଼ ପାଇଁ ବାରମ୍ବାର ଫଟୋ ଉଠାଉଥିଲେ ମଧ ତାଙ୍କର ଆଧଶର କାର୍ଡ଼ କାହିଁକି ଆସୁନାହିଁ ତାହା ତାଙ୍କୁ ଜଣାନଥିବାର ଜଣାଇଛନ୍ତି । ଦିର୍ଘ ବର୍ଷ ଧରି ବିଦ୍ୟାଳୟକୁ ଆସୁନଥିବା ଆଲାଦିଙ୍କୁ ବିଦ୍ୟାଳୟ ତରଫଂରୁ କେବେ ଖୋଜା ମଧ ପଡ଼ିନାହିଁ । ମାଙ୍କିଡ଼ିଆ ଜନଜାତିର ଛାତ୍ର ଛାତ୍ରୀ ମାନେ ଏହିପରି ବିଭିନ୍ନ କାରଣରୁ ପାଠଠାରୁ ଦୁରେଇ ଯାଉଥିବା ବେଳେ ଏଠାରେ କାର୍ଯ୍ୟରତ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ନିରବଦ୍ରଷ୍ଟା ସାଜିବା ଖୁବ୍ ଯନ୍ତ୍ରଣାଦାୟକ ହୋଇ ଉଠିଛି ବୋଲି ଅନେକ ମତ ଦେଇଛନ୍ତି । ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । କିନ୍ତୁ ଆଲାଦିଙ୍କ ପରି ବହୁ ସଂଖ୍ୟାରେ ପିଲା ଏବେ ମଧ ବିଦ୍ୟାଳୟ ବାହାରେ ଅଛନ୍ତି । କିନ୍ତୁ ସରକାରୀ ଫାଇଲଚାଷରେ ସବୁକିଛି ଠିକ୍ ଠାକ ଚାଲିଛି ବୋଲି ଦର୍ଶାଯାଉଥିବାର କଥା ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି । ତେବେ ଝିଅ ଅଲାଦିଙ୍କୁ କୌଣସି ହଷ୍ଟେଲରେ ରଖିଦେବାକୁ ମାତା ବାସନ୍ତି ଗୁହାରି ଜଣାଇଛନ୍ତି । ହଷ୍ଟେଲରେ ରହିଲେ ତାଙ୍କର ଝିଅ ପେଟପୁରା ଖାଇବାକୁ ପାଇବ ବୋଲି ସେ ଆଶା ବାନ୍ଧିଛନ୍ତି । ରାଜ୍ୟ ସରକାର ତୁରନ୍ତ ଉକ୍ତ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛାସେବି ସଂଗଠନ ଅନୁରୋଧ ଜଣାଇଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida